ODIA DAILY EDITION

28.11.2025

କଟକ, ଶୁକ୍ରବାର

ପୃଷ୍ଠା-୪+୪, ମୂଲ୍ୟ-₹ ୨.୦୦

ନଭେମ୍ବର-୨୮, ୨୦୨୫

ବର୍ଷ-୩୭, ସଂଖ୍ୟା-୧୪୦

RNI Regd. NO- 48239/89

P.R.NO-CK(C)/16/2024-2026

# ମାତୃଭାଷା

ପ୍ରତିଷ୍ଠାତା: ବିକାଶ କର

MATRUBHASA

36 Years of publication SINCE 1989

Epaper- www.matrubhasa.com | matrubhasanews@gmail.com | matrubhasanews@yahoo.co.in | facebook.com/matrubhasanews


## ଅଭିଯୋଗ ସମାଧାନରେ ଅବହେଳା

## ୩୬ ଜଣଙ୍କ ଦରମା ବନ୍ଦ

**କଟକ, ୨୭।୧୧:** କଟକ ପ୍ରଶାସନ ଉପରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଖପ୍ପାକୁ ନେଇ ଦରମା ବନ୍ଦ ପ୍ରସଙ୍ଗ। ସାନି ସଂଶୋଧନ ତାଲିକା ଜାରି କରିଛି କଟକ ଜିଲ୍ଲା ପ୍ରଶାସନ। ୯୧ ଜଣଙ୍କ ସ୍ଥାନରେ ପ୍ରଶାସନ ୩୬ ଜଣଙ୍କ ବନ୍ଦ କରିଛି। ବରିଷ୍ଠ ପାହ୍ୟା ଅଧିକାରୀମାନେ ପୂର୍ବ ତାଲିକାରୁ ବାଦ୍ ପଡିଛନ୍ତି। ଏ ନେଇ ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ ସୂଚନା ଦେଇଛନ୍ତି। କଟକ ପ୍ରଶାସନ ଉପରେ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠ ଖପ୍ପା ରହିଛି। ଅଭିଯୋଗ ସମାଧାନ କ୍ଷେତ୍ରରେ କଟକ ସବୁଠୁ ପଛରେ ରହିଛି।

## ବସ୍ ଧର୍ମଘଟ ନିଷ୍ପତ୍ତି ପ୍ରତ୍ୟାହୃତ

**ଭୁବନେଶ୍ୱର, ୨୭।୧୧:** ଡିସେମ୍ବର ୧ ତାରିଖରୁ ବସ୍ ବନ୍ଦ ଡାକରା ନିଷ୍ପତ୍ତି ପ୍ରତ୍ୟାହୃତ ହୋଇଛି । ବସ୍ ବନ୍ଦ ଡାକରା ପ୍ରତ୍ୟାହୃତ ନେଇ ଘରୋଇ ବସ୍ ସଂଘ ସୂଚନା ଦେଇଛି । ପରିବହନ ବିଭାଗ ସହ ଆଲୋଚନା ପରେ ପ୍ରତ୍ୟାହୃତ ହୋଇଛି ବନ୍ଦ ଡାକରା । ପୋଲିସ ଚେକିଂ ବ୍ୟବସ୍ଥା ଲାଗୁ ହେବନି ପ୍ରତିଶ୍ରୁତି ପରେ ପ୍ରତ୍ୟାହୃତ ହୋଇଛି । ନିଷ୍ପତ୍ତି ନେଇ ଅଧିକ ତର୍ଜମା ଓ ପରୀକ୍ଷଣ ସାପେକ୍ଷ ପ୍ରସ୍ତାବ ସହମତି ପ୍ରକାଶ ପାଇଛି । ରାଜ୍ୟ ସରକାରଙ୍କ ତରଫରୁ ଯାନବାହନ ଚେକିଂ କରିବା ନିମନ୍ତେ ପୋଲିସ୍ ବିଭାଗକୁ ଅତିରିକ୍ତ କ୍ଷମତା ପ୍ରଦାନ ମସୁଧା ଗଣମାଧ୍ୟମରେ ପ୍ରଚାରିତ ହେବା ପରେ ରାଜ୍ୟ ବସ୍ ମାଲିକ ସଂଘ ତୀବ୍ର ପ୍ରତିକ୍ରିୟା କରି ବସ ଚଳାବଳ ବନ୍ଦ ରହିବ ବୋଲି ଚେତାବନୀ ଦିଆଯାଇଥିଲା।

## ଇତିହାସ ରଚିଲା ଓଡ଼ିଶା ବିଧାନସଭା ■ ସମ୍ବୋଧିତ କଲେ ରାଷ୍ଟ୍ରପତି

# ଆଚରଣ ଓ ଉଚ୍ଚାରଣରେ ସଂଯମ ରଖ

- ମହତାବ, ବିଜୁ ପଟ୍ଟନାୟକଙ୍କ ସମେତ ଓଡ଼ିଶାର ଅନେକ ବରପୁତ୍ରଙ୍କୁ ମନେପକାଇଲେ
- ୨୦୩୬ ସୁଦ୍ଧା ଏକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଏକାଠି କାମ କରିବାକୁ ପରାମର୍ଶ ଦେଲେ
- ନାଗରିକଙ୍କ ଆଶା ପୂରଣ ଓ ସେମାନଙ୍କ ସ୍ୱପ୍ନକୁ ସାକାର କରିବା ଜନପ୍ରତିନିଧିମାନଙ୍କର କର୍ତ୍ତବ୍ୟ

**ଭୁବନେଶ୍ୱର, ୨୭।୧୧:** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଭୁବନେଶ୍ୱରଠାରେ ଓଡ଼ିଶା ବିଧାନସଭାର ସଦସ୍ୟମାନଙ୍କୁ ସମ୍ବୋଧିତ କରିଛନ୍ତି।

ରାଷ୍ଟ୍ରପତି ଓଡ଼ିଶା ବିଧାନସଭାର ସଦସ୍ୟମାନଙ୍କୁ ସମ୍ବୋଧିତ କରିବା ସମୟରେ ଗୃହ ସହ ଜଡ଼ିତ ନିଜ ପୁରୁଣା ଦିନର ସ୍ମୃତିକୁ ମନେ ପକାଇଥିଲେ। ସେ କହିଥିଲେ, ବହୁ ବର୍ଷ ପରେ ଏହି ସ୍ଥାନର ପୁରୁଣା ସ୍ମୃତି ପୁଣି ଥରେ ଜୀବନ୍ତ ହୋଇଛି।

ରାଷ୍ଟ୍ରପତି କହିଥିଲେ, ଭାରତର ସ୍ୱାଧୀନତା ସଂଗ୍ରାମ ଏବଂ ରାଷ୍ଟ୍ର ନିର୍ମାଣରେ ଓଡ଼ିଶା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଏହି ଭୂମି ଚଣ୍ଡାଶୋକଙ୍କୁ ଧର୍ମାଶୋକରେ ପରିଣତ ହେବାର ସାକ୍ଷୀ ଥିଲା। ସେ ଆହୁରି ମଧ୍ୟ କହିଥିଲେ, ବିଦେଶୀ ଶାସନ ବିରୁଦ୍ଧରେ ଲଢ଼ି ଓଡ଼ିଶାର ଆଦିବାସୀ ସମ୍ପ୍ରଦାୟ ଦେଶ ପାଇଁ ଏକ ଉଦାହରଣ ସୃଷ୍ଟି କରିଛନ୍ତି। ରାଷ୍ଟ୍ରପତି କହିଥିଲେ, ଓଡ଼ିଶାରେ ମହିଳା ସଶକ୍ତିକରଣର ଏକ ପ୍ରାଚୀନ ପରମ୍ପରା ରହିଛି। ଏହା ଗର୍ବର ବିଷୟ ଯେ ଓଡ଼ିଶା ବିଧାନସଭାରେ ମହିଳା ପ୍ରତିନିଧିତ୍ୱର ଏକ ଲମ୍ବା ଇତିହାସ ରହିଛି। ସ୍ୱାଧୀନତା ପୂର୍ବରୁ ଏବଂ ପରେ, ଓଡ଼ିଶାରେ ମହିଳା ପ୍ରତିନିଧିତ୍ୱ ବିନା କୌଣସି ବିଧାନସଭା ହୋଇନାହିଁ। ଓଡ଼ିଶାର ମହିଳାମାନେ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରି ଦେଶକୁ ଗର୍ବିତ କରିଛନ୍ତି ବୋଲି ସେ କହିଥିଲେ ।

ରାଷ୍ଟ୍ରପତି କହିଥିଲେ, ଓଡ଼ିଶା ବିଧାନସଭା ଅନେକ ଜନ କଲ୍ୟାଣକାରୀ ଆଇନ ପାରିତ କରିଛି। ସପ୍ତଦଶ ବିଧାନସଭା ବହୁତ କମ ସମୟ ମଧ୍ୟରେ ଅନେକ ଫଳପ୍ରଦ ବୈଠକ ସମ୍ପାଦନ କରିଥିବାରୁ ସେ ଖୁସି ବ୍ୟକ୍ତ କରିଥିଲେ। ଏହି ବିଧାନସଭାରେ ଆଲୋଚନାର ଏକ ସୁସ୍ଥ ପରମ୍ପରା ରହିଛି ବୋଲି ସେ ସୂଚାଇଥିଲେ। ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଥିଲେ, ଓଡ଼ିଶା ଦ୍ରୁତ ପ୍ରଗତି କରୁଛି । କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଆଦିବାସୀ ଏବଂ ଅନ୍ୟାନ୍ୟ ପଛୁଆ ଗୋଷ୍ଠୀର ବିକାଶ, ଗୃହ ନିର୍ମାଣ, ବିପର୍ଯ୍ୟୟ ପରିଚାଳନା ଇତ୍ୟାଦି କ୍ଷେତ୍ରରେ ଅନେକ ନୂତନ ପଦକ୍ଷେପ ଗ୍ରହଣ କରିଥିବାରୁ ସେ ଓଡ଼ିଶା ସରକାରଙ୍କ ପ୍ରଶଂସା କରିଥିଲେ। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମିଳିତ ପ୍ରୟାସରେ ଓଡ଼ିଶାରେ ଶିଳ୍ପାୟନ ପ୍ରକ୍ରିୟା ଏକ ନୂତନ ରୂପ ନେଉଛି ବୋଲି ସେ ଖୁସି ପ୍ରକାଶ କରିଥିଲେ।

ରାଷ୍ଟ୍ରପତି କହିଥିଲେ, ପ୍ରକୃତି ଓଡ଼ିଶାକୁ ସମସ୍ତ ପ୍ରକାରର ଦାନ ଦେଇ ଆଶୀର୍ବାଦ କରିଛି। ଏହି ରାଜ୍ୟ ପ୍ରଚୁର ଖଣିଜ ଭଣ୍ଡାର, ଜଙ୍ଗଲ ଏବଂ ଜଳସମ୍ପଦ ସହିତ ମାନବ ସମ୍ବଳରେ ଆଶୀର୍ବାଦପ୍ରାପ୍ତ। ଓଡ଼ିଶାର ପରିବେଶ କୃଷି, ଶିଳ୍ପ ଏବଂ ବାଣିଜ୍ୟର ବିକାଶ ପାଇଁ ଅତ୍ୟନ୍ତ ଅନୁକୂଳ। ଏହି ସମସ୍ତ ସୁବିଧାର ଉପଯୋଗ କରି ଓଡ଼ିଶାକୁ ଦେଶର ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରାଯାଇପାରିବ। ରାଷ୍ଟ୍ରପତି କହିଥିଲେ, ୨୦୩୬ ମସିହାରେ ଓଡ଼ିଶା ଗଠନର ଶତବାର୍ଷିକୀ ପାଳନ କରାଯିବ। ଯଦି ସମସ୍ତ ଅଂଶୀଦାରମାନେ ୨୦୩୬ ସୁଦ୍ଧା ଏକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଏକାଠି କାମ କରିପାରିବେ, ତେବେ ଏହା ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ର କରିବାରେ ଓଡ଼ିଶାର ସର୍ବୋତ୍ତମ ଅବଦାନ ହେବ। ସମସ୍ତେ 'ପ୍ରଥମେ ରାଷ୍ଟ୍ର' ମନୋଭାବ ସହିତ



କାମ କରିବେ ବୋଲି ସେ ବିଶ୍ୱାସ ପ୍ରକଟ କରିଥିଲେ ।

ରାଷ୍ଟ୍ରପତି କହିଥିଲେ, ବିଧାୟକମାନେ ହେଉଛନ୍ତି ଜନପ୍ରତିନିଧି। ଓଡ଼ିଶାର ଲୋକଙ୍କର ସେମାନଙ୍କ ଉପରେ ଅପାର ଆଶା ଓ ବିଶ୍ୱାସ ରହିଛି ଏବଂ ସେମାନେ ସେମାନଙ୍କୁ ଏକ ବଡ଼ ଦାୟିତ୍ୱ ଦେଇଛନ୍ତି। ନାଗରିକଙ୍କ ଆଶା ପୂରଣ କରିବା, ସେମାନଙ୍କ ସ୍ୱପ୍ନକୁ ସାକାର କରିବା ଏବଂ ସେମାନଙ୍କ ମୁହଁରେ ହସ ଫୁଟାଇବା ସମସ୍ତ ବିଧାୟକଙ୍କ କର୍ତ୍ତବ୍ୟ। ରାଷ୍ଟ୍ରପତି କହିଥିଲେ, ବର୍ତ୍ତମାନ ପ୍ରଯୁକ୍ତିର ଯୁଗ। ଜନପ୍ରତିନିଧି ଭାବରେ, ବିଧାୟକମାନଙ୍କର ଅନେକ ପ୍ରଶଂସକ ଏବଂ ଅନୁଗାମୀ ଅଛନ୍ତି। ସେମାନେ କ'ଣ କୁହନ୍ତି ଏବଂ କ'ଣ କରନ୍ତି ତାହା ଜାଣିବାକୁ ସେମାନେ ଆଗ୍ରହୀ। ସେମାନଙ୍କର ଉଚ୍ଚାରଣ ଓ ଆଚରଣ ଉଭୟ ଅମୂଲ୍ୟ। ବିଧାୟକମାନେ ଗୃହ ଭିତରେ ଏବଂ ବାହାରେ କ'ଣ କୁହନ୍ତି ଏବଂ କିପରି କୁହନ୍ତି, ତାହା ସମସ୍ତଙ୍କୁ ଜଣା। ସେମାନଙ୍କର ଆଚରଣ ଏବଂ ଉଚ୍ଚାରଣ ଏପରି ହେବା ଉଚିତ ଯାହାଦ୍ୱାରା ସେମାନଙ୍କୁ ଅନୁସରଣ କରି ସେମାନଙ୍କ ପ୍ରଶଂସକ ଏବଂ ଅନୁଗାମୀମାନେ ସମାଜ ଓ ରାଜ୍ୟ ଗଠନରେ ସାହାଯ୍ୟ କରିପାରିବେ ବୋଲି ରାଷ୍ଟ୍ରପତି କହିଥିଲେ ।

### ଆଜିର ଦିନଟି ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିବ : ମୁଖ୍ୟମନ୍ତ୍ରୀ

ଗୃହରେ ଅଭିଭାଷଣ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଓଡିଶାର ଗଣତାନ୍ତ୍ରିକ ଇତିହାସରେ ଆଜିର ଦିନଟି ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିବ । ଦୀର୍ଘ ୭୫ ବର୍ଷର ଓଡ଼ିଶା ବିଧାନ ସଭାର ଇତିହାସରେ ପ୍ରଥମ ଥର ପାଇଁ ଆଜି ଆମ ଦେଶର ପ୍ରଥମ ନାଗରିକ, ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ବିଧାନସଭାକୁ ସମ୍ବୋଧନ କରିବା ସହିତ ଆମ ସମସ୍ତଙ୍କୁ ମାର୍ଗଦର୍ଶନ କରିଛନ୍ତି ।

## ବିଧାନସଭା ଶୀତକାଳୀନ ଅଧିବେଶନ ଆରମ୍ଭ

**ଭୁବନେଶ୍ୱର, ୨୭।୧୧:** ବିଧାନସଭାର ଶୀତକାଳୀନ ଅଧିବେଶନ ଆରମ୍ଭ ହୋଇଛି। ଅଧିବେଶନର ପ୍ରଥମ ଦିନରେ ଦିବଙ୍ଗତ ବିଧାୟକ ମାନଙ୍କ ପାଇଁ ଶୋକ ପ୍ରସ୍ତାବ ପାରିତ କରାଯିବା ପରେ ପ୍ରଥମାର୍ଦ୍ଧ ବୈଠକକୁ ସ୍ଥଗିତ କରି ଦିଆଯାଇଥିଲା । ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବାଚସ୍ପତି ଶ୍ରୀମତୀ ସୁରମା ପାଢୀ ଶୋକ ପ୍ରସ୍ତାବ ଆଣିବାକୁ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଡାକିଥିଲେ ।

ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅଣାଯାଇଥିବା ଏହି ଶୋକ ପ୍ରସ୍ତାବକୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଏବଂ ସିପିଆଇଏମ୍ ବିଧାୟକ ଲକ୍ଷ୍ମଣ ମୁଣ୍ଡା ସମର୍ଥନ କରିଥିଲେ । ଏହା ପରେ ବାଚସ୍ପତି ଶ୍ରୀମତୀ ସୁରମା ପାଢୀ ଦିବଙ୍ଗତ ମାନଙ୍କର ଆତ୍ମାର ସଦଗତି କାମନା କରିବା ପାଇଁ ୧ ମିନିଟ୍ ନିରବ ପ୍ରାର୍ଥନା କରିବାକୁ କହିଥିଲେ । ଏକ ମିନିଟ ନୀରବ ପ୍ରାର୍ଥନା କରାଯିବା ପରେ ୪ଟା ୩୦ ଯାଏଁ ମୁଲତବୀ ଘୋଷଣା କରାଯାଇଛି।

### ଆଜି ଅତିରିକ୍ତ ବଜେଟ୍ ଉପସ୍ଥାପନ

ଉଲ୍ଲେଖନୀୟ ଯେ ବିଧାନସଭାର ଏହି ଶୀତକାଳୀନ ଅଧିବେଶନର ଦ୍ୱିତୀୟ ଦିବସ ଶୁକ୍ରବାରରେ ଅର୍ଥାତ ୨୮ ତାରିଖରେ ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ଅତିରିକ୍ତ ବଜେଟ ଉପସ୍ଥାପନ ହେବ। ବଜେଟ ଖର୍ଚ୍ଚ ଦାବି ଉପରେ ଆଲୋଚନା ହୋଇ ୮ ତାରିଖରେ ବ୍ୟୟମଞ୍ଜୁରି ବିଲ୍ ପାରିତ ହେବ। ଚଳିତ ଶୀତ ଅଧିବେଶନରେ ୨୯ ଦିନର କାର୍ଯ୍ୟ ଦିବସ ରହିଛି ।

# ସାଂସଦ ଓ ବିଧାୟକ କରିପାରିବେନି ଶିକ୍ଷକ ବଦଳି

**କଟକ, ୨୭।୧୧:** ଶିକ୍ଷକ ବଦଳି ନିୟମ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ହାଇକୋର୍ଟରୁ ଲାଗିଛି ଝଟକା । ଶିକ୍ଷକ ବଦଳିରେ ରାଜନୈତିକ ହସ୍ତକ୍ଷେପକୁ ନାପସନ୍ଦ କରିଛନ୍ତି ହାଇକୋର୍ଟ ।

### ରାଜ୍ୟ ସରକାରଙ୍କ ଚିଠିକୁ ଅଗ୍ରାହ୍ୟ କଲେ ହାଇକୋର୍ଟ

ରାଜ୍ୟ ସରକାର ଜାରି କରିଥିବା ଚିଠିକୁ ଗୁରୁବାର ଅଗ୍ରାହ୍ୟ କରିଛନ୍ତି ହାଇକୋର୍ଟ ।

ରାଜ୍ୟ ସରକାର ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କ ବଦଳି ପାଇଁ ସାଂସଦ ଏବଂ ବିଧାୟକଙ୍କୁ ଯେଉଁ କ୍ଷମତା ପ୍ରଦାନ କରିଥିଲେ ତାହାକୁ ଖାରଜ କରିଛନ୍ତି ହାଇକୋର୍ଟ । ଜଣେ ସାଂସଦ କିମ୍ବା ବିଧାୟକ ୧୫ ଜଣ ଶିକ୍ଷକଙ୍କ ବଦଳି ପାଇଁ ସୁପାରିଶ କରିପାରିବେ ବୋଲି ରାଜ୍ୟ ସରକାର କହିଥିଲେ । ଶିକ୍ଷା କ୍ଷେତ୍ରରେ ରାଜନୈତିକ ହସ୍ତକ୍ଷେପକୁ ନାପସନ୍ଦ କରିଛନ୍ତି ହାଇକୋର୍ଟ । ପ୍ରାୟ ୩୦ଟି ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି କରି ରାୟ ପ୍ରକାଶ କରିଛନ୍ତି । କିନ୍ତୁ ଯେଉଁମାନଙ୍କର ବଦଳି ହୋଇଯାଇଛି ସେମାନଙ୍କ କ୍ଷେତ୍ରରେ ଏହା ଲାଗୁ ହେବ ନାହିଁ । ସେମାନଙ୍କୁ ଆସନ୍ତା ଶିକ୍ଷା ବର୍ଷକୁ ଅପେକ୍ଷା କରିବାକୁ ପଡ଼ିବ ବୋଲି ସୂଚନା ମିଳିଛି । ଗତ ମେ ୧୩ ତାରିଖରେ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କ ବଦଳି ପାଇଁ ସାଂସଦ ଏବଂ ବିଧାୟକଙ୍କୁ କ୍ଷମତା ପ୍ରଦାନ କରି ରାଜ୍ୟ ସରକାର ବିଜ୍ଞପ୍ତି ପ୍ରକାଶ କରିଥିଲେ । ଶିକ୍ଷା ବ୍ୟବସ୍ଥାରେ ରାଜନୀତିକରଣକୁ ନେଇ ହାଇକୋର୍ଟରେ ଏକାଧିକ ଆବେଦନ ହୋଇଥିଲା । ଯାହାର ରାୟ ଆଜି ପ୍ରକାଶ ପାଇଛି ।





| | |
|---|---|
| ସେନ୍‌ସେକ୍ସ | ୮୫,୭୨୦ |
| ନିଫ୍ଟି | ୨୬,୨୧୫ |
| ସୁନା/୧୦ଗ୍ରା | ୧,୨୯,୩୫୫ |
| ରୂପା/କିଗ୍ରା | ୧,୬୧,୦୦୦ |
| ଡଲାର | ୮୯.୩୭ |

### ପାଣିପାଗ

| | |
|---|---|
| **ସର୍ବାଧିକ** | |
| ଭୁବନେଶ୍ୱର: | ୨୮.୨° |
| କଟକ: | ୨୮.୦° |
| **ସର୍ବନିମ୍ନ** | |
| ଭୁବନେଶ୍ୱର: | ୧୩.୫° |
| କଟକ: | ୧୩.୪° |

### ହାଲ୍‌ଚାଲ୍




ବଙ୍ଗୋପସାଗରରେ ପୁଣି ଏକ ବାତ୍ୟା ଡିଟଓ୍ୱା ସୃଷ୍ଟି ହେଲା ତାମିଲନାଡୁମୁହାଁ ହେବ ବୋଲି ପାଣିପାଗ ବିଭାଗ କହିଲା ରାଜ୍ୟରେ ଛଅ ସହର ତାପମାତ୍ରା ଦଅଶ ତଳକୁ ଖସିଲା ।

### ପୋଲିସ୍ ଏସଆଇ ପରୀକ୍ଷା ସ୍କାମ୍

## ସିବିଆଇର ମାରାଥନ୍ ଜେରା


**ଭୁବନେଶ୍ୱର, ୨୭।୧୧:** ପୋଲିସ୍ ଏସଆଇ ପରୀକ୍ଷା ସ୍କାମ୍ ମାମଲାରେ ସିବିଆଇ କାର୍ଯ୍ୟାଳୟରେ ୪ ଅଭିଯୁକ୍ତଙ୍କୁ ମାରାଥନ୍ ଜେରା କରାଯାଉଛି। ଲୋକନାଥ ସାହୁ, ତଫିମ ଅହମ୍ମଦ, ବିଶ୍ୱଜିତ୍ ହରିଚନ୍ଦନ ଓ ବିଶ୍ୱରଞ୍ଜନ ବେହେରାଙ୍କୁ ମାରାଥନ୍ ଜେରା କରୁଛନ୍ତି ସିବିଆଇ ଅଧିକାରୀ। ଆଜିଠାରୁ ୨୯ ତାରିଖ ୪ ଟା ପର୍ଯ୍ୟନ୍ତ ସମସ୍ତ ଅଭିଯୁକ୍ତଙ୍କୁ ରିମାଣ୍ଡରେ ରଖି ସିବିଆଇ ଜେରା କରିବ । ୪ ଅଭିଯୁକ୍ତଙ୍କ ସହ ୨ ପରୀକ୍ଷାର୍ଥୀଙ୍କୁ ମଧ୍ୟ ସାମ୍ନାସାମ୍ନି ଜେରା କରାଯାଉଛି। ସୂଚନା ଅନୁଯାୟୀ ୨ ପରୀକ୍ଷାର୍ଥୀ ପିପିଲି ଅଞ୍ଚଳର। ସମନ ପାଇବା ପରେ ଆଜି ୨ ପରୀକ୍ଷାର୍ଥୀ ସିବିଆଇ ନିକଟରେ ହାଜର ହୋଇଛନ୍ତି। ଏହି ଘଟଣାରେ ୫୦ରୁ ଅଧିକ ପରୀକ୍ଷାର୍ଥୀଙ୍କୁ ଜେରା କରିଲାଣି ସିବିଆଇ । କେମିତି, କାହାକୁ, କେବେ ଏବଂ କେତେ ଟଙ୍କା ନେଣଦେଣ ହୋଇଛି ସେ ବାବଦରେ ଅନେକ ଗୁଡ଼ିଏ ସୁରାଗ୍ ପାଇଛି । ପ୍ରାଥମିକ ପର୍ଯ୍ୟାୟରେ ଏହି ୪ ଜଣ ଦଲାଲଙ୍କ ସମ୍ପର୍କିତ ତଥ୍ୟ ପାଇବା ପରେ, ରିମାଣ୍ଡରେ ଆଣି ଘାଣ୍ଟିବା ଆରମ୍ଭ କରିଛି ତଦନ୍ତକାରୀ ସଂସ୍ଥା।

## ଟ୍ରେଡିଂ ନାମରେ ୫୦ କୋଟି ଠକେଇ

**ସମ୍ବଲପୁର ୨୭।୧୧:** ବିଗ୍ ଇନଭେଷ୍ଟମେଣ୍ଟ । ବିଗ୍ ରିଟର୍ଣ୍ଣର ପ୍ରଲୋଭନ । ତାପରେ ବିଗ୍ ଫ୍ରଡ୍ । ୫୦କୋଟି ଟଙ୍କାର ଠକେଇ । ଟ୍ରେଡିଂରେ ଇନଭେଷ୍ଟମେଣ୍ଟ କଲେ ମାସକୁ ୧୦ ପ୍ରତିଶତ ରିଟର୍ଣ୍ଣ ଲୋଭ ଦେଖାଇ ସମ୍ବଲପୁରରେ ଇଇ ଏଣ୍ଟରପ୍ରାଇଜେସ୍ ୫୦କୋଟି ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି । ନିବେଶକାରୀ ୫୦କୋଟି ଟଙ୍କା ଠକେଇ ଅଭିଯୋଗ କରିଥିବା ବେଳେ ୨୦କୋଟି ଟଙ୍କାର ଟ୍ରାଞ୍ଜାକ୍ସନ ସାମ୍ନାକୁ ଆସିଥିବା କହିଛନ୍ତି ସମ୍ବଲପୁର ଏସପି ।

# ବଙ୍ଗୋପସାଗରରେ ସୃଷ୍ଟି ହେଲା ବାତ୍ୟା ଡିଟଓ୍ୱା


**ଭୁବନେଶ୍ୱର, ୨୭।୧୧:** ବଙ୍ଗୋପସାଗରରେ ସୃଷ୍ଟି ହେଲା ବାତ୍ୟା ଡିଟଓ୍ୱା। ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ଶ୍ରୀଲଙ୍କା ଉପକୂଳରେ ବାତ୍ୟା ସୃଷ୍ଟି ହୋଇଛି। ଉତ୍ତର-ଉତ୍ତର ପଶ୍ଚିମକୁ ଗତି କରିବ ବାତ୍ୟା। ୩୦ ତାରିଖ ବେଳକୁ ଉତ୍ତର ତାମିଲନାଡୁ-ପୁଡୁଚେରୀ-ଦକ୍ଷିଣ ଆନ୍ଧ୍ରକୁ ମୁହାଁଇବା ନେଇ ସୂଚନା ରହିଛି। ତେବେ ବାତ୍ୟାର ପ୍ରଭାବ ଓଡ଼ିଶାରେ ପଡୁ ନଥିବା ବେଳେ, ସମ୍ଭାବ୍ୟ ବାତ୍ୟାର ପ୍ରଭାବ ତାମିଲନାଡୁ ଓ ଆନ୍ଧ୍ରରେ ରହିବ ବୋଲି ବିଭିନ୍ନ ମଡେଲ ଆକଳନ କରିଛନ୍ତି । ତେବେ ଶ୍ରୀଲଙ୍କା ଉପକୂଳରେ ସୃଷ୍ଟି ହୋଇଥିବା ସମ୍ଭାବ୍ୟ ବାତ୍ୟାର ପ୍ରଭାବରେ ୩୦ରୁ ଡିସେମ୍ବର ୨ ତାରିଖ ଭିତରେ ରାଜ୍ୟର ଦକ୍ଷିଣ ଓଡ଼ିଶାର କିଛି କିଛି ଜିଲ୍ଲା ମାନଙ୍କରେ ସାମନ୍ୟ ହୋଇପାରେ ବୋଲି ପୂର୍ବାନୁମାନ କରାଯାଇଛି ।



### ୧୦ ଡିଗ୍ରୀ ତଳେ ୬ ସହର

ରାଜ୍ୟକୁ ପୁଣି ଫେରିଛି ଶୀତ। ୧୦ ଡିଗ୍ରୀ ତଳେ ରହିଛି ୬ ସହରର ତାପମାତ୍ରା।। ଜି.ଉଦୟଗିରି ୭.୪, ରାଉରକେଲା ୭.୭ , ଝାରସୁଗୁଡା ୮.୧ , ସେମିଲିଗୁଡା ୮.୬, କିରେଇ ୯.୩, ଦାରିଙ୍ଗବାଡି ୯.୫, ଭୁବନେଶ୍ୱର ୧୩.୫ ଏବଂ କଟକରେ ତାପମାତ୍ରା ୧୩.୪ ଡିଗ୍ରୀ ରେକର୍ଡ ହୋଇଛି।

ମଙ୍ଗଳବାର ରାତିରେ ଦାରିଙ୍ଗିବାଡ଼ିରେ ୧୦ ଡିଗ୍ରୀ, ରାଉରକେଲାରେ ୧୦.୧, ଝାରସୁଗୁଡ଼ାରେ ୧୦.୪, ଫୁଲବାଣୀରେ ୧୨, କେନ୍ଦୁଝରରେ ୧୨.୫, ସୁନ୍ଦରଗଡ଼ରେ ୧୨.୬, କୋରାପୁଟରେ ୧୩.୨, ବାରିପଦାରେ ୧୨.୬, ଭବାନୀପାଟଣା ଓ ନବରଙ୍ଗପୁରରେ ୧୩.୮, ଭଦ୍ରକରେ ୧୪, ଢେଙ୍କାନାଳରେ ୧୪.୧, ରାୟଗଡ଼ାରେ ୧୪.୪, ସମ୍ବଲପୁରରେ ୧୫.୨, ବଲାଙ୍ଗିରରେ ରାତି ତାପମାତ୍ରା ୧୫.୫ ଡିଗ୍ରୀ ରହିଥିଲା । କଟକରେ ୧୪.୬ ଡିଗ୍ରୀ ଓ ରାଜଧାନୀ ଭୁବନେଶ୍ୱରରେ ୧୬ ଡିଗ୍ରୀ ରେକର୍ଡ ହୋଇଥିଲା ।

MBA/25-26/0459

ମାତୃଭାଷା



## ହାଲୋ ବଲିଉଡ୍



### 'ତେରେ ଇଶ୍କ ମେଁ' ଟ୍ରେଲର୍ ଆଉଟ୍

ଶୁକ୍ରବାର ମୁକ୍ତିଲାଭ କରିବ କ୍ରିତି ସାନନଙ୍କ ଅପ୍‌କମିଙ୍ଗ ଫିଲ୍ମ 'ତେରେ ଇଶ୍କ ମେଁ'। ଫିଲ୍ମରେ ତାଙ୍କ ଅପୋଜିଟରେ ଅଛନ୍ତି ସାଉଥ୍ ସୁପରଷ୍ଟାର୍ ଧନୁଷ । ତେବେ ବୁଧବାର ବାରାଣସୀର ଆଇପି ମଲ ଫିଲ୍ମର ଟ୍ରେଲର୍ ରିଲିଜ୍ ହୋଇଛି । ଏହା ପରେ କ୍ରିତି ଓ ଧନୁଷ ବାବା ବିଶ୍ୱନାଥଙ୍କ ଦର୍ଶନ କରି ଫିଲ୍ମର ସଫଳତା ପାଇଁ ପୂଜା କରିଛନ୍ତି । ତା'ପରେ ଦଶାଶ୍ୱମେଧ ଘାଟରେ ଗଙ୍ଗା ଆରତୀ କରିଛନ୍ତି । ଏ ନେଇ କ୍ରିତି କହିଛନ୍ତି, ବାରାଣସୀର ଆଧ୍ୟାତ୍ମିକ ଉର୍ଜ୍ଜା ଓ ସଂସ୍କୃତି ମୋତେ ଗଭୀର ଭାବେ ପ୍ରଭାବିତ କରିଛି । ଏଠାକୁ ଆସି ମୁଁ ଅତ୍ୟନ୍ତ ଭାଗ୍ୟଶାଳୀ ମନେକରୁଛି । 'ତେରେ ଇଶ୍କ ମେଁ' ଏକ ପ୍ରେମକାହାଣୀ, ଯାହା ତର୍କ, ସମୟ ଓ ଭାଗ୍ୟକୁ ଚାଲେଞ୍ଜ୍ ଦେଇଛି । ଶଙ୍କର ଓ ମୁକ୍ତିଙ୍କ ଉପରେ ଫିଲ୍ମର କାହାଣୀ ପର୍ଯ୍ୟବସିତ । ପୂର୍ବରୁ ଏହାର ଟିଜର୍ ରିଲିଜ୍ ହୋଇଛି, ଯାହାକୁ ଦର୍ଶକ ଖୁବ୍ ପସନ୍ଦ କରିଛନ୍ତି । କିଛି ଏହାକୁ ଧନୁଷଙ୍କ ସୁପର୍‌ହିଟ୍ ଫିଲ୍ମ 'ରାଂଝଣା' ସହ ତୁଳନା କରୁଛନ୍ତି । ୨ ମିନିଟ୍ ୪ ସେକେଣ୍ଡ୍ର ଟିଜର୍‌ରେ ଧନୁଷ ଓ କ୍ରିତିଙ୍କ ଦମ୍‌ଦାର କେମିଷ୍ଟ୍ରି ଦେଖିବାକୁ ମିଳିଛି । ଫିଲ୍ମର କାହାଣୀ ଲେଖିଛନ୍ତି ହିମାଂଶୁ ଶର୍ମା, ନିର୍ଦ୍ଦେଶନା ଦେଇଛନ୍ତି ଆନନ୍ଦ ଏଲ୍. ରାୟ । ପ୍ରଥମ ଥର କ୍ରିତି-ଧନୁଷଙ୍କ ଯୋଡ଼ିକୁ ପରଦାରେ ଦେଖିବା ପାଇଁ ଦର୍ଶକ ଖୁବ୍ ଉତ୍ସାହିତ ଅଛନ୍ତି । ଫିଲ୍ମର ଗୀତକୁ ନେଇ ଭଲ ପ୍ରତିକ୍ରିୟା ମିଳୁଛି । ବକ୍ସ ଅଫିସ୍‌ରେ ଏହା ଭଲ ପ୍ରଦର୍ଶନ କରିବ ବୋଲି ଟିମ୍ର ବିଶ୍ୱାସ ।

# କଂଗ୍ରେସକୁ ମନେ ପକାଇଲେ ଡିକେ



**ବେଙ୍ଗାଲୁରୁ:** କର୍ଣ୍ଣାଟକ କଂଗ୍ରେସରେ ସୃଷ୍ଟି ହୋଇଥିବା ବିଦ୍ରୋହ ଥମିବାର ନାଁ ନେଉ ନାହିଁ । ଗୋଟିଏ ଦିଗରେ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଏବଂ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ସମର୍ଥିତ ବିଧାୟକ ମୁହାଁମୁହିଁ

**'କଥା ଦେଇ କଥା ରଖିବା ବଡ କଥା'**

ହୋଇଛନ୍ତି । ଅନ୍ୟ ଦିଗରେ କଂଗ୍ରେସକୁ ପୁରୁଣା କଥା ମନେ ପକାଇଛନ୍ତି ଶିବକୁମାର । ଦଳ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତିକୁ ସେ ମନେ ପକାଇଛନ୍ତି ।

ଏକ କାର୍ଯ୍ୟକ୍ରମକୁ ସମ୍ବୋଧନ କରି ସେ କହିଛନ୍ତି ଯେ, କଥାରେ ଅଛି ଶବ୍ଦର ଶକ୍ତି ହେଉଛି ବିଶ୍ୱର ଶକ୍ତି । କଥା ଦେଇ କଥା ରଖିବା ହେଉଛି ପୃଥିବୀର ଶ୍ରେଷ୍ଠ ଶକ୍ତି । ଏହା ବିଚାରପତି, ରାଷ୍ଟ୍ରପତି ଏବଂ ସାଧାରଣ ଲୋକଙ୍କ ପାଇଁ ପ୍ରଯୁଜ୍ୟ । ଏହାକୁ ସମସ୍ତେ ସମ୍ମାନ ଦେବା ଜରୁରୀ । ସେ ଆହୁରି କହିଛନ୍ତି ଯେ, ଯେଉଁମାନେ ତାଙ୍କ ସମର୍ଥନରେ ରହିଛନ୍ତି ସମସ୍ତଙ୍କୁ ଧନ୍ୟବାଦ । ସମସ୍ତେ ଚଉକିର ମୂଲ୍ୟ ବୁଝିପାରନ୍ତି ନାହିଁ ବୋଲି ସେ ପ୍ରକାଶ କରିଛନ୍ତି ।

ସୂଚନାଯୋଗ୍ୟ, କର୍ଣ୍ଣାଟକ କଂଗ୍ରେସରେ ସବୁ କିଛି ଠିକ୍ ଚାଲିନି । ନେତୃତ୍ୱ ପରିବର୍ତ୍ତନ ପାଇଁ ଦାବି କରୁଛନ୍ତି ଉପ ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ଗୋଷ୍ଠୀ । ମୁଖ୍ୟମନ୍ତ୍ରୀ ବଦଳାଇବା ପାଇଁ ଦିଲ୍ଲୀରେ ଲବି ଆରମ୍ଭ ହୋଇଯାଇଛି । ସେମାନେ ସିଦ୍ଧରମୈୟାଙ୍କୁ ଗ୍ରହଣ କରିପାରୁନାହାଁନ୍ତି । ବାରମ୍ବାର ଦିଲ୍ଲୀ ଗସ୍ତ କରି ଟପ୍ ନେତାଙ୍କୁ ଭେଟି ଦାବି ଉପସ୍ଥାପନା କରୁଛନ୍ତି । ତେବେ ଡିସେମ୍ବର ପୂର୍ବରୁ ଏଆଇସିସିର ଶୀର୍ଷ ନେତୃତ୍ୱ ଏବାବଦରେ ଚୂଡାନ୍ତ ନିଷ୍ପତ୍ତି ନେବା ନେଇ ଚର୍ଚ୍ଚା ହେଉଛି ।

ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡଗେ ଖୁବ୍ ଶୀଘ୍ର ରାହୁଲ ଗାନ୍ଧୀଙ୍କୁ ଭେଟିବେ । ଗୁରୁବାର ଉଭୟ ନେତା ସାକ୍ଷାତ କରିପାରନ୍ତି । ଉଭୟ ସିଦ୍ଧରମୈୟା ଏବଂ ଡିକେ ଶିବକୁମାରଙ୍କୁ ଦିଲ୍ଲୀ ଡକାଯିବ । ନଭେମ୍ବର ୨୮ କିମ୍ବା ୨୯ରେ ସେମାନେ ଦିଲ୍ଲୀ ଗସ୍ତ କରିବେ । ଦୁଇ ନେତା ଖୋଲାଖୋଲି ଭାବେ ବିଭିନ୍ନ ବୟାନ ଦେଇଥିବା ବାବଦରେ ସେମାନଙ୍କୁ ପ୍ରଶ୍ନ କରାଯାଇପାରେ ।

କୁହାଯାଉଛି ଯେ, କଂଗ୍ରେସର ହାଇକମାଣ୍ଡ କର୍ଣ୍ଣାଟକ ଅଡୁଆକୁ ଶୀଘ୍ର ତୁଟାଇବା ମୁଡରେ ଅଛନ୍ତି । ଆସନ୍ତା ଶୀତ ଅଧିବେଶନ ପୂର୍ବରୁ ଏପ୍ରସଙ୍ଗରେ ପୂର୍ଣ୍ଣଚ୍ଛେଦ ପଡିବ । ଦକ୍ଷିଣରେ ନିଜର ସ୍ଥିତି ବଜାୟ ରଖିବା ପାଇଁ କର୍ଣ୍ଣାଟକ ସରକାରରେ ସ୍ଥିରତା ଜରୁରୀ ବୋଲି ଦଳ ବୁଝିସାରିଛି ।

## ଜିଲ୍ଲାସ୍ତରୀୟ ସମ୍ବିଧାନ ଦିବସ ପାଳିତ

**ମାଲକାନଗିରି:** ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବିଧାନ ଦିବସ ପାଳନ କରାଯାଇଛି। ଭାରତୀୟ ସମ୍ବିଧାନ ପ୍ରତି ନାଗରିକଙ୍କ ପ୍ରତିବଦ୍ଧତା ଏବଂ ଦାୟିତ୍ୱବୋଧ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରା ଆୟୋଜନ କରାଯାଇଛି । ଏହାକୁ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଭାରତୀୟ ଜନସାଧାରଣଙ୍କ ମୌଳିକ ଅଧିକାରର ସୁରକ୍ଷା କ୍ଷେତ୍ରରେ ସମ୍ବିଧାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ସମ୍ବିଧାନ ମୌଳିକ ଅଧିକାରକୁ ସୁନିଶ୍ଚିତ କରେ। ଏହା ମୌଳିକ ଅଧିକାରର ସୁରକ୍ଷା କବଚ ପାଲିଟି ଥାଏ ବୋଲି ଜିଲ୍ଲା ପରିଷଦ କାର୍ଯ୍ୟାଳୟ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମତ ପ୍ରକାଶ କରିଥିଲେ ଅତିରିକ୍ତ ଜିଲ୍ଲାପାଳ । ଜିଲ୍ଲା ପରିଷଦ କାର୍ଯ୍ୟାଳୟର ଅର୍ଥ ପରିଚାଳକ ମାନସ ମିଶ୍ର ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ପରିଚାଳକ ହିମାଂଶୁ ଭୂଷଣ ମହାରଣା ଯଥାକ୍ରମେ ତ୍ରିସ୍ତରୀୟ ପଞ୍ଚାୟତ ରାଜ ବ୍ୟବସ୍ଥା ଓ ପେସା ଆଇନ ବିଷୟରେ ଛାତ୍ରଛାତ୍ରୀ ଙ୍କୁ ସୂଚନା ଦେଇଥିଲେ। ଏଠାରେ ରଙ୍ଗୋଲି ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।ସେହିପରି ଏମଭି-୭ ଜଗନ୍ନାଥପଲ୍ଲୀ ଉଚ୍ଚ ବିଦ୍ୟାଳୟ ଠାରେ ସମ୍ବିଧାନ ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ, ଭାଗିରଥୀ ବେହେରା ଓ କାର୍ଯ୍ୟକ୍ରମ ପରିଚାଳକ ଦକ୍ଷତା ବିକାଶ ଶ୍ରୀ ମହାରଣା ଉପସ୍ଥିତ ଥିଲେ।

### ଇଞ୍ଜିନିୟରିଂ କଲେଜ ପାଳଟିଥିଲା ସାଇବର ଠକେଇର ସେଣ୍ଟର

# ୯୦ କୋଟି ଲୁଟିନେଇଥିଲେ ୭ ଛାତ୍ର



ନୂଆଦିଲ୍ଲୀ: ପାଠପଢା ଛାଡି ଠକେଇରେ ମାତିଥିଲେ ଛାତ୍ର । ଜଣେ କି ଦୁଇ ଜଣ ନୁହେଁ ୭ ଜଣ ଛାତ୍ର ସାଇବର ଠକେଇରେ ସାମିଲ ଥିବାର ଅଭିଯୋଗରେ ଏବେ ଗିରଫ ହୋଇଛନ୍ତି । ପୁଡୁଚେରୀର ସାଇବର ଅପରାଧ ପୋଲିସ ଏକ ସାଇବର ଠକେଇ ନେଟୱାର୍କର ପର୍ଦ୍ଦାଫାସ କରିଛି। ଏହି ନେଟୱାର୍କ ଏକ ଇଞ୍ଜିନିୟରିଂ କଲେଜ ଭିତରୁ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ତଦନ୍ତକାରୀ ଅଧିକାରୀମାନେ କହିଛନ୍ତି ଯେ ଏହା ମୂଳତଃ ସାଇବର ଅପରାଧର ଏକ କେନ୍ଦ୍ର ଥିଲା।

ପ୍ରକୃତରେ, ସାଇବର ଅପରାଧ ବାବଦରେ ତଦନ୍ତ ବେଳେ ପୋଲିସ ଜାଣିପାରିଲା ଯେ ଛାତ୍ରମାନେ ୯୦ କୋଟି ଟଙ୍କାର ଏକ ଠକେଇ ସହିତ ଜଡିତ ଅଛନ୍ତି । ଏହି ରାକେଟ୍ ରେ ସେମାନଙ୍କର ବନ୍ଧୁ ଏବଂ ସହପାଠୀଙ୍କ ବ୍ୟାଙ୍କ ଆକାଉଣ୍ଟ ସାଇବର ଅପରାଧୀଙ୍କୁ ବିକ୍ରି କରୁଥିଲେ। ତଦନ୍ତକାରୀମାନେ କହିଛନ୍ତି ଯେ ଏହି ଅପରାଧୀମାନେ ଭାରତରୁ ଦୁବାଇକୁ ଟଙ୍କା ସ୍ଥାନାନ୍ତର କରିଥିଲେ ଏବଂ ଏକ ଚୀନ୍ ନେଟୱାର୍କ ମାଧ୍ୟମରେ ଏହାକୁ କ୍ରିପ୍ଟୋକରେନ୍ସିରେ ପରିଣତ କରିଥିଲେ।

ଦୁଇଜଣ ଇଞ୍ଜିନିୟରିଂ ଛାତ୍ର ପୋଲିସ ସହିତ ଯୋଗାଯୋଗ କରିବା ପରେ ମାମଲାଟି ସାମ୍ନାକୁ ଆସିଲା। ଦିନେଶ ଏବଂ ଜୟପ୍ରତାପର ବ୍ୟାଙ୍କ ଆକାଉଣ୍ଟ ହଠାତ୍ ଫ୍ରିଜ୍ ହୋଇଗଲା। ଉଭୟ ଛାତ୍ର କହିଛନ୍ତି ଯେ ସେମାନେ ସେମାନଙ୍କ ଆକାଉଣ୍ଟ ବିବରଣୀ ସେମାନଙ୍କ ବନ୍ଧୁ ହରିଶଙ୍କ ସହ ସେୟାର କରିଥିଲେ। ପୋଲିସ ତଦନ୍ତରୁ ଜଣାପଡିଥିଲା ଯେ ଠକେଇ ଅର୍ଥ ଜମା କରିବା ପାଇଁ ଏହି ଆକାଉଣ୍ଟଗୁଡ଼ିକୁ ଡମି ଆକାଉଣ୍ଟ ଭାବରେ ବ୍ୟବହାର କରାଯାଉଥିଲା। ତଦନ୍ତକାରୀ ଅଧିକାରୀମାନେ କହିଛନ୍ତି ଯେ ଏହି ଆକାଉଣ୍ଟଗୁଡ଼ିକରୁ ଅତି କମରେ ୭ କୋଟି ଟଙ୍କା ଉଠାଯାଇଥିଲା।

# ଇମ୍ରାନ ଖାନଙ୍କ ହତ୍ୟା ଖବର ଗୁଜବ



**ଇସଲାମାବାଦ:** ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କୁ ନେଇ ଆସିଛି ବଡ଼ ଅପଡେଟ୍ । ଗୁଜବ ଭିତରେ ସାମ୍ନାକୁ ଆସିଛି ଜେଲ ପ୍ରଶାସନର ବୟାନ । ସବୁ ଗୁଜବକୁ ଖଣ୍ଡନ କରିଛି ଜେଲ ପ୍ରଶାସନ । ସେ ଏବେବି ଜେଲ୍ ଭିତରେ ଅଛନ୍ତି ଏବଂ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ଜେଲ୍ କର୍ତ୍ତୃପକ୍ଷ କହିଛନ୍ତି । ରାୱଲପିଣ୍ଡି ଜେଲ୍‌ର ଜଣେ ଅଧିକାରୀ କହିଛନ୍ତି, 'ଅଡିୟାଲା ଜେଲରୁ ତାଙ୍କୁ ସ୍ଥାନାନ୍ତର କରାଯାଇଥିବା ନେଇ ଆସୁଥିବା ଖବରରେ କୌଣସି ସତ୍ୟତା ନାହିଁ । ଇମ୍ରାନ୍ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି ଏବଂ ତାଙ୍କୁ ସମ୍ପୂର୍ଣ୍ଣ ଚିକିତ୍ସା ସେବା ମିଳୁଛି । ଜେଲ୍ କର୍ତ୍ତୃପକ୍ଷ ତାଙ୍କ ସ୍ୱାସ୍ଥ୍ୟକୁ ନେଇ ହେଉଥିବା କଳ୍ପନାଜଳ୍ପନାକୁ ଭିତ୍ତିହୀନ ବୋଲି କହିବା ସହ ଇମ୍ରାନ ଖାନଙ୍କୁ ଦେଖାଶୁଣା କରାଯାଉଥିବା ସ୍ପଷ୍ଟ କରିଛନ୍ତି ।


ସେପଟେ ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ କହିଛନ୍ତି ଯେ, ଇମ୍ରାନ ଖାନଙ୍କୁ ଜେଲରେ ଫାଇଭ-ଷ୍ଟାର ଭଳି ସୁବିଧା ମିଳୁଛି । ଅନ୍ୟପକ୍ଷରେ ଗତକାଲି ଜେଲ ଆଗରେ ଇମ୍ରାନଙ୍କ ସମର୍ଥକ ଓ ତାଙ୍କ ଭଉଣୀ

**ପାକ୍ ଜେଲ୍ କର୍ତ୍ତୃପକ୍ଷଙ୍କ ବୟାନ**

ଧାରଣା ଦେଇଥିଲେ । ତେବେ ପୁଲିସର ବୁଝାସୁଝା ପରେ ଧାରଣାରୁ ଓହରିଛନ୍ତି । ଡିସେମ୍ବର ୨ ତାରିଖରେ ଇମ୍ରାନଙ୍କୁ ଭେଟିବା ପାଇଁ ସମୟ ଧାର୍ଯ୍ୟ କରିଛି ପୁଲିସ ।

ସୂଚନା ଅନୁସାରେ, ଏପ୍ରିଲ୍-୨୦୨୨ରେ ଅନାସ୍ଥା ପ୍ରସ୍ତାବ ମାଧ୍ୟମରେ ତାଙ୍କୁ ପଦରୁ ହଟାଯିବା ପରେ ୨୦୨୩ ଅଗଷ୍ଟରୁ ଜେଲରେ ଅଛନ୍ତି ଇମ୍ରାନ । କିନ୍ତୁ ସୋସିଆଲ ମିଡିଆରେ ତାଙ୍କୁ ହତ୍ୟା କରାଯାଇଥିବା ନେଇ ଖବର ଭାଇରାଲ ହେବା ପରେ ପାକିସ୍ତାନରେ ଜୋର ଧରିଥିଲା ହଲଚଲ । ଏବେ ଜେଲ ପ୍ରଶାସନର ବୟାନ ପରେ ବି ଇମ୍ରାନଙ୍କୁ ନେଇ ସସପେନ୍ସ୍‌କୁ ଜାରି ରହିଛି ।

# ଆମେରିକାର ହ୍ୱାଇଟ ହାଉସ୍ ନିକଟରେ ଗୁଳିକାଣ୍ଡ




**ନୂଆଦିଲ୍ଲୀ:** ଆମେରିକା ୱାଶିଂଟନ୍ ଡିସିରେ ଗୁଳିକାଣ୍ଡ । ଯେଉଁଥିରେ ୟୁଏସ ନ୍ୟାଶନାଲ ସିକ୍ୟୁରିଟି ଗାର୍ଡର ଦୁଇ ଜଣ କମାଣ୍ଡୋ ଆହତ ହୋଇଛନ୍ତି । ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ଗୁଳିମାଡ କରିଥିବା ବ୍ୟକ୍ତିକୁ ଗିରଫ କରାଯାଇଛି। ଏନେଇ ଏଫବିଆଇ ନିର୍ଦ୍ଦେଶକ କାସ୍ ପଟେଲ ସୂଚନା ଦେଇଛନ୍ତି ।

ବୁଧବାର ଦିନ ଏହି ଘଟଣା ହ୍ୱାଇଟ୍ ହାଉସ୍ ଠାରୁ ମାତ୍ର କିଛି ବ୍ଲକ୍ ଦୂରରେ ଘଟିଥିଲା। ଯାହା ଫଳରେ ବ୍ୟାପକ ଆତଙ୍କ ସୃଷ୍ଟି ହୋଇଥିଲା। ଗୁଳିକାଣ୍ଡରେ ଦୁଇଜଣ ନ୍ୟାସନାଲ୍ ଗାର୍ଡ ସଦସ୍ୟ ଆହତ ହୋଇଛନ୍ତି ।ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ୨୯ ବର୍ଷୀୟ ଆଫଗାନିସ୍ତାନ ନାଗରିକ ରହମାନୁଲ୍ଲା ଲାକାନୱାଲ୍ ଭାବରେ ଚିହ୍ନଟ କରାଯାଇଛି, ଯିଏ ୨୦୨୧ ମସିହାରେ ଆମେରିକାରେ ପ୍ରବେଶ କରିଥିଲେ ।ୱାଶିଂଟନ୍ ମେୟର ମୁରିଏଲ୍ ବାଉସର୍ ଏହି ଘଟଣାକୁ ନିନ୍ଦା କରି ଏହାକୁ ଏକ ଲକ୍ଷ୍ୟଭେଦୀ ଆକ୍ରମଣ ବୋଲି କହିଛନ୍ତି। ସେହିପରି ଏଫବିଆଇ ନିର୍ଦ୍ଦେଶକ କାସ୍ ପଟେଲ ଏବଂ ମେୟର ମୁରିଏଲ୍ ବାଉସର୍ କହିଛନ୍ତି ଯେ, ଗାର୍ଡ ସଦସ୍ୟମାନଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଘଟଣାଟି ସ୍ଥାନୀୟ ସମୟ ଅପରାହ୍ନ ୨ଟା ୩୦ ରେ ଘଟିଥିଲା।

ମେଟ୍ରୋପଲିଟାନ୍ ପୁଲିସ ବିଭାଗ ଅନୁଯାୟୀ, ହ୍ୱାଇଟ୍ ହାଉସ୍ ନିକଟରେ ଗୁଳିକାଣ୍ଡ ଘଟିବା ପରେ ତୁରନ୍ତ ସେହି

**୨ କମାଣ୍ଡୋ ଆହତ**

ଅଞ୍ଚଳରେ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା। ସମଗ୍ର ଅଞ୍ଚଳକୁ ସିଲ୍ କରାଯାଇଥିଲା। ନ୍ୟାସନାଲ ଗାର୍ଡ ସୈନିକମାନେ ପାଟ୍ରୋଲିଂରେ ଥିବା ସମୟରେ ଆକ୍ରମଣକାରୀ ଏକ କୋଣରେ ଆସି ସେମାନଙ୍କ ଉପରେ ଆକ୍ରମଣ କରିଥିଲେ। ଗୁଳିକାଣ୍ଡ ପରେ, ଅନ୍ୟ ଗାର୍ଡ ସଦସ୍ୟମାନେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଘେରିଯାଇ ଗିରଫ କରିଥିଲେ। ତାଙ୍କୁ ବର୍ତ୍ତମାନ ପଚରାଉଚରା କରାଯାଉଛି। ଅନ୍ୟପଟେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଘଟଣାର ନିନ୍ଦା କରି କହିଛନ୍ତି ଯେ ଏହି ଆକ୍ରମଣ ପାଇଁ ବହୁତ ମୂଲ୍ୟ ଦେବାକୁ ପଡିବ।

## ବିପଦ ସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଖୁଣ୍ଟ

**ଚମ୍ପୁଆ:** କେନ୍ଦୁଝର ଜିଲ୍ଲା ଚମ୍ପୁଆ ଥାନା ତଡୁଆବାହାଲ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଆଙ୍ଗୁଳିଆ ଗ୍ରାମର ନାୟକ ସାହି କୀର୍ତନ ମଣ୍ଡପ ସାମ୍ନାରେ ଥିବା ବିଦ୍ୟୁତ୍ ଖୁଂଟ ରହିଛି ବିପଦ ସଙ୍କୁଳ ଅବସ୍ଥାରେ। ଘରକୁ ଘର ବିଦ୍ୟୁତ୍ ସଂଯୋଗ ଲାଗି ଲୁହା ଖୁଣ୍ଟ ପୋତା ଯାଇଥିବା ବେଳେ ଖୁଂଟ ଟି ଜଙ୍କ ଲାଗି ଦୀର୍ଘ ଦିନ ହେବ ପୁରା ଭାଙ୍ଗିବା ଅବସ୍ଥାରେ ରହିଛି। ଟାଟା ପାୱାର ର ବିଦ୍ୟୁତ୍ ଅଧିକାରୀଙ୍କ ଅବହେଳା କାରଣରୁ କେତେବେଳେ ବି ଘଟିପାରେ ଅଘଟଣ। ଘରକୁ ଘର ସଂଯୋଗ ଲାଗି ବ୍ୟବହୃତ ହେଉଥିବା ବିଦ୍ୟୁତ୍ ଖୁଂଟ ବିପଦ ସଙ୍କୁଳ ଅବସ୍ଥାରେ ରହିଥିଲେ ମଧ ଏହା ପ୍ରତି ନଜର ଦେଉନାହାନ୍ତି ବିଦ୍ୟୁତ୍ ଅଧିକାରୀ । ମାସକୁ ମାସ ଘର ଘର ବୁଲି ଲାଇନ୍ ବିଲ୍ ଟଙ୍କା ନେବାରେ ବ୍ୟସ୍ତ ଥିବା ବେଳେ ଖୁଂଟ ପ୍ରତି ନଜର ପଡୁନି କାହାର, ସ୍ଥାନୀୟ ଲୋକେ କହିବା ଅନୁଯାୟୀ ଦୀର୍ଘ ଦିନରୁ ଏପରି ଅବସ୍ଥାରେ ବିଦ୍ୟୁତ୍ ଖୁଂଟ ଥିଲେ ହେଁ କେହି ଏହାକୁ କାର୍ଯ୍ୟକ୍ଷମ କରିବାକୁ ମନସ୍ଥ କରୁନାହାନ୍ତି, ପ୍ରାୟ ସମୟରେ ଛୋଟ ପିଲା, ସ୍କୁଲ କଲେଜ ଛାତ୍ର ଛାତ୍ରୀ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ଲୋକ ମାନେ ଏହି ରାସ୍ତା ଦେଇ ଯିବା ଆସିବା କରିଥାନ୍ତି, ଆଖ ପାଖ ରେ ଲାଗି କି ରହିଛି ଚାଳ ଛପର ଘର। କୀର୍ତ୍ତନ ମଣ୍ଡପ ଥିବା ହେତୁ ପ୍ରାୟ ସମୟରେ ପିଲାମାନେ ବସା ଉଠା କରିବା ସହ ଖେଳ କୁଦ କରିଥାନ୍ତି। ଏଣୁ କେତେ ବେଳେ ଯେ ବଡ ଅଘଟଣ ଘଟିଯିବ ତାହା କହି ହେବ ନାହିଁ, ଯଥା ଶୀଘ୍ର ଏହାକୁ କାର୍ଯ୍ୟକ୍ଷମ କରିବାକୁ ଗ୍ରାମବାସୀ ମାନେ ଦାବୀ କରିଛନ୍ତି।

### ରାଜସ୍ଥାନ ହାଇକୋର୍ଟଙ୍କ କଡ଼ା ନିଷ୍ପତ୍ତି

# ହାଇୱେରୁ ହଟିବ ମଦ ଦୋକାନ

*ହାଇକୋର୍ଟଙ୍କ ଏହି ନିଷ୍ପତ୍ତି ପରେ ରାଜ୍ୟର ପ୍ରାୟ ୧୧୦୨ଟି ମଦ ଦୋକାନ ସିଧାସଳଖ ପ୍ରଭାବିତ ହେବାକୁ ଯାଉଛି ।*




**ଜୟପୁର:** ରାଜସ୍ଥାନ ହାଇକୋର୍ଟଙ୍କ ବଡ଼ ନିଷ୍ପତ୍ତି । ମଦ ଦୋକାନ ଖୋଲିବା ନେଇ କଡ଼ା ନିଷ୍ପତ୍ତି ଶୁଣାଇଛନ୍ତି । ଏଣିକି ଜାତୀୟ ରାଜପଥ କଡ଼ରେ ଖୋଲିବନି ମଦ ଦୋକାନ । ଜାତୀୟ ରାଜପଥ କଡ଼ରେ ସହଜରେ ମଦ ମିଳିବା ଦ୍ୱାରା ଦୁର୍ଘଟଣା ସଂଖ୍ୟା ବଢୁଥିବା ନେଇ ହାଇକୋର୍ଟ ଏହି ନିଷ୍ପତ୍ତି ନେଇଛନ୍ତି । କୋର୍ଟ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ ରାଜ୍ୟ ଏବଂ ଜାତୀୟ ହାଇୱେର ୫୦୦ ମିଟର ବ୍ୟବଧାନ ମଧ୍ୟରେ ଥିବା ସମସ୍ତ ମଦ ଦୋକାନ ତୁରନ୍ତ ହଟାଇ ଦିଆଯାଉ ।

ହାଇକୋର୍ଟଙ୍କ ଏହି ନିଷ୍ପତ୍ତି ପରେ ରାଜ୍ୟର ପ୍ରାୟ ୧୧୦୨ଟି ମଦ ଦୋକାନ ସିଧାସଳଖ ପ୍ରଭାବିତ ହେବାକୁ ଯାଉଛି । କୋର୍ଟ ରାଜ୍ୟ ସରକାର ଓ ଅବକାରୀ ବିଭାଗକୁ ଦୁଇ ମାସ ମଧ୍ୟରେ ସମସ୍ତ ମଦ ଦୋକାନକୁ ସ୍ଥାନାନ୍ତର କରିବାକୁ ଆଦେଶ ଦେଇଛନ୍ତି । ସଡ଼କ ସୁରକ୍ଷା ଓ ଜନହିତକୁ ନେଇ ଉଠିଥିବା ମାମଲାର ଶୁଣାଣି ବେଳେ ଏହି ନିଷ୍ପତ୍ତି ଶୁଣାଇଛନ୍ତି ।

କୋର୍ଟ ପକ୍ଷରୁ କୁହାଯାଇଛି ଯେ, ଜାତୀୟ ରାଜପଥ କଡ଼ରେ ମଦ ଦୋକାନ ରହିବାରୁ ଗାଡ଼ି ଚାଳକଙ୍କୁ ସହଜରେ ମଦ ମିଳିଯାଉଛି । ଯାହା ଫଳରେ ସେମାନେ ନିଶାସକ୍ତ ଅବସ୍ଥାରେ ଗାଡ଼ି ଚଳାଉଛନ୍ତି । ଯାହା ଦ୍ୱାରା ଦୁର୍ଘଟଣାର ସମ୍ଭାବନା ବଢ଼ିଯାଉଛି । କୋର୍ଟ ସ୍ପଷ୍ଟ କରିଛି ଯେ ସଡ଼କ ସୁରକ୍ଷାଠାରୁ ବଡ଼ ହିତ କୌଣସି ହୋଇପାରିବ ନାହିଁ ।

ଜଷ୍ଟିସ ପୁଷ୍ପେନ୍ଦ୍ର ସିଂହ ଭାଟିଙ୍କ ବେଞ୍ଚ କହିଛି ଯେ ଯଦି ସରକାର ଏବଂ ପ୍ରଶାସନ ସମୟରେ କାର୍ଯ୍ୟାନୁଷ୍ଠାନ ନ ନିଅନ୍ତି । ତେବେ ସାଧାରଣ ଲୋକଙ୍କ ଜୀବନ ବିପଦରେ ପଡ଼ିବ । ଯାହାକୁ ବର୍ଦାସ୍ତ କରାଯିବ ନାହିଁ । ଦୁଇ ମାସରେ ମଧ୍ୟରେ ସମସ୍ତ ମଦ ଦୋକାନକୁ ହାଇୱେରୁ ସ୍ଥାନାନ୍ତ କରାଯାଉ । ରାଜ୍ୟ ଓ ଜାତୀୟ ରାଜପଥର ସର୍ବନିମ୍ନ ୫୦୦ ମିଟର ଦୂରତାରେ ମଦ ଦୋକାନକୁ ସ୍ଥାନାନ୍ତର କରାଯାଉ । ସ୍ଥାନାନ୍ତର ସମୟରେ ସମସ୍ତ ସୁରକ୍ଷା ନିୟମ ପାଳନ କରିବା ଅନିବାର୍ଯ୍ୟ । ଅବକାରୀ ବିଭାଗକୁ ପ୍ରତ୍ୟେକ ମଦ ଦୋକାନର ଠିକଣା ଓ କାର୍ଯ୍ୟ ଅଗ୍ରଗତି କୋର୍ଟକୁ ଦେବାକୁ ପଡ଼ିବ । ରାଜପଥରୁ ଦୃଶ୍ୟମାନ ମଦ ବିଜ୍ଞାପନ, ହୋର୍ଡିଂ ଏବଂ ସାଇନ୍ ବୋର୍ଡ ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ରହିବ । ଯଦି ଏହା ମିଳେ, ତେବେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ରାଶିଫଳ

**ମେଷ :** ଦଶମ ଚନ୍ଦ୍ର ଏବଂ ରବି, ଚନ୍ଦ୍ର ଉଭୟଙ୍କ ନକ୍ଷତ୍ର ଭୋଗ ହେଉଥିବାରୁ ଉନ୍ନତିମୂଳକ କର୍ମରେ ଅଧିକ ଧ୍ୟାନ ରହିବ ଏବଂ ମନରେ ଉଚ୍ଚାଭିଳାଷ ପ୍ରକାଶ ପାଇବ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଯାହା ହେଲେ ମଧ ମନରେ ଆତ୍ମସନ୍ତୋଷ ଆତ୍ମତୃପ୍ତି ରହିବ ।

**ବୃଷ :** ନବମ ଚନ୍ଦ୍ର ଯୋଗୁ ମାନ, ସମ୍ମାନ ହାନି, ମାନସିକ ଦୁଶ୍ଚିନ୍ତା, ପରିବାରରେ ମତାନ୍ତର ଏବଂ ନିଜର ପ୍ରିୟ ବନ୍ଧୁ କିମ୍ବା ପୁରାତନ ବନ୍ଧୁଙ୍କ ସହ ବିବାଦ କିମ୍ବା ତାଙ୍କଠାରୁ ଅପମାନ ମିଳିପାରେ । ମନ ଅସ୍ଥିର ବିଷାଦଗ୍ରସ୍ତ ରହିବ ।

**ମିଥୁନ :** ଅଷ୍ଟମ ଚନ୍ଦ୍ର, ଅମାବାସ୍ୟା ତିଥି ଯୋଗୁ ବାଦବିବାଦ, ସ୍ୱାସ୍ଥ୍ୟ, ଆର୍ଥିକ କାରବାର ଏବଂ ଯାନବାହନ ଆରୋହଣ କାଳରେ ସତର୍କ ହେବେ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟଠାରୁ ବ୍ୟୟ ଅଧିକ ହେବ ଏବଂ ଆର୍ଥିକ ସ୍ଥିତି ବିଗିଡ଼ିଯିବ ।

**କର୍କଟ :** ସପ୍ତମ ଚନ୍ଦ୍ର, ଘାତବାର ଏବଂ ଚନ୍ଦ୍ରଙ୍କ ନକ୍ଷତ୍ର ଭୋଗ ହେଉଥିବାରୁ ଘାତବାରର ପ୍ରଭାବ ରହିବ ନାହିଁ । ମନରେ ପ୍ରସନ୍ନତା, ଦାମ୍ପତ୍ୟ ଜୀବନରେ ମଧୁରତା ଏବଂ ପରିଚିତ ମହିଳାଙ୍କଠାରୁ ସାହାଯ୍ୟ, ସହଯୋଗ ଓ ଧନ ମିଳିବ । ଆମୋଦପ୍ରମୋଦ, ମଉଜ ମଜଲିସ୍ ?ରେ ଅଧିକ ଆଗ୍ରହ ଏବଂ ପରିବାର ପ୍ରତି ଅଧିକ ଯତ୍ନବାନ ହେବେ ।

**ସିଂହ :** ଘାତବାର ଯୋଗୁ ମନରେ ଦୁଶ୍ଚିନ୍ତା, ଦୁର୍ଭାବନା ଓ ହତୋତ୍ସାହ ଭାବ ପ୍ରକାଶ ପାଇବ । ରୋଗ, ଋଣ, ଦୁଃଖ, ଶୋକ, କ୍ଲେଶ ଓ ଅବସାଦ ଲାଗି ରହିବ । ଅଯଥା ଖର୍ଚ୍ଚ, ବଦ୍‌ଖର୍ଚ୍ଚ ଓ ପରିବାରର ଖର୍ଚ୍ଚଭାର ବୃଦ୍ଧି ପାଇବ ଏବଂ ମନ ଅସ୍ଥିର ଓ ବିଷାଦଗ୍ରସ୍ତ ରହିବ ।

**କନ୍ୟା :** କୃଷ୍ଣପକ୍ଷର ପଞ୍ଚମ ଚନ୍ଦ୍ର, ସକାଳ ୮ଟା ୨୦ ମିନିଟ୍ ପରେ ଘାତ ନକ୍ଷତ୍ର ଯୋଗୁ ମାନ, ସମ୍ମାନ ହାନି, ମାନସିକ ଦୁଶ୍ଚିନ୍ତା, ପରିବାରରେ ମତାନ୍ତର ଏବଂ ଇତର ଜନଠାରୁ ଅପମାନ ପାଇବେ । ସନ୍ତାନମାନେ ବିଶୃଙ୍ଖଳିତ ହେବେ ।

**ତୁଳା :** କୃଷ୍ଣପକ୍ଷର ଚତୁର୍ଥ ଚନ୍ଦ୍ର ଯୋଗୁ ଗୁରୁଜନଙ୍କ କୃପା, କ୍ଷମତାଶାଳୀ ବ୍ୟକ୍ତିଙ୍କ ଶୁଭଦୃଷ୍ଟିରେ ରହିବେ । ଆକସ୍ମିକ ଧନଲାଭ, କୌଣସି ବିଶେଷ ସୂତ୍ରରୁ ଧନପ୍ରାପ୍ତି ଏବଂ ଅନ୍ୟକୁ ଦେଇଥିବା ଧନ ଫେରିପାଇବେ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଉତ୍ତମ ହେବ ।

**ବିଛା :** ତୃତୀୟ ଚନ୍ଦ୍ର ଏବଂ ରବି, ଚନ୍ଦ୍ର ଉଭୟଙ୍କ ନକ୍ଷତ୍ର ଭୋଗ ହେଉଥିବାରୁ ମନରେ ଉତ୍ସାହ, ଉଦ୍ଦୀପନା, ପରିବାରରେ ସୁଖଶାନ୍ତି, ସ୍ୱଜନରେ ସୁସମ୍ପର୍କ ଏବଂ ଭାଇ, ଭଉଣୀଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା ଓ ଆନ୍ତରିକତା ଅଧିକ ରହିବ । ମନରେ ଉନ୍ନତ ଚିନ୍ତାଧାରା, ଉଚ୍ଚାଭିଳାଷ ଓ ଦୃଢ଼ ମନୋବଳ ବୃଦ୍ଧି ପାଇବ । ସୁଖବର, ସୁସମ୍ବାଦ ମିଳିବ ।

**ଧନୁ :** କୃଷ୍ଣପକ୍ଷର ଦ୍ୱିତୀୟ ଚନ୍ଦ୍ର ଯୋଗୁ ଧନକୁ ନେଇ ବିବାଦ ଓ ମାଲିମକଦ୍ଦମାରେ ପଡ଼ିପାରନ୍ତି । ମୂଲ୍ୟବାନ ପଦାର୍ଥ ନଷ୍ଟ କିମ୍ବା ହଜିଯାଇପାରେ ଏବଂ ଆର୍ଥିକ ଠକାମିରେ ପଡ଼ିପାରନ୍ତି । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ କ୍ଷତି ଦେଖାଦେବ ଏବଂ ଆର୍ଥିକ ସ୍ଥିତି ବିଗିଡ଼ିଯିବ ।

**ମକର :** ଶ୍ରୀଚନ୍ଦ୍ର ଏବଂ ଚନ୍ଦ୍ରଙ୍କ ନକ୍ଷତ୍ର ଭୋଗ ହେଉଥିବାରୁ ଧନ, ମାନ, ସମ୍ମାନ, ସ୍ୱଜନରେ ସୁସମ୍ପର୍କ, ପରିବାରରେ ସୁଖଶାନ୍ତି ଏବଂ ସୁଖାଦ୍ୟ, ସୁବସନ ପ୍ରାପ୍ତି ହେବ । ମନରେ ପ୍ରସନ୍ନତା, ପରିବାରରେ ସୁଖଶାନ୍ତି ଏବଂ ଦେହ, ମନ ସୁସ୍ଥ ରହିବ ।

**କୁମ୍ଭ :** ଦ୍ୱାଦଶ ଚନ୍ଦ୍ର ଯୋଗୁ ଅବବ୍ୟୟ, ଅପବାଦ, ଅପଯଶ ଓ ମାନସିକ ଅବସାଦରୁ ସାମୟିକ ମୁକ୍ତି ମିଳିବ । ଖର୍ଚ୍ଚ ପ୍ରତି ଅନାଗ୍ରହ ଓ ସଞ୍ଚୟ ପ୍ରତି ମନରେ ଆଗ୍ରହ ପ୍ରକାଶ ପାଇବ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଅତି ଉତ୍ତମ ହେବ ।

**ମୀନ :** ଏକାଦଶ ଚନ୍ଦ୍ର ଏବଂ ରବି, ଚନ୍ଦ୍ର ଉଭୟଙ୍କ ନକ୍ଷତ୍ର ଭୋଗ ହେଉଥିବାରୁ ଭାଗ୍ୟରେ, କର୍ମରେ ଓ ଆର୍ଥିକ ଅବସ୍ଥାରେ ଉନ୍ନତି ଆସିବ ଏବଂ ଧନ, ସମ୍ପଦ, ପ୍ରାଚୁର୍ଯ୍ୟ, ପ୍ରତିପତ୍ତି ବୃଦ୍ଧି ପାଇବ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଅତି ଉତ୍ତମ ହେବ ଏବଂ ନୂତନ ବ୍ୟବସାୟର ସୁଯୋଗ ଜୁଟିବ । କର୍ମରେ ସ୍ୱଳ୍ପ ପରିଶ୍ରମରେ ଅଧିକ ସଫଳତା ଓ ପ୍ରମୋଶନ ମିଳିପାରେ ।

# ମାତୃଭାଷା

କଟକ, ଶୁକ୍ରବାର, ନଭେମ୍ବର - ୨୮, ୨୦୨୫ ପୃଷ୍ଠା: ୪

## ବିଦେଶୀ ଆର୍ଥିକ ସଂସ୍ଥାମାନଙ୍କ ଆକଳନ - ଭାରତର ଅର୍ଥନୀତି ବହୁ ଉଚ୍ଚରେ

ଆଜିକାଲି ବିଦେଶୀ କମ୍ପାନୀଗୁଡ଼ିକ ଭାରତର ଆର୍ଥିକ ଅଭିବୃଦ୍ଧି ଉପରେ ନିରନ୍ତର ସକାରାତ୍ମକ ଦୃଷ୍ଟିକୋଣମାନ ପ୍ରକାଶ କରୁଛନ୍ତି। ୫୫ଟ ଗ୍ଲୋବାଲ ପରେ, ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଓଗର୍) ମଧ୍ୟ ଭାରତର ଜିଡିପି ଅଭିବୃଦ୍ଧି ଉପରେ ଏକ ସକାରାତ୍ମକ ଦୃଷ୍ଟିକୋଣ ପ୍ରକାଶ କରିଛି। ଓଗର୍ କହିଛି ଯେ ୨୦୨୫-୨୬ ରେ ଭାରତର ଆର୍ଥିକ ଅଭିବୃଦ୍ଧି ୬.୬% ରହିବ। ଏହା ମଧ୍ୟ କହିଛି ଯେ ଜିଏସଟି-ସମ୍ବନ୍ଧୀୟ ସଂସ୍କାର ଭାରତକୁ ଆମେରିକାର ୫୦% ଟିକସର ପ୍ରଭାବକୁ ହ୍ରାସ କରିବାରେ ସାହାଯ୍ୟ କରିବାର ସମ୍ଭାବନା ଅଛି।

ଆଇଏମ୍ଏଫ୍ ଏହାର ବାର୍ଷିକ ସମୀକ୍ଷା ପରେ ପ୍ରକାଶିତ ଏକ ବିବୃତିରେ ଏହା କହିଛି। ସଂଗଠନ କହିଛି ଯେ ଭାରତର ଅର୍ଥନୀତି ଭଲ ପ୍ରଦର୍ଶନ କରୁଛି। ୨୦୨୪-୨୫ ରେ ୬.୫% ଆର୍ଥିକ ଅଭିବୃଦ୍ଧି ପରେ ୨୦୨୫-୨୬ ର ପ୍ରଥମ ତ୍ରୈମାସିକରେ ପ୍ରକୃତ ଏଉଚ ୭.୮% ବୃଦ୍ଧି ପାଇଛି। ଓଗର୍ କହିଛି ଯେ ଯଦି ଭାରତ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ଜାରି ରଖେ, ତେବେ ଏକ ବିକଶିତ ଦେଶ ହେବାର ଲକ୍ଷ୍ୟ ଆହୁରି ମଜବୁତ ହୋଇପାରିବ। ଏହା ଭବିଷ୍ୟତରେ ଦ୍ରୁତ ଅଭିବୃଦ୍ଧି ପାଇଁ ପଥ ପ୍ରଶସ୍ତ କରିବ। ସଂଗଠନ କହିଛି ଯେ ବିଶ୍ୱସ୍ତରୀୟ ଚ୍ୟାଲେଞ୍ଜ ସତ୍ତ୍ୱେ ଅନୁକୂଳ ଆଭ୍ୟନ୍ତରୀଣ ପରିସ୍ଥିତି ଯୋଗୁ ଭାରତର ଦୃଢ଼ ଅର୍ଥନୈତିକ ଅଭିବୃଦ୍ଧି ଜାରି ରହିବ ବୋଲି ଆଶା କରାଯାଉଛି।

ଆଇଏମଏଫ୍ ଆକଳନ କରିଛି ଯେ ଯଦିଓ ଆମେରିକାର ୫୦% ଟିକସ ଦୀର୍ଘ ସମୟ ଧରି ଜାରି ରହେ, ତଥାପି ଭାରତର ପ୍ରକୃତ ଜି,ଡି,ପି, ୨୦୨୫-୨୬ ରେ ୬.୬% ହାରରେ ବୃଦ୍ଧି ପାଇବ ଏବଂ ୨୦୨୬-୨୭ ରେ ୬.୨% କୁ ହ୍ରାସ ପାଇବ। ସଂଗଠନ କହିଛି ଯେ ଜିଏସଟି ସଂସ୍କାର ଏବଂ କମ ପ୍ରଭାବଶାଳୀ ଟିକସ ହାର ଉଚ୍ଚ ଆମେରିକାର ଟିକସର ପ୍ରଭାବକୁ ହ୍ରାସ କରିବ।

ଆମେରିକା ଭାରତ ଉପରେ ୫୦% ଟିକସ ଲାଗୁ କରିଛି, ଯେଉଁଥିରେ ରୁଷରୁ ଶକ୍ତି କ୍ରୟ ଉପରେ ୨୫% ଟିକସ ଅନ୍ତର୍ଭୁକ୍ତ। ତଥାପି ଓଗର୍ ଏହା ମଧ୍ୟ କହିଛି ଯେ ଭାରତର ଅର୍ଥନୀତି ଭବିଷ୍ୟତରେ କିଛି ଗୁରୁତ୍ୱପୂର୍ଣ୍ଣ ବିପଦର ସମ୍ମୁଖୀନ ହୋଇପାରେ। ସକାରାତ୍ମକ ଖବର ହେଉଛି ଯେ ଯଦି ଭାରତ ଶୀଘ୍ର ନୂତନ ବାଣିଜ୍ୟ ଚୁକ୍ତିନାମା ସମାପ୍ତ କରେ ଏବଂ ଦେଶ ମଧ୍ୟରେ ସଂସ୍କାର କାର୍ଯ୍ୟକାରୀ କରେ, ତେବେ ରପ୍ତାନି, ନିବେଶ ଏବଂ ନିଯୁକ୍ତି ବୃଦ୍ଧି ପାଇପାରିବ। କିନ୍ତୁ ଖରାପ ଦିଗ ହେଉଛି ଯେ ବିଶ୍ୱରେ ବୃଦ୍ଧି ପାଉଥିବା ଆର୍ଥିକ ଅସ୍ଥିରତା ଆର୍ଥିକ ପରିସ୍ଥିତିକୁ କଠୋର କରିପାରେ, କଞ୍ଚାମାଲର ମୂଲ୍ୟ ବୃଦ୍ଧି କରିପାରେ ଏବଂ ବାଣିଜ୍ୟ, ବିଦେଶୀ ନିବେଶ ଏବଂ ଆର୍ଥିକ ଅଭିବୃଦ୍ଧି ଉପରେ ଚାପ ପକାଇପାରେ।

ଶୁଳ୍କ ସତ୍ତ୍ୱେ ଦୃଢ଼ ଅଭିବୃଦ୍ଧି: ଏହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିନ୍ଦୁ। ଦୀର୍ଘ ସମୟ ଧରି ଉଚ୍ଚ ଆମେରିକା କର, ଯେପରିକି ୫୦% (ଯାହା ରୁଷରୁ ଶକ୍ତି କ୍ରୟ ଉପରେ ୨୫% ଅନ୍ତର୍ଭୁକ୍ତ) ଜାରି ରହିବା ସତ୍ତ୍ୱେ, ଭାରତର ପ୍ରକୃତ ଏଉଚ ୨୦୨୫-୨୬ ରେ ୬.୬% ଏବଂ ୨୦୨୬-୨୭ ରେ ୬.୨% ବୃଦ୍ଧି ପାଇବାର ଆକଳନ କରାଯାଇଛି, ଯାହା ଭାରତୀୟ ଅର୍ଥନୀତିର ଆଭ୍ୟନ୍ତରୀଣ ସ୍ଥିରତାକୁ ପ୍ରତିଫଳିତ କରେ।

ସଂସ୍କାରର ପ୍ରଭାବ: ଜିଏସଟି ସଂସ୍କାର ଏବଂ କମ ପ୍ରଭାବଶାଳୀ ଟିକସ ହାର ଭଳି ଘରୋଇ ପଦକ୍ଷେପ, ଉଚ୍ଚ ଆମେରିକା କରର ନକାରାତ୍ମକ ପ୍ରଭାବକୁ କିଛି ପରିମାଣରେ ହ୍ରାସ କରିଛି। ଏହା ନୀତିଗତ ନିଷ୍ପତ୍ତିର ପ୍ରଭାବଶାଳୀତାକୁ ଉଲ୍ଲେଖ କରେ।

ଆଗକୁ ବଢ଼ିବ: ଆଇଏମଏଫ ସ୍ପଷ୍ଟ କରିଛି ଯେ ନୂତନ ବାଣିଜ୍ୟ ଚୁକ୍ତିନାମା ଏବଂ ଘରୋଇ ସଂସ୍କାରର ଦ୍ରୁତ କାର୍ଯ୍ୟାନ୍ୱୟନ ରପ୍ତାନି, ନିବେଶ ଏବଂ ନିଯୁକ୍ତିକୁ ଆହୁରି ବୃଦ୍ଧି କରିପାରିବ।

ସତର୍କତା/ବିପଦ: ଆଇଏମଏଫ ଭବିଷ୍ୟତରେ କିଛି ପ୍ରମୁଖ ବିପଦ ପ୍ରତି ମଧ୍ୟ ଇଙ୍ଗିତ କରିଛି।

ବିଶ୍ୱସ୍ତରୀୟ ଅସ୍ଥିରତା: ବିଶ୍ୱବ୍ୟାପୀ ବୃଦ୍ଧି ପାଉଥିବା ଆର୍ଥିକ ଅସ୍ଥିରତା ଭାରତର ଆର୍ଥିକ ପରିସ୍ଥିତିକୁ କଷ୍ଟକର କରିପାରେ।

ମୁଦ୍ରାସ୍ଫୀତି ଚାପ: କଞ୍ଚାମାଲର ମୂଲ୍ୟ ବୃଦ୍ଧି ମୁଦ୍ରାସ୍ଫୀତି ଏବଂ ଉତ୍ପାଦନ ଖର୍ଚ୍ଚ ବୃଦ୍ଧି କରିପାରେ।
ଆର୍ଥିକ କାର୍ଯ୍ୟକଳାପ ଉପରେ ଚାପ: ଏହି ବିଶ୍ୱସ୍ତରୀୟ ଚ୍ୟାଲେଞ୍ଜଗୁଡ଼ିକ ବାଣିଜ୍ୟ, ବିଦେଶୀ ନିବେଶ ଏବଂ ସାମଗ୍ରିକ ଆର୍ଥିକ ଅଭିବୃଦ୍ଧି ଉପରେ ଚାପ ପକାଇପାରେ।

## ଶବ୍ଦ ପ୍ରଦୂଷଣର ବିପଦ

**ଗିରିଧାରୀ ସାମଲ**

ପରିବେଶ ପ୍ରଦୂଷଣ ପରେ ଶବ୍ଦ ପ୍ରଦୂଷଣ ଆଉ ଏକ ଗୁରୁତର ସମସ୍ୟା ଭାବେ ଆଧୁନିକ ସଭ୍ୟତାରେ ମୁଣ୍ଡ ଟେକିଛି। ଏଥିଯୋଗୁ ଆଜିର ମଣିଷ, ମୁଖ୍ୟତଃ ସହରର ମଣିଷ ବିଭିନ୍ନ ପ୍ରକାର ମାନସିକ ଓ ଶାରୀରିକ ରୋଗରେ ଆକ୍ରାନ୍ତ ହୋଇଛି। ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାରେ ବ୍ୟକ୍ତି ସ୍ୱାଧୀନତା ମିଳୁଥିବା ଯୋଗୁ ବାକ୍ ସ୍ୱାଧୀନତା ତାର ହକ୍ ବୋଲି ସମସ୍ତେ ଧରି ନିଅନ୍ତି। କିନ୍ତୁ ବାକ୍ ସ୍ୱାଧୀନତାର ଅର୍ଥ ନୁହେଁ ଚିତ୍କାର କରିବା ଓ ଅନ୍ୟର ସ୍ୱାଧୀନତାକୁ ଅପହରଣ କରିବା। ଆମର ଅଜ୍ଞାତସାରରେ ଶବ୍ଦ ପ୍ରଦୂଷଣ ଆମର କେତେ କ୍ଷତିକରେ ଆମେ ଜାଣୁନା। ଫଳରେ ସାମାନ୍ୟ ସାମାନ୍ୟ କଥାରେ ଆମେ ଉଚ୍ଚ ଶବ୍ଦରେ ବିଭିନ୍ନ କାରବାର କରିବାରେ ଗର୍ବକରୁ ଓ ଆନନ୍ଦ ଅନୁଭବ କରୁ। ଶବ୍ଦ ପରିବେଷଣରେ ଆମେ ସିନା କ୍ଷଣିକ ଆନନ୍ଦ ଅନୁଭବ କରୁଛେ, କେବେ ଚେଷ୍ଟା କରିଛେ କି ନିରବତାର ସ୍ୱର ଶୁଣିବା ପାଇଁ ? କୁହାଯାଏ ନିରବତାର ଗଭୀରତାରେ ଲୁଚିରହିଥାଏ ଈଶ୍ୱରଙ୍କ ସ୍ୱର। ତାକୁ ଶୁଣିବା ପାଇଁ କେବେ ଚେଷ୍ଟା କରିଛେ କି ? ସେଥିପାଇଁ ତ ମୁନି ଋଷିମାନେ ସହରର ଚାକଚକ୍ୟ ଓ ଶବ୍ଦ ଆଡ଼ମ୍ବର ଛାଡ଼ି ସୁଦୂର ବଣ ଜଙ୍ଗଲ ଓ ପାହାଡ଼ ପର୍ବତର ଗହ୍ୱର ଭିତରେ ବସି ଈଶ୍ୱର ପ୍ରାପ୍ତି ପାଇଁ ଧ୍ୟାନସ୍ଥ ହୁଅନ୍ତି। ସେଥିପାଇଁ ପ୍ରଦୂଷଣମୁକ୍ତ ହୋଇ ସୁସ୍ଥ ଶରୀର ରଖିବା ସହିତ ଦୀର୍ଘଜୀବୀ ହୁଅନ୍ତି, ପ୍ରଜ୍ଞା ପ୍ରାପ୍ତ ହୁଅନ୍ତି।

ସହର ଓ ସହରତଳିଗୁଡ଼ିକରେ ଯନ୍ତ୍ରପାତି ମାଧ୍ୟମରେ ଉଚ୍ଚ ଶବ୍ଦ ସୃଷ୍ଟି କରିବା ଏକ ଆଭିଜାତ୍ୟ ବୋଲି ମନେକରନ୍ତି। ଏହା ମୁଖ୍ୟତଃ ମଧ୍ୟବିତ୍ତ, ଉଚ୍ଚମଧ୍ୟବିତ୍ତ ଓ ଧନୀକ ଶ୍ରେଣୀ ବ୍ୟକ୍ତିମାନଙ୍କ ପାଖରେ ଦେଖାଯାଏ। ସବୁ କଥାରେ ବାଣ, ବାଜା ନହେଲେ ଚଳେନା। ତାହା ପୁଣି ଉଚ୍ଚ ଶବ୍ଦରେ। ଆମର ବାହାଘର ଓ ଭୋଜିଘରେ ବାଣ ଓ ବାଜାର ରୋଷଣୀ ହୁଏ। ତାହା ପୁଣି ସାଧାରଣ ଭାବେ ନୁହେଁ, କାନକୁ ତାବ୍ଦା କଲା ଭଳି ଉଚ୍ଚ ଶବ୍ଦ ସୃଷ୍ଟି କରୁଥିବା ଡିଜେ ସାଉଣ୍ଡରେ ଓ ବୋମା ଫୁଟିବା ଭଳି ବାଣରେ। ଜନ୍ମ ଦିନରେ ବାଜାବାଣ, ବ୍ରତଘରେ ବାଜାବାଣ, ବିବାହରେ ବାଜାବାଣ, ନିର୍ବାଚନ ଜିତିଲେ ବାଜାବାଣ, ଶୋଭାଯାତ୍ରାରେ ବାଜାବାଣ, ନେତାଙ୍କୁ ସଂଖୋଳିବାରେ ବାଜାବାଣ, ପୂଜା ପାର୍ବଣରେ ବାଜାବାଣ ସବୁଠି ଉଚ୍ଚ ଶବ୍ଦ। ଦୀପାବଳୀ ଦିନ ଗ୍ରାମାଞ୍ଚଳ ଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ଉଚ୍ଚ ଶବ୍ଦରେ ଯେଉଁଭଳି ବାଣ ଫୁଟାଯାଏ ତାହା କେବଳ ମଣିଷକୁ ନୁହେଁ ଗୃହପାଳିତ ପଶୁପକ୍ଷୀଙ୍କୁ ମଧ୍ୟ ଆତଙ୍କିତ କରିପକାଏ। ଦେଖାଯାଇଛି ଯଦି କୌଣସି ଗଛ ମୂଳେ ବିସ୍ଫୋରଣ କଲା ଭଳି ବାଣ ଫୁଟାଯାଏ ତେବେ ସେ ଗଛର ପତ୍ରଗୁଡ଼ିକ ଝାଉଁଣି ପଡ଼ନ୍ତି। କାରଣ ସେମାନେ ମଧ୍ୟ ଉଚ୍ଚ ଶବ୍ଦର ସହିବାର ଶକ୍ତିକୁ ହରାଇ ବସିଥାନ୍ତି। ଶବ୍ଦକୁ ଭଲ ପାଉ ନଥିବା ଲୋକମାନଙ୍କ କଥା ସେତେବେଳେ ସମସ୍ତେ ଭୁଲି ଯାଇଥାନ୍ତି। ସଂଗୀତ ପ୍ରତି ସାଧାରଣତଃ ଲୋକମାନଙ୍କ ଆଗ୍ରହ ନଥାଏ। କିନ୍ତୁ ଯେଉଁଭଳି ଭାବେ ଉଚ୍ଚ ଶବ୍ଦ ପ୍ରଦୂଷଣ କରୁଥିବା ଯନ୍ତ୍ରପାତି ମାଧ୍ୟମରେ ସଂଗୀତ ପରିବେଷଣ କରାଯାଉଛି ତାହା ଆନନ୍ଦ ଅପେକ୍ଷା ବିରକ୍ତି ଭାବ ଉଦ୍ରେକ କରୁଛି ଏବଂ କାନକୁ ଅସୁଖକର ଲାଗୁଛି।

ଏବେ ସହରମାନଙ୍କରେ ଯାନବାହନ ଚଳାଚଳ ଦ୍ରୁତଗତିରେ ବୃଦ୍ଧି ପାଇବାରେ ଲାଗିଛି। କାର, ଟ୍ରକ, ଟ୍ରାକ୍ଟର, ବସ୍, ମିନି ବସ୍, ମଟର ସାଇକେଲ, ସ୍କୁଟର ଇତ୍ୟାଦି ଯାନବାହନଗୁଡ଼ିକ ହର୍ଣ୍ଣ ବଜେଇବା ଠାରୁ ଆରମ୍ଭ କରି ଯାନବାହନ ଚାଲିବାର ଶବ୍ଦ, ଆକାଶରେ ଅତି ପାଖରେ ଉଡୁଥିବା ଜେଟ ପ୍ଲେନ, ହେଲିକ୍ୟାପ୍ଟର, ମନ୍ଦିର ଓ ମସ୍‌ଜିଦ୍‌ରେ ବାଜୁଥିବା ଲାଉଡ ସ୍ପିକର ଇତ୍ୟାଦି ପରିବେଷଣକୁ ଆହୁରି ଉତ୍କଟ କରୁଛି। ଶିଳ୍ପାଞ୍ଚଳଗୁଡ଼ିକରେ ଶବ୍ଦ ନିୟନ୍ତ୍ରଣ ସୀମା ୭୫ ଡେସିବେଲ ରହିଥିବା ବେଳେ ଏହା ୧୧୫ ଠାରୁ ଅଧିକ ରହୁଛି। ଫଳରେ ସେ ଅଞ୍ଚଳରେ ବସବାସ କରୁଥିବା ଜନଜୀବନ ଅସ୍ତବ୍ୟସ୍ତ ହେବା ସହ ବିଭିନ୍ନ ପ୍ରକାର ମାନସିକ ଓ ଶାରୀରିକ ରୋଗରେ ପୀଡ଼ିତ ହୁଅନ୍ତି। ଘରେ ମଧ୍ୟ ଫୁଡ୍ ମିକ୍ସର, ଗ୍ରାଇଣ୍ଡର, ଭକ୍ୟୁମ୍‌କୁଲର, ୱାସିଙ୍ଗମେସିନ୍, ଏସି, ଟିଭି, ଆଇପଡ୍ସ, ଇୟରଫୋନ, ଦୀର୍ଘ ସମୟ ଧରି କୁକୁର ଭୋକିବା ଆଦିରୁ ସୃଷ୍ଟି ଶବ୍ଦ ମଧ୍ୟ ପ୍ରଦୂଷଣର ଅନ୍ୟତମ କାରଣ। ସେହିପରି ସହରଗୁଡ଼ିକରେ ଦିନରାତି ଲାଗି ବହୁତଳ ପ୍ରାସାଦ ନିର୍ମାଣରେ ବ୍ୟବହୃତ ଯନ୍ତ୍ରପାତିରୁ ଯେଉଁ ଶବ୍ଦ ସୃଷ୍ଟି ହୁଏ ତାହା ମଧ୍ୟ ଅତ୍ୟନ୍ତ ଅସହ୍ୟକର। ଖାଲି ସ୍ଥଳ ଭାଗରେ ନୁହେଁ, ଜଳ ଭାଗରେ ମଧ୍ୟ ବ୍ୟବହୃତ ଟ୍ରଲର, ସବ୍‌ମ୍ୟାରିନ୍ ଓ ବୁଡ଼ାଜାହାଜରୁ ନିର୍ଗତ ହେଉଥିବା ଶବ୍ଦ ଦ୍ୱାରା ଜଳଜୀବୀମାନେ ଆଘାତ ପ୍ରାପ୍ତ ହୁଅନ୍ତି। ଏପରିକି ଅସହ୍ୟ ଶବ୍ଦ ଯୋଗୁଁ ତିମି ଭଳି ବିରାଟକାୟ ମାଛମାନେ ମଧ୍ୟ ମରିଯାଉଥିବା ନଜିର ରହିଛି। ଶବ୍ଦ ପ୍ରଦୂଷଣ ଶରୀର ଉପରେ ଅନେକ କୁପ୍ରଭାବ ପକେଇଥାଏ। ଏହା ମାନସିକ ସ୍ତରରେ ଚାପ ସୃଷ୍ଟି କରିବା ସହ ଉଦ୍‌ବେଗ ଓ ନିଦ୍ରାହୀନତାର କାରଣ ହୋଇଥାଏ। କାନକୁ ଶୁଣା ନଯିବା, ଭଲ କଥା ନକହିପାରିବା, ଉଚ୍ଚତମ ପ୍ରଯୋଜନ ଶକ୍ତି ହରାଇବା, ଉଚ୍ଚରକ୍ତଚାପ ବଢ଼ାଇବା ଓ ହୃଦ୍‌ରୋଗର ମଧ୍ୟ କାରଣ ହୋଇଥାଏ। ସେଥିପାଇଁ ଚିକିତ୍ସାଳୟ, ବିଚାରାଳୟ, ଛୋଟ ପିଲାଙ୍କ ସ୍କୁଲ, ବାସୋପଯୋଗୀ ଅଞ୍ଚଳରେ ଉଚ୍ଚ ଶବ୍ଦ ବ୍ୟବହାରର ବାରଣ ଅଛି। ସେଥିପାଇଁ ମଧ୍ୟ ଭାରତ ସରକାର ପରିବେଶ ସୁରକ୍ଷା ଆଇନ ପ୍ରଣୟନ କରିଛନ୍ତି। ଏହାକୁ ଯେଉଁମାନେ ଭଙ୍ଗ କରିବେ ସେମାନଙ୍କୁ ଏକ ଲକ୍ଷ ଟଙ୍କା ଜରିମାନାରେ ଦଣ୍ଡିତ କରିବା ସହ ଜାମିନ୍‌ବିହୀନ ଗିରଫ କରିବା ସହ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡାଦେଶ ରହିଛି। ଅଥଚ ଜନସଚେତନତାର ଅଭାବରୁ ତାହା କାର୍ଯ୍ୟକାରୀ ହୋଇପାରୁନାହିଁ। ଭାରତୀୟ ନାଗରିକମାନେ ଆଇନକାନୁନ୍‌କୁ ଡରନ୍ତି ସିନା କିନ୍ତୁ ତାକୁ ସମ୍ମାନ ଦେଇ ନିଜକୁ ପରିବର୍ତ୍ତନ କରନ୍ତି ନାହିଁ। ଫଳରେ ଦେଖାଯାଇଛି ବଡ଼ ବଡ଼ ସହରମାନଙ୍କରେ ମାନସିକ ରୋଗୀ ବଢ଼ିବା ସହ ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ପାଇଛି। ଏଥିରୁ ଦିଲ୍ଲୀ, ବମ୍ବେ, ଲକ୍ଷ୍ନୌ, କଲିକତା, ବେଙ୍ଗୁଲୁର ପ୍ରଭୃତି ସହର ବାଦ୍ ପଡ଼ିନାହାନ୍ତି। ଏବେ ସମୟ ଆସିଛି ଶବ୍ଦ ପ୍ରଦୂଷଣ ପ୍ରତି ଆମେ ଜନ ସଚେତନତା ବଢ଼ାଇବା ଓ ଅଯଥା ଉଚ୍ଚ ଶବ୍ଦ ସୃଷ୍ଟି କରିବାରୁ ନିଜେ ନିବୃତ୍ତ ରହିବା ସହ ଅନ୍ୟ ମାନଙ୍କୁ ସଚେତନ କରିବା।

*ସାମାଜିକ କର୍ମୀ, ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ*

## ସର୍ବଜ୍ଞ ମହାବିଭୁତି

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ସେ ଅନେକ ଦିନ ତଳର ଘଟଣା ହେଲେ ବି, ଏହା ମନରୁ କେବେ ବି ଲିଭି ଯାଇନାହିଁ। ମୋର ଐଶ୍ୱରୀୟ ଶକ୍ତି ନାହିଁ, କୌଣସି ସିଦ୍ଧି ବି ନାହିଁ, କେବଳ କାଳଜ୍ଞାନର ଜଣେ ଶିକ୍ଷାରେ ନଗଣ୍ୟ ଛାତ୍ରଟିଏ। ଗ୍ରହ ନକ୍ଷତ୍ର ସମ୍ବନ୍ଧ, ତିଥି, କରଣ, ଯୋଗ, ଲଗ୍ନ, ସ୍ୱର ଆଦି ମିଶ୍ରଣର ପ୍ରଭାବ ସମ୍ବନ୍ଧ 'ଦୈବ'। ଏହା ବିଶ୍ଳେଷଣରୁ ଯେ ଅନେକ ସୂଚନା ଦେଇ ପାରନ୍ତି ସେ 'ଦୈବଜ୍ଞ'। ମାତ୍ର 'ସର୍ବଜ୍ଞ' ସର୍ବଜାଣ, ସେ ସୃଷ୍ଟି ବିଜ୍ଞରେ ଆଦ୍ୟ ଅନ୍ତର ସର୍ବ ଜାଣ ହେଲେ ଏ ଶକ୍ତିର ଅଧିକାରୀ ହେବାକୁ ସେ କାହାକୁ ପୂର୍ଣ୍ଣ ରୂପେ ବାଛି ନାହାନ୍ତି। କେବଳ ଯୋଗୀମାନେ ସେହି ଅଂଶିକ ଜ୍ଞାନ ଅତି କଠୋର ତପରେ ହାସଲ ହୋଇଥାଏ। ଅବତାରମାନେ ଦେବ ଅଂଶୀ ଏମାନେ ଅବତୀର୍ଣ୍ଣ ହେଲେ ବି, ମର୍ତ୍ତ୍ୟର ନିୟମ ମାନି ନେଇଥାନ୍ତି। କିନ୍ତୁ ସେମାନେ ସର୍ବଜାଣ, ସର୍ବସିଦ୍ଧି, ସର୍ବନିଧିର ଅଧିକାରୀ। ନିହାତି ଅତି ଆବଶ୍ୟକ ଅଭାବଗ୍ରସ୍ତ ଆତୁର ହୋଇ ଅପାରଗତାରେ ପ୍ରାର୍ଥନାରତ ହେଲା ତାର ଇପ୍ସିତ ପୂର୍ଣ୍ଣ ଅବତାରମାନେ ପୂରଣ କରନ୍ତି। ମାତ୍ର କାହାକୁ କେମିତି ପ୍ରକାରରେ ଇପ୍ସିତ ଦିଆଯିବ ତାହା ସମୟ କ୍ଷେତ୍ର ଅନୁସାରେ ପ୍ରଦାନ କରନ୍ତି।

ସାଇବାବା କହିଲେ, ସତ୍ୟସାଇବାବା ଓ ଶିରିଡ଼ି ସାଇବାବାଙ୍କୁ ବୁଝାଯାଏ। ଆପାତତଃ, ଅନେକ ଶିରିଡ଼ିସାଇଙ୍କୁ ସତ୍ୟସାଇ ବାବାଙ୍କ ପୂଜା ଗୃହରେ ଆସୀନ ପ୍ରତିକୃତି, ବାବାଙ୍କ ଭକ୍ତ ଗହଣରେ ଅସରନ୍ତି କଳସୀରୁ ବିଭୁତିରେ ଶିରିଡ଼ି ସାଇବାବାଙ୍କ ଧାତୁ ପ୍ରତିମାରଦିବ୍ୟ ଅଭିଷେକ, ସେ ପ୍ରତିମୂର୍ତ୍ତି ଏବେ ବି ତାଙ୍କ ଉପାସନା ପୂଜା ଗୃହରେ ଅଛି। ଯାହା ପ୍ରାତଃ ଓଁକାରମ୍, ବେଳେ ଲାଇନରେ ସେ ଗୃହକୁ ଯିବା ଲୋକଙ୍କୁ ଦର୍ଶନ ମିଳେ। ବାବା ତାଙ୍କ ଭକ୍ତଙ୍କୁ ପରିଚୟ ଦେବାକୁ ଯାଇ କେତେ ପୁଷ୍ପ ହାତରୁ ଚଟାଣରେ ଫିଙ୍ଗି ତେଲେଗୁ ଲିପିରେ 'ଶିରିଡ଼ି ସାଇବାବା'ର ଲେଖ ଦର୍ଶାଇ ସେ ହିଁ ତାଙ୍କର ଅବତାର ଜଣାଇଥିଲେ। ଏହାର ପର ଅବତାରରେ ପ୍ରେମ ସାଇ ହେବେ ଏହା ବି ସେ ଭକ୍ତଙ୍କୁ ଆଶ୍ୱାସନା ଦେଇଛନ୍ତି। ଏ ଯୁଗରେ ଭରସା ଯେ ବିନା ଦେୟରେ ସାଇବାବା ଏକଥା ପ୍ରଶାନ୍ତି ନିଳୟକୁ ଯେ ଯାଇଛନ୍ତି ସେ ନିଶ୍ଚୟ ଅନୁଭବ କରିଥିବେ। ବିଶ୍ୱାସେ ମିଳଇ ହରି ବୈଦ୍ୟମାନେ ରୋଗୀ ଦେଖି ବ୍ୟବସ୍ଥା କରନ୍ତି। ବୈଦ୍ୟମାନେ ରୋଗହରଣ କରନ୍ତି ବୋଲି ତାଙ୍କୁ ହରି କୁହାଯାଏ। ବୈଦ୍ୟୋ ନାରାୟଣ ହରିଃ ସାଇବାବା ଏମିତି ସେମିତି ବୈଦ୍ୟ ନଥିଲେ ସେ ଭକ୍ତ ମାନଙ୍କ ପାଇଁ ବୈଦ୍ୟନାଥ, ରୋଗ ତ୍ରିବିଧ, ଆଧିଭୌତିକ, ଆଧିଦୈବିକ, ଆଧ୍ୟାତ୍ମିକ, ବାବା ଏ ସବୁର ବୈଦ୍ୟ, ବୈଦ୍ୟନାଥ। ଥରେ ସେ ସମ୍ଭାଷଣରେ ଭକ୍ତ ଶ୍ରୋତା ମାନଙ୍କୁ କହୁଥିଲେ ତୁମେମାନେ ଏକ ଏକ ବ୍ୟାଟାରୀ, ବ୍ୟାଟାରୀରୁ ଶକ୍ତି ପ୍ରଦାନ କ୍ଷମତା କମିଗଲେ ଯେପରି ସେ ରିକଣ୍ଡିସନ ପାଇଁ ଯାଏ, ସେହିପରି ଏ ପ୍ରଶାନ୍ତି କ୍ଷେତ୍ର ତୁମ ମାନଙ୍କ ଏକ ଶକ୍ତି ଭରିବା ରିକଣ୍ଡିସନ କେନ୍ଦ୍ର। ଯେଉଁମାନେ ପ୍ରଶାନ୍ତି ନିଳୟ ଆସିଛନ୍ତି, ତାଙ୍କର ପ୍ରତ୍ୟାବର୍ତ୍ତନ ପରେ ତାଙ୍କ ସାଥିବନ୍ଧୁଙ୍କୁ ତାଙ୍କ ପ୍ରଶାନ୍ତି ବାବାଙ୍କ ସହଚର୍ଯ୍ୟ ଖବର କହିଲା ବେଳେ ନିଶ୍ଚୟ ସେମାନଙ୍କର ଉତ୍ସୁକତା ବଢ଼େ, ବଢୁଥିଲା, ଏବେ ବି କମିନାହିଁ। ଅନେକ ଭ୍ରଷ୍ଟ, ଦିଶାହରାଙ୍କୁ ସେ ଉପଯୁକ୍ତ ଦିଗଦର୍ଶନ ଦେଇ ସଂସାରରେ ପୁନଃ ଥଇଥାନ ଶୁଦ୍ଧ ଜୀବନ ଯାପନ ପଥରେ ସ୍ଥାୟୀ କରାଇଛନ୍ତି। ଚାକିରୀ ଚୋରୀ, ବାଣିଜ୍ୟ ମିଛ ଏବେ ଏବେ ନେତାଙ୍କ ବାଣୀରେ କିଛି ଅଦେୟ ନାହିଁ। ବଚନେ ସର୍ବସ୍ୱ ଦାତା, କାର୍ଯ୍ୟ କାଳେ କଠୋରତା। ଯଦି ସେହି ପ୍ରଶାନ୍ତି କ୍ଷେତ୍ର, ସତ୍ୟ ସାଇବାବାଙ୍କ ସାନ୍ନିଧ୍ୟ ପାଇଥିବେ ତେବେ, ସେ ସର୍ବତ୍ର ସବୁକ୍ଷେତ୍ରେ ତାଙ୍କର ମନନ ହେବ। ହେଲ୍ପ ଏଭର, ହର୍ଟ ନେଭର। ପ୍ରକୃତରେ ଏଇଟା ସାଇମନ୍ତ୍ର ଏହା ସଂସାର ନରକର ଦିବ୍ୟ ତାରଣ ମନ୍ତ୍ର। ଯେଉଁମାନେ କିଛି ହୃଦୟର ଦୁଃଖ ଚିଠି ମାଧ୍ୟମରେ ଜଣାଇବା ଚାହୁଁ ଥିଲେ ଯାହା ତାଙ୍କ ସଂସାର ରକ୍ଷା ପାଇଁ ଉଦ୍ଦିଷ୍ଟ, ତାକୁ ଅଡିଟରୀୟମ ଧାଡ଼ିରେ ବସିଥିବାବେଳେ ପାଖକୁ ଆସି ବାବା ନିଜେ ନେଇଯାଉଥିଲେ। ଯଦିବା ସେ ଅନ୍ତର୍ଯ୍ୟାମୀ, ତଥାପି ଶ୍ରଦ୍ଧା ଥିଲା ଲୋକଙ୍କୁ ବିଶ୍ୱାସ ଦେଉଥିଲେ। ସେ କେବେ ବି ପାରମ୍ପାରିକ ବିଶ୍ୱବିଦ୍ୟାଳୟର ମାଟି ମାଡ଼ି ନାହାନ୍ତି, ଦିନରାତ୍ରି ଭକ୍ତଙ୍କୁ ଦର୍ଶନ କାର୍ଯ୍ୟକ୍ରମକରେ ସଦା ବ୍ୟସ୍ତ ରହିବା ଦେଖାଯାଏ। ତେବେ ସେ ବେଦ, ଯୋଗ, ପୁରାଣ, ଉପନିଷଦ ରାଗିଣୀ ରାଗ ସଙ୍ଗୀତ ସ୍ୱର ଧରି ଭଜନ ଗାୟନ କରିବା ବହୁ ପ୍ରକାର ଭାଷା ଜାଣିବା କହିବା ଏସବୁ ମହା ଆଶ୍ଚର୍ଯ୍ୟ। କି ବିଭୁତି, ଜନ୍ମଭୂମି ଥିଲା ଉଇହୁଙ୍କାରେ ପରିପୂର୍ଣ୍ଣ ଭୂମି। ଯାହାର ନାମ ଅଜ୍ଞାତ ଥିଲା ସେ ଭୂମି ତାଙ୍କ ଯୋଗେ ହେଲା ବିରାଟ ନଗର ମେଳାମେଳା ଯାନ ରେଳ ଷ୍ଟେସନ, ଏରୋଡ୍ରମ ଦୂରାନ୍ତ ଗାମୀ ମୋଟର ଯାନ ରହଣି ସ୍ଥାନ। ସାରା ପୃଥିବୀର ଜାତି, ଧର୍ମ ନିର୍ବିଶେଷରେ ସମସ୍ତେ ଏଠାରେ ବର୍ଷ ତମାମ ଏକତ୍ରିତ ହେବା ଏକ ଆଶ୍ଚର୍ଯ୍ୟ। ଲକ୍ଷ ଲକ୍ଷ ଟଙ୍କା ବ୍ୟୟର ଚିକିତ୍ସା ମାଗଣା କିଏ ସର୍ବଦା ଯୋଗାଇ ପାରିବ, ନାମକୁ ମାତ୍ର ମୂଲ୍ୟରେ ବର୍ଷକୁ କୋଟି ଜନଙ୍କୁ କିଏ ଖାଇବାକୁ ଦେଇପାରିବ ? ଏପରିକି ଅନେକ ପର୍ବରେ ଖାଦ୍ୟ ଦାତବ୍ୟ ବ୍ୟବସ୍ଥା କରାଯାଏ। ଯାହା ଲକ୍ଷ ଲକ୍ଷ ଭକ୍ତ ଜନତା ପର୍ବ ସମାପନ ପର୍ଯ୍ୟନ୍ତ ଭୋଜନ କରିଥାନ୍ତି। ଏ ସବୁ ନିଶ୍ଚୟ ଆଶ୍ଚର୍ଯ୍ୟ। ସାଇବାବା ସାଗର ତାଙ୍କ ବିଷୟରେ ଲେଖି ଲେଖା ସମାପ୍ତ କରିବା କାହାପକ୍ଷରେ ସମ୍ଭବ ନୁହେଁ, ସେ ସର୍ବଜ୍ଞ, ବାସ ଏତିକି।

*ଦୂରଭାଷ : ୯୪୩୭୦୩୧୨୫୩*

## ଶ୍ରୀକାଳହସ୍ତୀ

**ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ**

ଭଗବାନ ପ୍ରତ୍ୟେକ ବସ୍ତୁରେ ଓ ପ୍ରତ୍ୟେକ ପ୍ରାଣୀ ମଧ୍ୟରେ ବିଦ୍ୟମାନ। ତଥାପି ଆମେ ତୀର୍ଥସ୍ଥାନ ଯାତ୍ରା କରି ତାଙ୍କୁ ଦର୍ଶନ କରିବାକୁ ପ୍ରୟାସ କରୁ। କାରଣ ପବିତ୍ର ସ୍ଥାନ ମାନଙ୍କରେ ଆମେ ଭଗବାନଙ୍କ ଉପସ୍ଥିତି ଅନୁଭବ କରୁ। ତୀର୍ଥ ଶବ୍ଦର ଅର୍ଥ ହେଉଛି ଯେଉଁ ସ୍ଥାନକୁ ଗଲେ ମଣିଷ ତରିଯାଏ। ଭାରତ ଏକ ତୀର୍ଥ ଭୂମି। କାରଣ ଭାରତରେ ଅନେକ ପବିତ୍ର ଦେବାଦେବୀ ମନ୍ଦିର ଅବସ୍ଥିତ ଯେଉଁଠିକୁ ପ୍ରତ୍ୟହ ହଜାର ହଜାର ଭକ୍ତ ଯାତ୍ରା କରି ମୋକ୍ଷପ୍ରାପ୍ତ ହୁଅନ୍ତି। ଭାରତରେ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ସମେତ ଅନେକ ପ୍ରସିଦ୍ଧ ଶିବ ମନ୍ଦିର ଅବସ୍ଥିତ। ଭଗବାନ ଶିବଶଙ୍କର ନିରାକାର। ସେ ପୁଣି ସାକାର, ଶିବଲିଙ୍ଗଙ୍କୁ ପୂଜା କରିବା ସ୍ୱୟଂ ଶିବ ଶଙ୍କରଙ୍କୁ ପୂଜା କରିବା ସହ ସମାନ। ପବିତ୍ର ଶିବଲିଙ୍ଗଙ୍କର ହସ୍ତ, ପାଦ, ଚକ୍ଷୁ, କର୍ଣ୍ଣ ନ ଥିଲେ ମଧ୍ୟ ସେ ସର୍ବତ୍ର ବିରାଜିତ। ଏହିପରି ଏକ ପ୍ରସିଦ୍ଧ ସ୍ୱୟମ୍ଭୁ ଲିଙ୍ଗ ହେଲେ ଶ୍ରୀକାଳହସ୍ତୀଶ୍ୱର ବା ଶ୍ରୀକାଳେଶ୍ୱର।

ଆନ୍ଧ୍ରପ୍ରଦେଶର ତ୍ରିଚୁର ଜିଲ୍ଲାରେ ଅବସ୍ଥିତ ଶ୍ରୀ କାଳହସ୍ତୀ ମନ୍ଦିର ହିନ୍ଦୁ ମାନଙ୍କର ଏକ ବିଶିଷ୍ଟ ପୂଜା ସ୍ଥଳ। ଏହ ମନ୍ଦିର ଦକ୍ଷିଣର କୈଳାସ ନାମରେ ପରିଚିତ। ଏହା ସ୍ୱର୍ଣ୍ଣମୁଖୀ ନଦୀକୂଳରେ ଅବସ୍ଥିତ ଏକ ପ୍ରସିଦ୍ଧ ଶିବ ମନ୍ଦିର। ଏହି ମନ୍ଦିର ରାହୁ ଓ କେତୁ ଗ୍ରହଙ୍କ ପୂଜା ପାଇଁ ପ୍ରସିଦ୍ଧ। ଏଠାରେ ରାହୁ ଓ କେତୁଙ୍କ ପୂଜା ପାଇଁ ଅମାବାସ୍ୟା, ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗ ତିଥିକୁ ପବିତ୍ର ମନାଯାଏ। ରବିବାର ଦିନକୁ ମଧ୍ୟ ପୂଜା ପାଇଁ ଏଠାରେ ଶୁଭ ମନାଯାଏ। ସୂର୍ଯ୍ୟପରାଗ ଓ ଚନ୍ଦ୍ରଗ୍ରହଣ ସମୟରେ ଯେତେବେଳେ ଅନ୍ୟ ସମସ୍ତ ମନ୍ଦିର ବନ୍ଦ ରହେ କେବଳ ଏହି ମନ୍ଦିର ଖୋଲା ରହେ। ମନ୍ଦିର ପ୍ରତ୍ୟେକ ଦିନ ସକାଳ ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ ଖୋଲା ରହି ପୂଜା ଅର୍ଚ୍ଚନା କରାଯାଏ ଓ ଭକ୍ତମାନେ ଶୃଙ୍ଖଳିତ ହୋଇ ଧାଡ଼ିରେ ଯାଇ ଦର୍ଶନ କରନ୍ତି। ଏହି ମନ୍ଦିର ଶିବଙ୍କୁ ସମର୍ପିତ ଏବଂ ଏଠାରେ ପୂଜା ପାଉଥିବା ଆକାଶ, ବାୟୁ, ଅଗ୍ନି, ଜଳ ଓ ପୃଥିବୀ ଏହି ପଞ୍ଚତତ୍ତ୍ୱ ମଧ୍ୟରୁ ବାୟୁତତ୍ତ୍ୱ ଅନ୍ୟତମ। ମନ୍ଦିର ଗର୍ଭଗୃହ ମଧ୍ୟରେ ଯଦିଓ କୌଣସି ବାୟୁ ଚଳାଚଳ ହୁଏ ନାହିଁ ଭକ୍ତମାନେ ପବନ ବହିବା ପରି ଅନୁଭବ କରନ୍ତି। ଏପରିକି ଗର୍ଭଗୃହରେ ଏକ ତୈଳ ଦୀପର ଶିଖା ପବନରେ ହଲିଲା ପରି ଦୃଷ୍ଟି ଗୋଚର ହୁଏ।

ଶ୍ରୀକାଳହସ୍ତୀ ଲିଙ୍ଗ ସ୍ୱୟମ୍ଭୁଲିଙ୍ଗ। ଅର୍ଥାତ୍ ନିଜେ ଆବିର୍ଭୁତ। ତାଙ୍କୁ କେହି ସ୍ଥାପନା କରି ନାହାନ୍ତି। ଶ୍ରୀ କାଳହସ୍ତୀ ନାମ ତିନୋଟି ଶବ୍ଦର ସମାହାର। ପ୍ରଥମରେ ଶ୍ରୀ ଅର୍ଥାତ୍ ମକଡ଼ି ବା ବୁଢ଼ୀଆଣୀ, ଦ୍ୱିତୀୟରେ କାଳ ଅର୍ଥ ସର୍ପ ଓ ତୃତୀୟରେ ହସ୍ତୀ ଯେଉଁମାନେ ଏଠାରେ ଶିବଙ୍କୁ ପୂଜା କରି ମୋକ୍ଷପ୍ରାପ୍ତ ହୋଇଥିଲେ। ତେଣୁ ସେମାନଙ୍କ ନାମରେ ଶିବଙ୍କୁ ଏଠାରେ ଶ୍ରୀକାଳହସ୍ତୀଶ୍ୱର ନାମରେ ପୂଜା କରାଯାଏ। ଆଉ ଏକ ତତ୍ତ୍ୱ ଅନୁସାରେ ବାୟୁ ଦେବତା ଓ ଶେଷନାଗ ମଧ୍ୟରୁ କିଏ ଶ୍ରେଷ୍ଠ ବୋଲି ପରିଚିତ ହେବାକୁ ଏଠାକୁ ଆସିଥିଲେ ଏବଂ ଭସ୍ମ ଶିବଲିଙ୍ଗ ଭକ୍ତ ହୋଇ ଏଠାରେ ପୂଜା ପାଇଲେ। ଶ୍ରୀକାଳହସ୍ତୀ ମନ୍ଦିରକୁ ଆନ୍ଧ୍ରପ୍ରଦେଶ ଓ ଚେନ୍ନାଇର ବଡ଼ ବଡ଼ ସହର ମାନଙ୍କୁ ସଡ଼କ ଓ ରେଳଯାତ୍ରା ଉପଲବ୍ଧ। ଏଠାରୁ ନିକଟତମ ଏୟାରପୋର୍ଟ ତିରୁପତିରେ ଅବସ୍ଥିତ। ତିରୁପତି ଠାରୁ ଶ୍ରୀ କାଳହସ୍ତୀର ଦୂରତା ୩୭ କିମି ଓ ସଡ଼କ ପଥରେ ଏକ ଘଣ୍ଟା ସମୟ ଲାଗେ। ଶିବ ଶଙ୍କରଙ୍କୁ ସମର୍ପିତ ଶ୍ରୀ କାଳହସ୍ତୀ ମନ୍ଦିର ବିଜୟନଗର ସାମ୍ରାଜ୍ୟର ସମ୍ରାଟ କୃଷ୍ଣଦେବରାୟ ୧୫୧୬ ମସିହାରେ ନିର୍ମାଣ କରିଥିଲେ। ମନ୍ଦିର ପରିସରରେ ପ୍ରବେଶ ମାତ୍ରେ ଦର୍ଶକମାନେ ଅତ୍ୟନ୍ତ ମନମୁଗ୍ଧକର କାରୁକାର୍ଯ୍ୟ ସମ୍ପନ୍ନ ମୂର୍ତ୍ତି, ପୌରାଣିକ ତଥ୍ୟ ସମ୍ବଳିତ ବିଭିନ୍ନ ଆକୃତିର ପଥର ଖୋଦେଇ ବିଗ୍ରହମାନ ମନ୍ଦିରର କାନ୍ଥ, ଛାତ, ପ୍ରାଚୀର ପଥର ମାନଙ୍କରେ ଦେଖିବାକୁ ପାଇବେ। ବିଶେଷତଃ ଏହାର ଗୋପୁରମ୍ ସ୍ତମ୍ଭମାନଙ୍କରେ ହୋଇଥିବା କାରୁକାର୍ଯ୍ୟ ଅତ୍ୟନ୍ତ ଆଚାର୍ଯ୍ୟଜନକ।

ପ୍ରଥମେ ତିରୁପତିରେ ଶ୍ରୀ ଭେଙ୍କଟେଶ୍ୱରଙ୍କୁ ଦର୍ଶନ କରି ତାପରେ ଶ୍ରୀକାଳହସ୍ତୀ ଯାତ୍ରା କରନ୍ତି। ଯଦି କାହାକୁ ରାହୁ କେତୁ ପୂଜା କରିବାକୁ ଥାଏ ତେବେ ଆଗ ଶ୍ରୀକାଳହସ୍ତୀରେ ପୂଜା ସାରି ଓ ଦର୍ଶନ କରି ତିରୁପତି ଯାତ୍ରା କରନ୍ତି। ଏଠାରେ ଅନେକ ପର୍ବପର୍ବାଣି ପାଳନ କରାଯାଉଥିଲେ ମଧ୍ୟ ମହାଶିବରାତ୍ରୀ ଓ କାର୍ତ୍ତିକ ପୂର୍ଣ୍ଣିମା ବିଶେଷ ଭାବରେ ପାଳନ କରାଯାଏ। ସାରା ଭାରତରୁ ଭକ୍ତମାନେ ଏହି ଦିନରେ ଏଠାକୁ ରାହୁ କେତୁ ପୂଜା କରି ଗ୍ରହଶାନ୍ତି କରିବାକୁ ଆସନ୍ତି। ସ୍ୱୟମ୍ଭୁଲିଙ୍ଗ ଶ୍ରୀ କାଳହସ୍ତୀଶ୍ୱର ଲିଙ୍ଗଙ୍କୁ କେହି ସ୍ପର୍ଶ କରନ୍ତି ନାହିଁ। ଏପରିକି ପୂଜକମାନେ ମଧ୍ୟ ସ୍ପର୍ଶ କରନ୍ତି ନାହିଁ। ଏଠାରେ ଭଗବାନ ଶ୍ରୀକାଳହସ୍ତୀଶ୍ୱରଙ୍କ ସହିତ ଦେବୀ ଜ୍ଞାନପ୍ରସ୍ୱନ ଅମ୍ବାଙ୍କୁ ମଧ୍ୟ ପୂଜା କରାଯାଏ। ଶ୍ରୀ କାଳହସ୍ତୀ କଲମକରି ଶାଢ଼ୀ ଓ ପୂଜା ସାମଗ୍ରୀ ପାଇଁ ପ୍ରସିଦ୍ଧ। ଏଠାରେ ପ୍ରସ୍ତୁତ ପାଲାକୋଭା ମିଠା, କାଲାକନ୍ଦ, ପେଡ଼ା ଓ କ୍ଷୀରି ରାବିଡ଼ିରେ ପ୍ରସ୍ତୁତ ସୁସ୍ୱାଦୁ ମିଠାମାନ ପ୍ରସାଦ ଭାବରେ ଉପଲବ୍ଧି ହୁଏ। ଦ୍ରାବିଡ଼ ସଂସ୍କୃତି ସମ୍ପନ୍ନ କଳାକୃତିର ମନ୍ଦିର ଶ୍ରୀ କାଳହସ୍ତୀ ଏହାର ସାଂସ୍କୃତିକ ସମ୍ପନ୍ନ କଳାକୃତିର ମନ୍ଦିର ଶ୍ରୀକାଳହସ୍ତୀ ଏହାର ସଂସ୍କୃତି ଓ ଧାର୍ମିକ ଭାବର ପବିତ୍ର ସମାରୋହ। ଶ୍ରୀ କାଳହସ୍ତୀଶ୍ୱର ଯାତ୍ରା କେବଳ ତୀର୍ଥାଟନ ନୁହେଁ ଏହା ଭାରତୀୟ ଆଧ୍ୟାତ୍ମିକତା ଓ ସାଂସ୍କୃତିକ ଐତିହ୍ୟର ଏକ ଗଭୀର ଅନୁଭୂବ। ମନ୍ଦିରର ଆକୃତି, ପୁରାତନ ଶିଳ୍ପକଳା, ଗର୍ଭଗୃହରେ ପୂଜିତ ସ୍ୱୟମ୍ଭୁ ବାୟୁଲିଙ୍ଗଙ୍କର ସରଳ କିନ୍ତୁ ପ୍ରଭାବଶାଳୀ ପୂଜା ପଦ୍ଧତି ଭକ୍ତମାନେ ମନକୁ ଶାନ୍ତି, ପବିତ୍ରତା ଓ ଆତ୍ମବଳ ପ୍ରଦାନ କରେ। ଏହିପରି ଶହ ଶହ ବର୍ଷ ହେଲା ଶ୍ରୀ କାଳହସ୍ତୀ ସମସ୍ତଙ୍କର ଭକ୍ତି, ଆଶ୍ରୟ ଓ ପ୍ରେରଣାର କେନ୍ଦ୍ର ଭାବରେ ପ୍ରସିଦ୍ଧି ହୋଇ ରହିଅଛି।

*ପ୍ଲଟ ନଂ-୧୦୮୨/ଡି, ମର୍କତ ନଗର,*
*ସିଡିଏ, ସେକ୍ଟର-୬, କଟକ,*
*ଦୂରଭାଷ : ୯୮୬୧୩୫୫୬୨୮*


## ଯୁଗାବତାର ପ୍ରେମମୟ ଶ୍ରୀସତ୍ୟସାଇ

**ପି. ଜଗନ୍ନାଥ ପ୍ରସାଦ ରାଓ**

ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ୧୦୦ତମ ଜନ୍ମ ଦିବସ। ତାଙ୍କର ବିଶ୍ୱବ୍ୟାପୀ ଲକ୍ଷ ଲକ୍ଷ ଭକ୍ତଙ୍କ ପାଇଁ ଏହା ଅତୀତର ସ୍ମୃତି, ବର୍ତ୍ତମାନର ଅନୁଶୋଚନା ଓ ଭବିଷ୍ୟତର ସଂକଳ୍ପ ଦିବସ। ସ୍ୱାମୀ ସମାଧିସ୍ଥ ହେବା ପରେ ଅନେକଙ୍କର ଧାରଣା ଥଲା ଯେ ସତ୍ୟସାଇ ସଂଗଠନ ଭଳି ଏକ ବ୍ୟକ୍ତି କୈନ୍ଦ୍ରିକ ସଂଗଠନ ଉକ୍ତ ବ୍ୟକ୍ତିଙ୍କ ପଶ୍ଚାତ ବେଶୀ ଦିନ ତିଷ୍ଠି ରହିବନି। ଏଭଳି ମନ୍ତବ୍ୟ ପ୍ରକାଶ କରୁଥିବା ସୁଧୀଜନଗଣ ହୁଏତ ବୁଝି ପାରି ନଥିଲେ ଯେ ସ୍ୱାମୀ କେବଳ ଏକ ବ୍ୟକ୍ତିବିଶେଷ ନୁହନ୍ତି, ଯେ ଏକ ବିଶ୍ୱ ବିରାଟ ସ୍ୱରୂପ, ସେ ଜନ୍ମ ମୃତ୍ୟୁ ରହିତ। ସେ ଧାରଣା କରି ଆସିଥିବା ମରଶରୀରର ଆଗମନ ବା ପ୍ରସ୍ଥାନ ଦ୍ୱାରା କିଞ୍ଚିତ ମଧ୍ୟ ପ୍ରଭାବିତ ନୁହନ୍ତି। ସେ ଶରୀର ଠାରୁ ଭିନ୍ନ ଓ ବିଚ୍ଛିନ୍ନ ଏକ ମହାଶକ୍ତି ଯାହା ଶରୀର ତ୍ୟାଗ ପରେ ମଧ୍ୟ ତାର ଲକ୍ଷ୍ୟ ପ୍ରାପ୍ତିର ଦିଗରେ ଗତିକୁ ତିଳେ ହେଲେ ମନ୍ଥର ନକରି ପୂର୍ବବତ ଆଗକୁ ଚାଲିଅଛି। ତାଙ୍କ ଦ୍ୱାରା ସ୍ଥାପିତ ଏହି ପବିତ୍ର ଅନୁଷ୍ଠାନ ବ୍ୟକ୍ତି କୈନ୍ଦ୍ରିକ ନୁହଁ ଭକ୍ତି କୈନ୍ଦ୍ରିକ। ବ୍ୟକ୍ତି କ୍ଷଣସ୍ଥାୟୀ କିନ୍ତୁ ଭକ୍ତି ଚିରସ୍ଥାୟୀ। ଯୁଗ ମାନେ ଅଳ୍ପ କେତୋଟି ବର୍ଷ ନୁହେଁ, ତାହା ସହସ୍ରାଧିକ ବର୍ଷକୁ ସୂଚାଏ। ତେଣୁ ଯୁଗାବତାରଙ୍କୁ ଯୁଗ ମଧ୍ୟରେ ଏକାଧିବାର ଭିନ୍ନ ଭିନ୍ନ ନାମ, ରୂପ ଓ ଶକ୍ତି ଧାରଣ କରି ଆସିବାକୁ ହୋଇଥାଏ। କଳିଯୁଗ ମଧ୍ୟେ ଭଗବାନ ପ୍ରଥମେ ଶିରିଡ଼ି ସାଇ ରୂପେ ଓ ପରେ ସତ୍ୟସାଇ ରୂପେ ଆବିର୍ଭୂତ ହେବା ପରେ ଅବତାରର ନିରବଚ୍ଛିନ୍ନତାକୁ ସାବ୍ୟସ୍ତ କରିବାକୁ ପୁନଃ ପ୍ରେମ ସାଇ ରୂପେ ଆସିବାର ପ୍ରତିଶ୍ରୁତି ଦେଇଛନ୍ତି। ଏହି ଦୃଷ୍ଟିକୋଣରୁ ବିଚାର କଲେ ସ୍ୱାମୀ ସମାଧିସ୍ଥ ହେବା ପରେ ମଧ୍ୟ ତାଙ୍କର ପ୍ରତିରୂପ ସତ୍ୟସାଇ ସଂଗଠନ ବିଭିନ୍ନ କ୍ଷେତ୍ରରେ ଯେପରି ତା'ର ଶାଖା ବିସ୍ତାର କରି କ୍ଷିପ୍ର ଗତିରେ ଅଗ୍ରସର ହେଉଛି, ତାହା ଭବିଷ୍ୟତକୁ ନେଇ ପ୍ରମାଦ ଗଣୁଥିବା ଭବିଷ୍ୟବେତ୍ତାଙ୍କୁ ନିର୍ବାକ କରିଦେଇଛି।

ପୁରାଣ ଶାସ୍ତ୍ର କହେ ଯେ ଯେଉଁ ଯୁଗରେ ଅସାଧୁ ବ୍ୟକ୍ତିଙ୍କ ସଂଖ୍ୟା କମ ଥାଏ କିନ୍ତୁ ଜଣେ ଦୁଇ ଜଣ ରାକ୍ଷସ ଭଳି ବ୍ୟବହାର କରି ସମାଜର ଘୋର କ୍ଷତି ସାଧନ କରନ୍ତି, ସେମାନଙ୍କୁ ନିପାତ କରିବା ପାଇଁ ଅବତାରଙ୍କୁ ଭୂପୃଷ୍ଠକୁ ଆସିବାକୁ ହୋଇଥାଏ। ନୃସିଂହ ଅବତାର, ବାମନ ଅବତାର ଏଦାଦୃଶ ଅବତାର ଥିଲେ। ଅଥଚ ଶ୍ରୀରାମ, ଶ୍ରୀକୃଷ୍ଣ ଓ ଶ୍ରୀସତ୍ୟ ସାଇ ଅବତାର ଦୀର୍ଘକାଳୀନ ଅବତାର ଥିଲେ ଏବଂ ସେମାନେ ଅବତୀର୍ଣ୍ଣ ହେବା ସମୟରେ ସମାଜର ପରିସ୍ଥିତି ଅତ୍ୟନ୍ତ ଭୟାନକ ଥିଲା ଯାହା ବଡ଼ ଧରଣର ଏକ ପରିବର୍ତ୍ତନ ଚାହୁଁଥିଲା ଓ ତାହା କେବଳ ଭଗବାନଙ୍କ ହସ୍ତକ୍ଷେପ ଦ୍ୱାରା ସମ୍ଭବ ଥିଲା।

ରାମାବତାରରେ ଲୋକମାନେ ମୋଟାମୋଟି ଧର୍ମପରାୟଣ ଓ ସରଳ ଥିଲେ। ରାଜାମାନେ ପ୍ରଜାବତ୍ସଳ ଥିଲେ। ସମାଜର ବିବିଧ ବର୍ଗ ଯେପରି ସୁଖ ଶାନ୍ତିରେ ନିରାପଦ ରହିବେ, ସେଥିପ୍ରତି ସେମାନଙ୍କ ଦୃଷ୍ଟି ରହୁଥିଲା। ଲୋକ କଲ୍ୟାଣ ନିମନ୍ତେ ଅରଣ୍ୟରେ ରହି ଯାଗ ଯଜ୍ଞାଦି କରୁଥିବା ମୁନିଋଷିମାନେ ଯେପରି ଆସୁରୀ ଶକ୍ତିର ଅତ୍ୟାଚାରରୁ ମୁକ୍ତ ରହି ନିର୍ବିଘ୍ନରେ ସେମାନଙ୍କର ତପୋସାଧନା କରି ପାରନ୍ତି ଓ ବନ୍ୟ ଜନ୍ତୁମାନେ ଶାନ୍ତିରେ ରହିପାରନ୍ତି ତାହା ରାଜାମାନେ ସେମାନଙ୍କର ଧର୍ମ ମାନୁଥିଲେ। ପିତା, ମାତା ଓ ଗୁରୁଜନଙ୍କୁ ସମ୍ମାନ ପ୍ରଦର୍ଶନ କରି ସେମାନଙ୍କ ଆଦେଶ ପାଳନ କରିବା ସାମାଜିକ ଚଳଣି ଥିଲା।



ସାଧାରଣ ଜନତାଙ୍କର ମତ ପ୍ରତି ରାଜାଙ୍କର ସମ୍ମାନ ଥିଲା। ରାଜାଙ୍କ ଦରବାରରେ ବିଜ୍ଞଜନ ବିବିଧ ରାଜକୀୟ ସମସ୍ୟାରେ ରାଜାଙ୍କୁ ପରାମର୍ଶ ଦେଉଥିଲେ। ଅନ୍ୟ ପକ୍ଷରେ ଶ୍ରୀରାମଚନ୍ଦ୍ର ଧର୍ମ ନିଷ୍ଠ ଥିଲେ। ରାମୋ ବିଗ୍ରହବାନ ଧର୍ମ। ଯିଏ ଧର୍ମକୁ ସମ୍ମାନ ଦିଏ ନାହିଁ ଓ ଅଧର୍ମରେ ଲିପ୍ତ ହୁଏ ତାକୁ ବଧ କରିବା କ୍ଷତ୍ରିୟର ଧର୍ମ ମନେ କରି ମାରିଚ, ଖର ଆଦି ରାକ୍ଷସଙ୍କୁ ନିପାତ କରି ଶେଷରେ ରାବଣ ସଂହାର କରିଥିଲେ। ରାବଣ ସଂହାର ସହ ରାମାବତାର ମୁଖ୍ୟ ଉଦ୍ଦେଶ୍ୟ ସାଧିତ ହେଲା। ରାମଙ୍କ ଅବତାର ଏକ ସଲିଳ ଗାଥା ଯାହା ସାନ୍ଦ୍ର ନୀରବ ଗତିରେ ପ୍ରବାହିତ ଏକ ନଦୀ ସଦୃଶ। ସେ ମର୍ଯ୍ୟାଦା ପୁରୁଷ ଏବଂ ମଣିଷ ମଣିଷ ମଧ୍ୟରେ ସମ୍ବନ୍ଧର ସୀମାରେଖାକୁ ସମ୍ମାନ ଦେଇ ଓ ନିଜେ ଆଦର୍ଶ ହୋଇ ଆମ ପାଇଁ ବିହିତ ମାନଦଣ୍ଡ ସୁସ୍ଥିର କରିଯାଇଛନ୍ତି। ରାମାୟଣର ମୁଖ୍ୟ ଚରିତ୍ର ସେ ହେଲେ ମଧ୍ୟ ସହଧର୍ମିଣୀ ସୀତା, ମାତା କୌଶଲ୍ୟା ଓ କୈକେୟୀ, ଭ୍ରାତା ଭରତ, ଲକ୍ଷ୍ମଣ, ଭକ୍ତ ହନୁମାନ, ଶରଣାପନ୍ନ ବିଭୀଷଣ, ମିତ୍ର ସୁଗ୍ରୀବ ଆଦି ଚରିତ୍ରକୁ ଯଥୋଚିତ ସ୍ଥାନ ଦେଇଛନ୍ତି। ତାଙ୍କ ଦିବ୍ୟତ୍ୱ ସମ୍ବନ୍ଧରେ ସଚେତନ ଥାଇ ମଧ୍ୟ ସେ ମଣିଷ ଭଳି ବ୍ୟବହାର କରି ଆମ ଆଗରେ ଏକ ଆଦର୍ଶ ସ୍ଥାପନ କରିଯାଇଛନ୍ତି।

କୃଷ୍ଣାବତାରରେ ଅବତାରଙ୍କୁ ଏକ ଭିନ୍ନ ପୃଷ୍ଠଭୂମିରେ କାର୍ଯ୍ୟ କରିବାକୁ ହୋଇଛି। ଏଠାରେ ନଦୀ କ୍ଷିପ୍ର ଗତିରେ ବନ୍ୟାର ପ୍ଲାବନ ହୋଇ ଯଥା ଶୀଘ୍ର ସାଗର ସହ ମିଳିବାର ବ୍ୟାକୁଳତା ନେଇ ବହିଚାଲି ଥାଏ। ଗୋଟିଏ ରାଜ ପରିବାରରେ ଭ୍ରାତୃ ବିବାଦ ବିଧର୍ମୀ କୌରବ ଶତପୁତ୍ର, ପାଣ୍ଡୁପୁତ୍ର ପଞ୍ଚ ପାଣ୍ଡବଙ୍କୁ ସେମାନଙ୍କ ରାଜ୍ୟ ନ ଦେଇ ଶକୁନି ମାମୁଁଙ୍କ କୂଟଚକ୍ରାନ୍ତରେ ସେମାନଙ୍କ ପ୍ରତି ନାନାବିଧି ଅତ୍ୟାଚାର କରି ଆସୁଥାନ୍ତି। ଏଣେ ଭଗବାନ ଶ୍ରୀକୃଷ୍ଣ, ପାଣ୍ଡବମାନେ ଧର୍ମନିଷ୍ଠ ଥିବାରୁ ସେମାନଙ୍କୁ ସାହାଜ୍ୟ ଓ ସମର୍ଥନ ଦେଇ ଆସୁଥାନ୍ତି। ଏହି ଦୁଇପକ୍ଷ ମଧ୍ୟେ ବିବାଦ ଶେଷରେ ଯୁଦ୍ଧରେ ପରିଣତ ହୋଇଛି। ଯୁଦ୍ଧରେ କୌରବଙ୍କ ପରାଜୟ ହୋଇଛି ଓ ପାଣ୍ଡବମାନେ ବିଜୟ ଲାଭ କରିଛନ୍ତି। ଏହି ଯୁଦ୍ଧରେ ଶ୍ରୀକୃଷ୍ଣ କୌଣସି ପକ୍ଷ ନ ନେଇ ଅର୍ଜ୍ଜୁନଙ୍କ ରଥର ସାରଥି ହୋଇଛନ୍ତି। ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ବିଷାଦ ଅର୍ଜ୍ଜୁନଙ୍କୁ ଗ୍ରାସ କରିଛି ଓ ସେ ଯୁଦ୍ଧ ପ୍ରତି ପରାଙ୍ଗମୁଖ ହୋଇ ଯୁଦ୍ଧ କ୍ଷେତ୍ରରୁ ପଳାୟନ କରିବେ କହୁଛନ୍ତି। କୃଷ୍ଣ ତାହା କାପୁରୁଷର ଲକ୍ଷଣ କହି ତାଙ୍କର କର୍ତ୍ତବ୍ୟ କ'ଣ ବୁଝାଉଛନ୍ତି। ଶ୍ରୀକୃଷ୍ଣ ଏକ ବହୁମୁଖୀ ଚରିତ୍ର ଯିଏ ଜନ୍ମ ନେଇଛନ୍ତି କାରାଗାରରେ, ପାଳିତ ହୋଇଛନ୍ତି ନନ୍ଦଗୃହରେ, ରାସ କରିଛନ୍ତି ଗୋପପୁରରେ, ଭକ୍ତଙ୍କୁ ରକ୍ଷା କରିଛନ୍ତି କାଳୀୟ ଦଳନ ଓ ଗୋବର୍ଦ୍ଧନ ଗିରି ଉତ୍ତୋଳନ ସଦୃଶ ଲୀଳା ପ୍ରଦର୍ଶନରେ, ଗୀତାଚାର୍ଯ୍ୟ ସାଜିଛନ୍ତି ରଣାଙ୍ଗନରେ ଓ ଇହଲୀଳା ସମ୍ବରଣ କରିଛନ୍ତି ଜରା ଶବରର ଶରାଘାତରେ। ଦୃଶ୍ୟପଟ ବଦଳିପାରେ, କଥାବସ୍ତୁ ବଦଳି ପାରେ, ତାହା ଦ୍ୱାରକା, ମଥୁରା, ବୃନ୍ଦାବନରେ ହୋଇପାରେ କିନ୍ତୁ ପ୍ରତ୍ୟେକ ଦୃଶ୍ୟର ମୁଖ୍ୟ ଆକର୍ଷଣ ହେଉଛନ୍ତି ଲୀଳାମୟ ଶ୍ରୀକୃଷ୍ଣ।

ଭଗବାନ ଶ୍ରୀସତ୍ୟସାଇ ବାବା ଜନ୍ମ ନିଅନ୍ତି ଆନ୍ଧ୍ରପ୍ରଦେଶର ଅନୁନ୍ନତ ଅନନ୍ତପୁର ଜିଲ୍ଲା ଅଜ୍ଞାତ ପଲ୍ଲୀ ପୁଟ୍ଟପର୍ତ୍ତୀରେ ୧୯୨୬ ମସିହା ନଭେମ୍ବର ୨୩ ତାରିଖ ଦିନ। ଦାରିଦ୍ର୍ୟର କଷା ଘାତରେ ପୀଡ଼ିତ ଏହି ଗ୍ରାମର ଗ୍ରାମବାସୀଗଣ ସେମାନଙ୍କ ଜୀବନର ନ୍ୟୂନତମ ସୁବିଧାରୁ ଯଥା ବିଦ୍ୟାଳୟ, ବିଦ୍ୟୁତ ଆଲୋକ, ଦେବାଳୟ, ରାସ୍ତାଘାଟ, ପାନୀୟଜଳ, ଡାକଘରରୁ ବଞ୍ଚିତ ଥିଲେ। ଭଗବାନଙ୍କ ସଙ୍କଳ୍ପରୁ ତାଙ୍କର ମହା ସମାଧୀ ବେଳକୁ ପୁଟ୍ଟପର୍ତ୍ତି ବିମାନ ଚଳାଚଳ, ରେଳ ଗାଡ଼ିର ସୁବିଧା ପ୍ରାପ୍ତ ହୋଇଛି। ଦିନଥିଲା ମାତ୍ର କେତୋଟି ଝିକର, ଚାଳ ଘର ଛାଡ଼ିଦେଲେ ଅନେକଙ୍କ ଘରର ଛାତ ନଥାଏ ଆଜି କିନ୍ତୁ ସେଠାରେ ଅଛି ବହୁତଳ ବିଶିଷ୍ଟ ଫ୍ଲାଟ ଘର। ଆଜି ପର୍ତ୍ତିରେ ଅଛି ବିଶାଳ ବୈଦ୍ୟାଳୟ, ଉଚ୍ଚଶିକ୍ଷା ସଂସ୍ଥାନ ବିଶ୍ୱ ବିଦ୍ୟାଳୟ, ପ୍ରକାଣ୍ଡକାୟ ସତ୍ୟସାଇ ପାନୀୟ ଜଳ ପ୍ରକଳ୍ପ ଯାହା ଆଗଣିତ ତୃଷ୍ଣାର୍ତ୍ତ କଣ୍ଠରେ ଢ଼ାଳି ଦେଇଛି ବିଶୁଦ୍ଧ ପାନୀୟ ଅମୃତ। ଭଗବାନଙ୍କ ଦିବ୍ୟ ଉପସ୍ଥିତି ପ୍ରଶାନ୍ତି ଧାମକୁ ଏକ ଉନ୍ନତ ସହରର ରୂପ ଦେଇଛି। ଏଠାରେ ନଦୀ ପ୍ରେମର ରୂପରେ ବହି ଯାଇଛି ପୃଥିବୀର ୧୨୫ରୁ ଅଧିକ ଦେଶର ଅସଂଖ୍ୟ ହୃଦୟକୁ, ଜାତି ଧର୍ମ ଭାଷା ପ୍ରାନ୍ତର ସମସ୍ତ ବାଧାବିଘ୍ନକୁ ଅତିକ୍ରମ କରି ଦିବ୍ୟ ପ୍ରେମରେ ନିଜକୁ ହଜେଇ ଦେବା ପାଇଁ।

ସ୍ୱାମୀଙ୍କ ସମାଧି ପରେ ପୃଥିବୀର ବିଭିନ୍ନ ପ୍ରାନ୍ତରୁ ଡାକ୍ତରଖାନାକୁ ଆସୁଥିବା ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସିବିଏସଇ ପରୀକ୍ଷାରେ ଆମ ପିଲାମାନେ ଜାତୀୟ ସ୍ତରରେ କ୍ରମାଗତ ଭାବେ ମାନ୍ୟତା ଲାଭ କରୁଛନ୍ତି। ଏ କ୍ଷୁଦ୍ର ପଲ୍ଲୀରେ ଏତେ ଅଳ୍ପ ଦିନରେ ଏଭଳି ବ୍ୟାପକ ପରିବର୍ତ୍ତନ ଆଣିବା ଭଗବତ ସଂକଳ୍ପ ବିନା କେବେ ସମ୍ଭବ ହୋଇନଥିଲା। ଶ୍ରୀସତ୍ୟସାଇ ଅବତାର ଏକ ଅନନ୍ୟ ଅବତାର ଯାହାର ପଟାନ୍ତର ନାହିଁ, ଯାହା ଯୁଗର ଅନେକ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଅଧିକରୁ ଅଧିକ ଉନ୍ନତିର ପଥରେ ଅଗ୍ରସର ହେଉଛି ଓ ମନେ ହେଉଛି ସ୍ୱାମୀଙ୍କ ପରିକଳ୍ପିତ ସୁବର୍ଣ୍ଣ ଯୁଗ ଆଉ ବେଶୀ ଦୂରରେ ନାହିଁ। ସ୍ୱାମୀଙ୍କ ଭାଷାରେ ପ୍ରତ୍ୟେକ ଅସୁବିଧାକୁ ସୁଯୋଗ ଭାବ ଓ ପ୍ରତ୍ୟେକ ଚ୍ୟାଲେଞ୍ଜକୁ ଏକ ମୁକାବିଲା ଭାବ। ସେ ହୃଷୀକେଶ ସାଜି ଅପେକ୍ଷା କରିଛନ୍ତି। ଆମକୁ ଅର୍ଜ୍ଜୁନ ସାଜି ତାଙ୍କ ସହ ହାତ ମିଳେଇବାକୁ ହେବ। ତେବେ ବିଜୟ ହେବ ସୁନିଶ୍ଚିତ।



— ଆମ ଠିକଣା —
ମାତୃଭାଷା, ସାର୍ଥକ ପ୍ୟାଲେସ୍, ପ୍ଲଟ୍ ନଂ-୧୫୭୦/୧୫୭୧, ସେକ୍ଟର-୬, ସିଡିଏ, କଟକ

## ଶୀତ ସକାଳ.....

ହେମାଳ ବାଆ ବହେ ଉତ୍ତରୁ
ଲାଗଇ ଭାରି ଶୀତ
ଶୀତ ସକାଳ କଅଁଳ ଖରା
ପୋଇଁବା ଆସ ମିତ।
ଶୀତ ସକାଳେ ବୁଲିବା ପରା
ଶରୀର ପାଇଁ ହିତ
ଶୀତ ପୋଷାକ ପିନ୍ଧି ବୁଲିବା
କରିବା ନାହିଁ ମଠ।
ଶିଶିର ଟୋପା ଘାସ ପତରେ
ଦିଶେ ମୁକୁତା ସମ
ଗହୀର କ୍ଷେତେ ଧାନ କାଟଇ
କୃଷକ ଭାଇ ଆମ।
ଗେଣ୍ଡୁ ସେବତୀ ଦୋଳି ଖେଳନ୍ତି
ବାଡି ଓ ବଗିଚାରେ
ନଈ ପଠାରେ ଶୀତ ପରିବା
ଦେଖିଲେ ପେଟ ପୂରେ।
ଶୀତ ସକାଳେ ଯିଏ ପିଅଇ
ଉଷୁମ ପାଣି ନିତି
ସରଦି କାଶ ନଛୁଏଁ ତାକୁ
ନଥାଏ ରୋଗ ଭୀତି।
ଶୀତ ସକାଳ ଦିଏ କଷଣ
ଅଳସ କରେ ଯିଏ
ସଅଳ ଉଠି ଯେ'କାମ କରେ
ସୁସ୍ଥ ସବଳ ରୁହେ।

*ରାମଚନ୍ଦ୍ର ବେହେରା*
*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*

## ବାଟ

ଏଇ ବାଟ ଦେଇ କେତେ ଲୋକ ଗଲେ
ହେଲେ ସେ କାହାକୁ କରିନି ମନା
କେଉଁ କାଳୁ ଏଇ ବାଟ ପଡ଼ି ଅଛି
ଭଲ କରି ଟିକେ ଅନାରେ ଅନା ।

କେତେ ଖରା ବର୍ଷା ଆପଣା କରିଛି
ଯେତେ ଜାଡ ହେଉ ସହିଛି ସିଏ
ହେଲେ ତାକୁ ଟିକେ ଅନେଇ ଚାଲିବା
ପାଇଁ ସେ ସଭିଙ୍କୁ ଚେତେଇ ଦିଏ ।

ବାଟ କଡେ କଡେ ଗଛ ଲଗାଇଲେ
ପତ୍ର ଫୁଲ ଫଳ ଅଜାଡ଼ି ଦେବ
ଭୀଷଣ ଖରାରେ ବାଟୋଇ ଭାଇକୁ
ଛାଇକୁ ତାହାର କୋଳେଇ ନେବ ।

ଦିନୁ ଦିନ ଯେତେ ଚିକ୍କଣ ହେଉଛି
ସେତେ ଗଡୁ ଅଛି ମୋଟର ଗାଡି
ଏତେ ଗାଡ଼ି ଘୋଡ଼ା ବଢ଼ି ଯାଇଛି ଯେ
ରାସ୍ତାରେ ଲାଗିଛି ଧାଡ଼ି କି ଧାଡ଼ି ।

କେବେ ଠାରୁ ବାଟ ପଡ଼ି ରହି ଅଛି
କେତେ ଜୀବଜନ୍ତୁ ଚାଲିବା ପାଇଁ
ନିଜେ କଷ୍ଟ ପାଇ ଅନ୍ୟର ସେବାରେ
ନିଜକୁ ସମର୍ପି ସେ ଦେଇ ଥାଇ ।

ବାଟ ଭଲ ଗୁଣ ଏତେ ସବୁ ଅଛି
ଜାଣି ପାରି ତାର କରିବା ସେବା
ସେ ଭଲ ରହିଲେ ଆମ ଭଲ ହେବ
ତେଣୁ ତା ଦାୟିତ୍ୱ ଆମେରେ ନେବା ।

*କୀର୍ତ୍ତନ ସାହୁ*
*ମିଶ୍ର କଲୋନୀ*
*ଶାଳପଡ଼ା, କେନ୍ଦୁଝର*
*ମୋ- ୯୪୩୮୪୧୪୭୦୧*

# ଜେଜେ ନାତିଙ୍କ ଯୋଜନା

ସ୍କୁଲର ବାର୍ଷିକ ଉତ୍ସବରେ ଷ୍ଟେଜ ଉପରେ, କୁନା ସମସ୍ତଙ୍କୁ ପ୍ରଣାମ କରି ତା ବକ୍ତବ୍ୟ ଆରମ୍ଭ କରିବାକୁ ଲାଗିଲା । ସେ କହୁଥିଲା କି ଜଳ ଆମ ଜୀବନ । ନଦୀ ଓ ପୋଖରୀ ଗାଡିଆ ଜଳର ଉତ୍ସ ହୋଇଥିବାରୁ ତା ମଧ୍ୟରେ ଆମେ ପ୍ଲାଷ୍ଟିକ ଜରି, ଅଳିଆ କାଗଜ ପକେଇବା ଉଚିତ ନୁହେଁ । ସମସ୍ତେ କୁନା କଥା ଶୁଣି ଖୁବ ତାଳି ମାରିବା ଦେଖି କୁନା ଟିକେ ସାହାସ ପାଇ ପୁଣି କହିଲା, ଆଜି ଏଠାରେ ସବୁପିଲାଙ୍କ ଭିତରୁ କାହାର ବାପା, କାହାର ମାଆ ଆସିଛନ୍ତି କିନ୍ତୁ କାହା ଜେଜେ ଜେଜେମା ଆସିନାହାଁନ୍ତି । ମୋ ଜେଜେ କହୁଥିଲେ, ତାଙ୍କ ପିଲାବେଳେ ପରିବାର ଭିତରେ ଜେଜେ ଜେଜେମାଙ୍କ ସହ ଦାଦା, ଖୁଡି, ବଡବାପା, ବଡ଼ବୋଉ, ବାପା ମାଆ ଇତ୍ୟାଦି ମିଶି ରହୁଥିଲେ । ବାପା ମଧ୍ୟ କହୁଥିଲେ ସେମାନେ ତାଙ୍କ ଜେଜେ ଜେଜେମା ଓ ପିତା ମାତାଙ୍କ ସହ ରହୁଥିଲେ । ମୁଁ ଆଜି ଦେଖୁଛି ଅନେକଙ୍କ ଘରେ ତାଙ୍କ ଜେଜେ ଓ ଜେଜେମା ତାଙ୍କ ପାଖେ ଘରେ ରହନ୍ତି ନାହିଁ । ସେମାନେ ଗାଁରେ ରହନ୍ତି । ଆଉ କେତେଜଣଙ୍କ ଘରେ ପିତା ମାତା ଓ ଭାଇ ଭଉଣୀ ଥିବା ବେଳେ କେତେ ଜଣଙ୍କ ପରିବାରରେ ପିତା ମାତା ଓ ଗୋଟିଏ ସନ୍ତାନ ସହ ବିଲାତି କୁକୁର ରହେ । ସେହି କୁକୁର ପାଇଁ ବହୁତ ପଇସା ଖର୍ଚ୍ଚ ହେଉଥିଲେ ମଧ୍ୟ ଗାଁରେ ଜେଜେ ଜେଜେମା କଷ୍ଟରେ ଚଳନ୍ତି । ମୋ ସାଙ୍ଗ ଟୁକୁନା ଏଥିପାଇଁ ବହୁତ କଷ୍ଟ ପାଏ । ତେଣୁ ମୋର ସବୁ ଗୁରୁଜନ ମାନଙ୍କୁ ଅନୁରୋଧ ମୋ ସାଙ୍ଗମାନଙ୍କୁ ଜେଜେ ଓ ଜେଜେମା ସୁଖରୁ ବଞ୍ଚିତ କରନ୍ତୁ ନାହିଁ କାରଣ ନଦୀ ଗଡିଆ ପୋଖରୀ ଯେପରି ଜଳର ଉତ୍ସ, ସେମାନେ ସେପରି ଜ୍ଞାନ, ଗୁଣ ଓ ସ୍ନେହର ଉତ୍ସ । ସମସ୍ତେ ନିରବୀ ଯାଇଥିଲେ । ବଡଗୁରୁମା ଆଖି ଛଳ ଛଳ କରି କୁନାକୁ ପୁରସ୍କୃତ କରିବା ସମୟରେ ସମସ୍ତେ ତାଳି ପରେ ତାଳି ମାରୁଥିଲେ । ଟୁକୁନା ଦଉଡି ଆସି କୁନାକୁ କୁଣ୍ଢେଇ ପକାଇଥିଲା । ଉତ୍ସବ ସରିବା ପରେ କୁନାକୁ ତା ଜେଜେ କହିଲେ ତୁ ଏମିତି କାହିଁକି କହିଲୁ କୁନା । ସବୁ ମଉସା ମାଉସୀମାନେ ଖରାପ ଭାବିଥିବେ । କୁନା କହିଲା ତୁମେ ଜାଣିନ ଜେଜେ ଟୁକୁନା, ରାଜୁ, ମିଲୁ, କୁନି, ଲିଜା ଆଦି ମୋ ସାଙ୍ଗମାନେ ତାଙ୍କ ପାଖରେ ତାଙ୍କ ଜେଜେ ଜେଜେମା ରହୁନଥିବାରୁ ସେମାନେ ମନଦୁଃଖ କରୁଥିଲେ ।

ଜେଜେ ବୁଝେଇଦେଲେ କୁନାକୁ ଯେ ତୋ ସାଙ୍ଗମାନେ ମନଦୁଃଖ କରୁଥିବା କଥା ହୁଏତ ସତ କିନ୍ତୁ ଅନେକ ଜେଜେ ଜେଜେମା ମଧ୍ୟ ଗାଁର ପୈତୃକ ଘର ଛାଡ଼ି ଆସି, ସହରରେ ପୁଅ ବୋହୁଙ୍କ ପାଖରେ ରହିବାକୁ ରାଜି ନୁହଁନ୍ତି । ତାର କାରଣ ବି ରହିଛି ଜେଜେ ଆମର ସ୍କୁଲରେ ଇଂରାଜି ବିଷୟରେ ପରା ଗୋଟିଏ ଟପିକ ଅଛି ଯେ ଜେଜେଙ୍କର ବୟସ ଦୃଷ୍ଟିରୁ, ତାଙ୍କ ହାତ ଥରୁଥିବାରୁ ଥରେ ନୁହେଁ ଦୁଇଥର ତାଙ୍କ ହାତରୁ କପ ପଡିଯିବାରୁ ତାଙ୍କ ବୋହୁ ଖୁବ ବିରକ୍ତ ହୁଅନ୍ତି । ଏମିତି ବିରକ୍ତ ହୁଅନ୍ତି ଯେ ତାଙ୍କୁ କେହି ନିଜ ସାଙ୍ଗରେ ଏକାଠି ଖୁଆନ୍ତି ନାହିଁ । ସେ ଏକା ଏକା ଅଲଗା ଜାଗାରେ ଖାଆନ୍ତି । ଆମରି ପରି ତାଙ୍କର ଗୋଟେ ନାତି ଶେଷକୁ ଜେଜେଙ୍କ ପଟେ ବାହାରି ମାଆଙ୍କୁ କହିଥିଲା ତୁମକୁ ମଧ୍ୟ ମୁଁ ଏମିତି ଏକା ଏକା ଅଲଗା ଟେବୁଲରେ ଖାଇବାକୁ ଦେବି ଆଉ ତୁମେ ଯେମିତି ଜେଜେଙ୍କ ପାଇଁ କାଠ କପ କରିଛ ମୁଁ ବି ସେମିତି ତୁମ ପାଇଁ କରିରଖିବି । ଏକଥା ଶୁଣିଲା ପରେ ତା ମାଆ ସେହି ବାଳକର ଜେଜେଙ୍କ ପ୍ରତି ଆଉ କଠୋର ହୋଇନଥିଲେ । କୁନା ଜେଜେ ଏଥର ହସିଲେ ଆଉ କହିଲେ ତୁ ଠିକ କଥା କହିଛୁ ଯେ କୁନା କିନ୍ତୁ କେତେକ ବୁଢା ବୁଢ଼ୀ ତାଙ୍କ ପୁରୁଣା ଅଭ୍ୟାସକୁ ଛାଡ଼ି ନପାରି ଯଥା ଗୁଡ଼ାଖୁ ଘଷିବା, ପାନ ଖାଇବା, ନଈ ପୋଖରୀରେ ନିଜ ନିତ୍ୟକର୍ମ କରିବା ଅଭ୍ୟାସ ସବୁକୁ ବଦଳେଇ ଗାଁ ଛାଡ଼ି ଆସିବାକୁ ମନ କରନ୍ତି ନାହିଁ । ଜେଜେ ତୁମେ ଠିକ କଥା କହିଲ କିନ୍ତୁ ଆମେ ସବୁ ସେଭଳି ଜେଜେ ଓ ଜେଜେମାଙ୍କ ବଦଅଭ୍ୟାସ ଛାଡିବାକୁ ତାଙ୍କ ପାଇଁ ଯୋଜନା କରି ରଖିଛୁ ପା ଜେଜେ । କି ଯୋଜନା କରି ରଖିଛ ଶୁଣେ ?

କୁନା କହୁଥିଲା ସବୁ ଜେଜେ ଜେଜେମାମାନଙ୍କ ପାଇଁ ପ୍ରତି ଗଳି, କନ୍ଦି, ସାଇ, ୟୁନିଟରେ କ୍ଲବ ଗଠନ କରାଯିବ । ସେଠାରେ ସେମାନେ ସକାଳୁ ସକାଳୁ ଯୋଗ ପ୍ରାଣାୟାମ କରିବେ । ଆମଭଳି ପିଲାମାନଙ୍କ ସଙ୍ଗେ ଫୁଟବଲ, ଭଲିବଲ, କ୍ୟାରାମ, ଚେସ ଇତ୍ୟାଦି ଖେଳିବା ଦ୍ୱାରା ଯଦି କାହାର କିଛି ଗୁଟଖା ସେବନ ଥିବ, ଛାଡିବାକୁ କେତେ ସମୟ ଜେଜେ ? ଆରେ କୁନା ମୁଁ ତ ଏତେ କଥା ଜାଣିନଥିଲି । ହଁ ଜେଜେ ସମୟ, ସ୍ଥାନ, କାଳ, ପାତ୍ର ସହ ମଣିଷ ମଧ୍ୟ କିଛି ପରିବର୍ତ୍ତନ ଚାହେଁ । ସେହି ପରିବର୍ତ୍ତରେ ଯଦି କଟକଣା ନଥାଏ, ସ୍ନେହ, ଶ୍ରଦ୍ଧା, ଭାଇଚାରା ଭିତରେ ପ୍ରୀତି, ମୈତ୍ରୀ, ସଂହତି ଲୁଚି ରହିଥାଏ, ତେବେ କିଏ କାହିଁକି ସେଥିପ୍ରତି ବିମୁଖ ହେବ ? ? ଜେଜେ କହିଲେ ସବୁ ଠିକ ଅଛି ଯେ ସେହି ଜେଜେମାମାନଙ୍କ ପାଇଁ ଟିକେ ଭାବିବାର ଥିଲା । ଭାବିଛୁ ଜେଜେ, ସେମାନେ ପ୍ରତି ରବିବାର ଦିନ ତାଙ୍କ ହାତ ତିଆରି ପିଠା, କ୍ଷୀରି ଖେଚେଡ଼ି ପ୍ରସ୍ତୁତ କରି ଖାଇବାକୁ ଦେବା ସହ ବଗିଚାରେ ଋତୁ ଅନୁଯାୟୀ ଶାଗ କଞ୍ଚାଲଙ୍କା ଓ ତଟକା ପନିପରିବା ଚାଷ କରିବେ । ଜେଜେ କହୁଥିଲେ ସାବାସ ସାବାସ । ଚିନ୍ତାଧାରା ମନ୍ଦ ନୁହେଁ । ହେଲେ ଯେ କୌଣସି ଯୋଜନାକୁ କାର୍ଯ୍ୟ କରିବା ପାଇଁ ତ କଠିନ ପରିଶ୍ରମ କରିବାକୁ ପଡିବ । କୁନା କହିଲା ସେ ଦାଇତ୍ୱ ତୁମର ଜେଜେ, କାରଣ ତୁମେ ସବୁବେଳେ କୁହ ଦୃଢ଼ ଇଚ୍ଛାଶକ୍ତି ଥିଲେ ଆସାଧ୍ୟ କାର୍ଯ୍ୟକୁ ନେଇ ଆଣି ଥୋଇ ହୁଏ । ଜେଜେ ହସୁଥିଲେ ମୁରୁକି ମୁରୁକି ।

*ସୁନନ୍ଦା ମହାନ୍ତି, ସାକ୍ଷୀଗୋପାଳ*
*ପୁରୀ, ୯୦୪୦୯୭୭୩୨୭*

## ସରି ସରି ଆସେ ଋତୁ ହେମନ୍ତ

ସରି ସରି ଆସେ ଋତୁ ହେମନ୍ତ
କହିଲ ତୁମକୁ ଲାଗେ କେମନ୍ତ
ମୋତେ ତ ବଢିଆ ଲାଗେ
ତୁମକୁ କହିଲି ଯେମିତି ମୋ କଥା
ତୁମେ କୁହ ମୋର ଆଗେ ।
ମାନସ ମନକୁ ଖୋଲି କହିଲା
'ହେମାଳ ପବନ ଧୀରେ ବହିଲା
ଲାଗିଲା ପହିଲି ଶୀତ
ଶୀତ କରିଥାଏ ସଭିଙ୍କର ହିତ
ସାଜିକି ମନର ମିତ ।'
ରୁପାଲୀ କହିଲା, 'ଧାନ ପାଚଇ
ଚାଷୀ ଭାଇଙ୍କର ମନ ନାଚଇ
ଲାଗିଯାଏ ଧାନ କଟା
ସକାଳ ପହରୁ ଚାଷୀ ବ୍ୟସ୍ତ ରହେ
କରୁ ଶୀତ ହଟହଟା ।'
ସନିଆ କହିଲା, 'ଶୀତ ଫସଲ
ଏକାଳେ ଲାଗଇ କଥା ଅସଲ
ପରିବା ଫଳିବ ଯେତେ
ନୂଆବର୍ଷ ବେଳେ ବଣ ଭୋଜି ହେବ
ଖାଉଥା' ଯାହାକୁ ଯେତେ ।'
ସୋନାଲୀ କହିଲା, 'ଏହି ଋତୁରେ
ସଭିଙ୍କର ମନ କୁତୁକୁତୁରେ
ଖାଦ୍ୟ ଅଭାବ ନ ରହେ
କୁକୁର ହାଣ୍ଡିରେ ପେଜ ଭରପୁର
ନ କହିବା ଲୋକ କହେ ।'
ନାରଣ କହିଲା, 'ଲୋକେ ସରବ
ହେମନ୍ତେ ପାଳନ୍ତି ନାନା ପରବ
ମନ କରିଥାନ୍ତି ଖୁସି
ଲକ୍ଷ୍ମୀଙ୍କ କରୁଣା ଝରି ପଡୁଥାଏ
କେହି ନ ବସନ୍ତି ରୁଷି ।'

*ନିରଞ୍ଜନ ସାହୁ*
*ନିହଲ ପ୍ରସାଦ, ଗଁଦିଆ ପାଟଣା*
*ଢେଙ୍କାନାଳ-୭୫୯୦୧୬*
*ମୋ-୯୯୩୮୭୪୧୫୯୩*

# ।। ପିତୃଭକ୍ତ ଫଜଲ ।।



ବହୁଦିନ ତଳେ ବାଗଦାଦରେ ହାରୁନ ରସିଦ ନାମକ ଜଣେ ଖଲିଫା(ରାଜା) ଶାସନ କରୁଥିଲେ । ଥରେ ସେ ତାଙ୍କ ବଜୀର (ମନ୍ତ୍ରୀ)ଙ୍କ ଉପରେ ଅସନ୍ତୁଷ୍ଟ ହୋଇ କାରାଗାରରେ ବନ୍ଦୀ କରି ରଖିଦେଲେ । ବଜୀରଙ୍କ ପୁତ୍ର ଫଜଲ ପିତାଙ୍କୁ ମୁକ୍ତି କରିବାକୁ ଖଲିଫାଙ୍କ ନିକଟରେ ଅନୁରୋଧ କଲା । କିନ୍ତୁ ଖଲିଫା ଓଲଟା ଫଜଲକୁ ମଧ୍ୟ ବନ୍ଦୀ କରି ପିତାଙ୍କ ସହିତ ରହିବା ପାଇଁ କାରାଗାର କୁ ପଠାଇଦେଲେ ।

ବଜୀରଙ୍କୁ ଶ୍ୱାସ ରୋଗ ଥାଏ । ତେଣୁ ଥଣ୍ଡା ପାଣି ତାଙ୍କ ନିମନ୍ତେ ବିବର୍ଜିତ । କାରାଗାରରେ ଗରମ ପାଣିର କୌଣସି ବ୍ୟବସ୍ଥା ନ ଥିବାରୁ ତାଙ୍କୁ ହାତ ମୁହଁ ଧୋଇବା ଓ ପାଣି ପିଇବାରେ ବଡ଼ ଅସୁବିଧା ହେଉଥାଏ। ଫଜଲକୁ ଜଣାଥାଏ ତା' ପିତାଙ୍କ ନିମନ୍ତେ ଗରମ ପାଣି ନିହାତି ଆବଶ୍ୟକ । କେମିତି ଗରମ ପାଣି ଉପଲବ୍ଧ କରିବ ତାକୁ କିଛି ବୁଦ୍ଧି ବାଟ ଦେଖାଯାଉ ନଥାଏ । ରାତି ହେଲେ କାରାଗାର ମଧ୍ୟରେ ଲଣ୍ଠନଟେ ଜଳେ । ସେ ମନେ ମନେ ଭାବିଲା ଲଣ୍ଠନର ଉତ୍ତାପରେ ପାଣି ଗରମ କରି ପାରିବ । ତା'ପରଠାରୁ ପ୍ରତିଦିନ ରାତିରେ ଲୋଟେ ପାଣି ଭରି ଲଣ୍ଠନ ଉପରେ ରଖିଦିଏ । ରାତି ଭିତରେ ଲଣ୍ଠନର ଉତ୍ତାପ ପାଇ ଲୋଟାର ପାଣି ଗରମ ହୋଇଯାଏ । ସକାଳେ ତା' ପିତା ସେହି ପାଣିରେ ମୁହଁ ହାତ ଧୋଇ ହୁଅନ୍ତି ଏବଂ ଅବଶିଷ୍ଟ ପାଣି ପିଇ ଦିଅନ୍ତି ।

ଉକ୍ତ କାରାଗାରର ନିରୀକ୍ଷକ ବଡ଼ ନିର୍ଦ୍ଦୟୀ ଥାଆନ୍ତି । ସେ ଯେତେ ବେଳେ ଜାଣିଲେ ଫଜଲ ତା' ପିତାଙ୍କ ନମନ୍ତେ ଲଣ୍ଠନ ଉପରେ ପାଣି ଲୋଟା ରଖି ଗରମ କରୁଛି ତୁରନ୍ତ ସେଠାରୁ ଲଣ୍ଠନକୁ ହଟେଇ ଦେଲେ । କାରାଗାର ନିରୀକ୍ଷକଙ୍କ ଏଭଳି କାର୍ଯ୍ୟରେ ଫଜଲ ବଡ଼ ଦୁଃଖିତ ହୋଇପଡିଲା । ତା' ପିତା ପୁଣି ଥଣ୍ଡା ପାଣି ବ୍ୟବହାର କରିବା ଦ୍ୱାରା ଦିନ ପ୍ରତିଦିନ ସ୍ୱାସ୍ଥ୍ୟ ଖରାପ ହେବାକୁ ଲାଗିଲା । ଫଜଲ ପିତାଙ୍କର ରୋଗାଗ୍ରସ୍ତ ଅବସ୍ଥା ଦେଖି ସହିପାରିଲା ନାହିଁ । ପୁଣି ସେ ଏକ ଉପାୟ ପାଞ୍ଚି ରାତିରେ ଶୋଇବାବେଳେ ଲୋଟେ ପାଣି ତା' ପେଟ ପାଖେ ଚାପିଧରି ଶୋଇଲା । ରାତସାରା ତା' ଶରୀରର ଉତ୍ତାପ ପାଇ ଲୋଟାର ପାଣି କିଛି ପରିମାଣରେ ଉଷ୍ମ ହେଇ ଯାଏ । ସକାଳେ ସେଇ ପାଣିରେ ତା' ବାପା ମୁହଁ ହାତ ଧୋଇବା ବ୍ୟତୀତ ପିଇବା ପାଇଁ ବ୍ୟବହାର କରନ୍ତି ।

ଏଭଳି କରବା ଦ୍ୱାରା ଫଜଲ ରାତିସାରା ଶୋଇପାରେ ନାହିଁ । ତାକୁ ନିଦ ଆସିବା କ୍ଷଣି ଲୋଟାର ପାଣି ତଳେ ପଡିଯିବା ଭୟରେ ଶୋଇ ପାରେ ନାହିଁ । ରାତିସାରା ପାଣି ଲୋଟାକୁ ପେଟ ପାଖେ ଚାପିଧରି ଚାହିଁରହେ । କାରାଗାର ନିରୀକ୍ଷକଙ୍କୁ ଏକଥା ବି ଅଛପା ରହିଲା ନାହିଁ । ଦିନେ ରାତିରେ ସେ ଆସି ଦେଖନ୍ତି ତ ଫଜଲ ପେଟରେ ପାଣି ଲୋଟାକୁ ଚାପିଧରି ଶୋଇଛି । ତାଙ୍କୁ ବିଶ୍ୱାସ ହେଉ ନଥାଏ ଜଣେ ୧୦-୧୨ ବର୍ଷର ବାଳକ ନିଜ ପିତା ପାଇଁ ଏତେ ତ୍ୟାଗ କରିପାରେ !

ଫଜଲର ପିତୃଭକ୍ତି ଦେଖି ତାଙ୍କ ପଥର ହୃଦୟ ତରଳିଗଲା । କାରାଗାର ଗେଟ ଖୋଲି ତାକୁ କହିଲେ-ଆଲ୍ଲା ! ତୋ ପରି ପୁଅ ସଭିଙ୍କୁ ଦିଅନ୍ତୁ । ତୋତେ ଆଉ ରାତିସାରା ଉଜାଗର ରହି ନିଜ ଶରୀରର ତାପମାତ୍ରାରେ ପାଣି ଗରମ କରିବାକୁ ହେବ ନାହିଁ । ଆସନ୍ତା କାଲିଠାରୁ ତୋ ପିତାଙ୍କ ପାଇଁ ଗରମ ପାଣି ଉପଲବ୍ଧ ହେବ ।

*ସୁଧାଂଶୁ ଶେଖର ଦ୍ୱିବେଦୀ*
*ବିସି-୭୪, ସଲଟ ଲେକ,*
*କଲକତା-୬୪*
*ମୋ-୯୬୮୧୩୭୩୫୧୨*

## ଶୀତ ପରା ଆମ ଅସଲ ମିତ



ଶୀତ ଆସି ତା'ର ମିତକୁ କହିଲା
ଗୀତଟେ ମୋ ପାଇଁ ଲେଖ
କେତେ ଉପହାର ଆଣିଛି ତୋ ପାଇଁ
ନିଜେ ଆଖିଖୋଲି ଦେଖ ।
କହିଥିଲ ତୁମେ ଆଣିଦେବା ପାଇଁ
ବାଡ଼ିବଗିଚାରେ ଫୁଲ
ଜାତିଜାତି ସଜ ପରିବା ଫଳାଇ
ଦେବାପାଇଁ ଖାଦ୍ୟ ଭଲ ।
କିଣାଇଦେବାକୁ ଉଲେନସ୍ୱେଟର
ବାପାଙ୍କୁ ତୁମର କହି
ନୂଆ ଶାଲଟିଏ ନାଲି ଟୋପିଟିଏ
ଜାଡ଼ରୁ ବଂଚିବାପାଇଁ ।
କଅଁଳ ଖରାକୁ ପରଶି ଦେବାକୁ
ସୂରୁଜକୁ କହିଅଛି
କୁଡୁକୁଡୁ କରି ଖାଇବା ପାଇଁକି
ଚନାଚୁର ଧରାଇଛି ।
ବଣଭୋଜି ବୁଲି କରିବା ପାଇଁକି
ସଜାଇଛି ଗିରି ବନ
ଯହିଁ ଝରଣାଟି ଝରଝର ଝରି
କରଇ ମଧୁର ସ୍ୱନ ।
ମା'ଲକ୍ଷ୍ମୀଙ୍କର ପୂଜା କରି ତୁମେ
ଧନଜନ ଅରଜିବ
ଦେବୀ ସରସ୍ୱତୀଙ୍କର ପୂଜା କରି
ବିଦ୍ୟାରେ ପ୍ରବୀଣ ହେବ ।
ଆଣିଦେଲି ସବୁ ସୁଖ,
ଭଲପିଲା ହୋଇ ପାଠ ନ ପଢ଼ିଲେ
ମୋ ମନ ହୋଇବ ଦୁଃଖ ।

*ଜୟକୃଷ୍ଣ ସାହୁ*
*କପିଳ ପ୍ରସାଦ, ଭୁବନେଶ୍ୱର-୨*
*ମୋ-୯୯୩୭୦୯୨୩୯୭*









## ସିଏରେ ରାଇଜ ଆମ

ଉକ୍ଳରୁ ଯିଏ ଓଡ଼ିଶାଟି ହେଲା
ସିଏରେ ରାଇଜ ଆମ
ମହାନ୍ ତାହାର କଳା ସଂସ୍କୃତିରେ
ଅତି ପରିଚିତ ନାମ ।

ପାଷାଣ ଦେହରେ କଳା ଭାସ୍କର୍ଯ୍ୟର
ରୂପଛଟା ଉଠେ ଫୁଟି
'ସଂଘମ୍ ଶରଣମ୍' ବାଣୀ ଧଉଳିରୁ
ସମୀରରେ ଆସେ ଛୁଟି ।

ଆମରି ଏକାମ୍ରକ୍ଷେତ୍ରଟି ବିଦିତ
ମନ୍ଦିର ମାଳିନୀ ନାମେ
ଖୋରଧାଟି ଗାଏ ପାଇକର ଗାଥା
ଗରବେ ଯେ କହୁ ଆମେ ।


ଯା'ର ତାରକସି, ପିପିଲି ଚାନ୍ଦୁଆ
ସମ୍ବଲପୁରର ପାଟ
ଅତିଥି ଏଇଠି ଦେବତା ସମାନ
ବିଶ୍ୱକୁ ଶିଖାଉ ପାଠ ।

'ମୋ ଜୀବନ ପଛେ ନର୍କେ ପଡ଼ିଥାଉ'
ଏମିତି ଆଦର୍ଶବାଣୀ
ସ୍ମରଣ ତ କରୁ ଭୀମଭୋଇଙ୍କୁରେ
ଇଏ ତାଙ୍କ ଲେଖା ଜାଣି ।

ଆମ ମଧୁବାବୁ ଆମ ଗୋପବନ୍ଧୁ
ସଦା ପ୍ରାତଃସ୍ମରଣୀୟ
ସେହି ଓଡ଼ିଶା ମୋ ଜନମଭୂଇଁରେ
କରୁ ତା'ର ଜୟ ଜୟ ।

*ନୀଳମଣି ଚାନ୍ଦ*
*ମନ୍ତ୍ରମାନୋର, ଗୋଠପାଟଣା*
*ଭୁବନେଶ୍ୱର, ମୋ:୯୫୮୩୨୦୨୩୫୭*

## ଶୀତୁଆ ସଞ୍ଜ



ଗେଣ୍ଡୁଫୁଲ ମାଳ ବେକରେ ପକାଇ
ଆସିଛି ଶୀତ ମାଉସୀ
ଶୀତଳ ପଣତ ଦୋହଲାଇ ଦେଇ
ଯାଉଛି ଥଣ୍ଡା ବରଷି ।
ହେମାଳ ବାଆକୁ ସାଥିରେ ଧରିଣ
ଲୁଚି ଲୁଚି ଚାହିଁ ଥାଏ
ସୂରୁଜ ଦେବତା ପଶ୍ଚିମେ ବୁଡିଲେ
ସିଏ ତା କୋପ ଦେଖାଏ ।
ଅନ୍ଧାର ପୂର୍ବରୁ ପିଲାମାନେ ଫେରି
ଆସନ୍ତି ସାରିଣ ଖେଳ
ଘୋଡ଼ି ଘାଡ଼ି ହୋଇ ପଢାରେ ଲାଗନ୍ତି
ଆସୁଛି ପରୀକ୍ଷା ବେଳ ।
ଚାଷୀ ବାପୁଡ଼ା ଟି ଅମଳ କରିଣ
ସୁନା ଫସଲ ତାହାର
ସନ୍ଧ୍ୟାରେ ଭକ୍ତିରେ ପ୍ରାର୍ଥନା କରଇ
ଧନ୍ୟ ତୁମେ ହେ ଈଶ୍ୱର ।
ଭାଗବତ ଘରେ ଘନଶ୍ୟାମ ନନା
ଘୋଡି ହୋଇଣ ଚଦର
ଭାଗବତ ପଢ଼ି ବୁଝାନ୍ତି ଲୋକଙ୍କୁ
ସରଳ ଅର୍ଥ ତାହାର ।
ଅନ୍ୟ ଦିନ ଭଳି ଗାଁର ଠାବେ ଠାବେ
ଲୋକ ନ ହୋଇଣ ମେଳି
ଘର ଭିତରେ ଆରାମରେ ବସନ୍ତି
ଶୀତକୁ ଦେବାକୁ ତଡି ।
ଥୁରୁ ଥୁରୁ ଦେହରେ ଜେଜେମା ମୋର
ନିଆଁ ଚୁଲି ପାଖେ ବସି
ଚୁଲି ଜଳାଇ ସେ ନିଆଁ ପୁଆଁଇଣ
ମନେ ମନେ ହୁଏ ଖୁସି ।
ଶୀତଟା ତାହାର ରାଜୁତିରେ ବାଧ
କରେ ଘୋଡି ହେବା ପାଇଁ
ପଶୁ ପକ୍ଷୀଙ୍କର କଥା କି ଭାବିଛ
ଏ ଶୀତେ ରହନ୍ତି କାହିଁ ?
ଶୀତସୁପ୍ତି ଶୀତ ଏଡାନ୍ତି ପଶୁଏ
ଚାହିଁ ଋତୁର ପ୍ରସ୍ଥାନ
ଗଛଡାଳେ ପକ୍ଷୀ କି କଷ୍ଟେ ରୁହନ୍ତି
କର ଥର ଅନୁମାନ ।
କାକର ବର୍ଷାରେ ଶୀତ ପରିଷ୍କାର
କରଇ ଘାସ ପତର
ତୁମେ ଯେବେଳେ ଆରାମେ ଶୋଇ ଥାଅ
ଘୋଡେଇ ହୋଇ ଚଦର ।
ଶୀତର ଛୁଆଁଟା ଗାଆଁକି ସହର
ଚାରିଆଡ଼େ ଦେଇ ବିଞ୍ଚି
ପରିବେଶ ସୁରକ୍ଷିତ ରଖିଥାଏ
ଉପକାର ଭାବ ସିଞ୍ଚି ।

*ସୁଧାକର ରାଉତ*
*ପ୍ରତାପ ନଗରୀ, କଟକ*
*ମୋ:୮୨୪୯୯୩୨୭୯୨*

## ମିଳିବ ଟିକିଏ ଆଶରା

ଆଶରା ଟିକିଏ ପାଇବା ପାଇଁକି
ଆତୁରେ ଅଛନ୍ତି ଚାହିଁ
ବସା ଗଢିବାକୁ ବଣ ତୋଟା ଗଛ
ଗାଆଁ ସହରରେ ନାହିଁ ।।

ଦିଶଇ ଆଖିକୁ ଆମ ପରିବେଶ
ଉଜୁଡ଼ି ଯାଇଛି ଆଜି
ନିଜ ସୁଖପାଇଁ କାଟିଛି ଗଛକୁ
ମଣିଷ ନିଷ୍ଠୁର ସାଜି ।।

ନାହିଁ ଫଳ କୋଳି ଗଛଡ଼ାଳ ଦୋଳି
ଶୁଭୁନି ଚଢ଼େଇ ଗୀତ
କେତେ ହରବର ହେଉଛନ୍ତି ଆମ
ଜୀବଜଗତର ମିତ ।।

ଖରାତ ପଡୁଛି ମାଟିର ଛାତିରେ
ରୋକିବାକୁ ନାହିଁ ଗଛ
ଆମେତ ରହିଛେ ସୁଖରେ କୋଠାରେ
ତାଙ୍କ ସୁଖ କରି ପଛ ।।

କେତେ ଦୁଃଖ ସେଇ ଟିକି ଚଢ଼େଇର
ଆହାର ମିଳୁନି ତାକୁ
ଚାହିଁ ରହିଛି ସେ ତା ମାଆ ଯାଇଚି
ଖାଦ୍ୟ ଟିକେ ଖୋଜିବାକୁ ।।

ଦେଖି କୁନା କୁନି ପକ୍ଷୀଙ୍କର ଦୁଃଖ
କହିଲା ଚାରା ମୁଁ ଆଣି
ଲଗେଇବି ଗଛ ମାଟିର ଛାତିରେ
ଢାଳିଦେଇ ମୁନ୍ଦେ ପାଣି ।।

ଗଛ ବଡ ହେଲେ ଗଢ଼ିଦେବେ ବସା
ଚଢ଼େଇ ହେଇକି ଖୁସୀ
ତହିଁରେ କାଟିବେ ସୁଖେ ଦିନ ରାତି
ଗୀତ୍ୱି ଗାଇ୍ୱେସି ।।

*ପ୍ରଶାନ୍ତ କୁମାର ଦାଶ*
*କୁଞ୍ଜର -ସଙ୍ଗଲାଇ*
*ପିପିଲି -ପୁରୀ*
*ମୋ-୯୬୬୮୮୨୨୧୯୦*

## ମନେ ପଡ଼ିଯାଏ

ମନେ ପଡ଼ିଯାଏ ପିଲାଦିନ ସ୍ମୃତି
ଅଳି ଅଝଟିଆ ବେଳ
ବାପାଙ୍କ ଶାସନ ମାଆର ଆକଟ
ଜେଜେ ମା ଉଷୁମ କୋଳ ।
ମନେ ପଡ଼ିଯାଏ ଗାଆଁ ଦାଣ୍ଡଟାରେ
ବାଲି ମାଟି ଧୂଳି ଖେଳ
ମାନ ଅଭିମାନ ରାଗ ରୁଷା ଯେତେ
ସାଙ୍ଗସାଥୀଙ୍କର ମେଳ ।
ମନେ ପଡ଼ିଯାଏ ଅବଧାନଙ୍କର
ଅମରି ବେତର ଛାଟ
ଅତୀତର ସେହି ବରଷାରେ ଭିଜା
ହିଡର କାଦୁଅ ବାଟ ।
ମନେ ପଡ଼ିଯାଏ କୁଆଁର ପୁନେଇଁ
ହୋଲି ରଜ ଦୋଳି ଖେଳ
ଯାତରା ପରବେ ବୁଲିବାର ମଜା
ମିଳିମିଶି ହୋଇ ଦଳ ।
ମନେ ପଡ଼ିଯାଏ ଗାଆଁ ଦଣ୍ଡନାଚ
ନଈପଠା ଆମ୍ବ ତୋଟା
ପୁନିଅଁ ପରବେ ବୋଉ ହାତଗଢ଼ା
ଆରିସା କାକରା ପିଠା ।
ମନେ ପଡ଼ିଯାଏ ଲୁହ ଭରିଯାଏ
ଭାଇ ଭଉଣୀଙ୍କ କଳିରେ
ବୋଉ ହାତରନ୍ଧା ସୁଆଦିଆ ଖିରି
ରାଗ ମିଶା ମିଠା ଗାଳି ।
ମନେ ପଡ଼ିଯାଏ ଜେଜେ ବାପାଙ୍କର
ଭକ୍ତିରେ ଠାକୁର ପୂଜା
ଖୁଦୁରୁକୁଣୀରେ ସାଥି ମେଳେ ମିଶି
ମଙ୍ଗଳା ମଣ୍ଡପ ସଜା ।
ମନେ ପଡିଯାଏ ବାଡ଼ି ବଗିଚାରୁ
ଚାଙ୍ଗୁଡ଼ିରେ ଫୁଲତୋଳା
ସାହି ପଡ଼ିଶାଙ୍କ ସେନେହ ସମ୍ପର୍କ
ମାଆ କଥା ସ୍ନେହଁ ବୋଳା ।

*ନଳିନୀ ଦାଶ,*
*ଭିକାରିପଡ଼ା, ଶରଣକୁଳ,*
*ନୟାଗଡ଼*
*ମୋ-୯୨୩୮୯୯୬୬୪୯*

ମାତୃଭାଷା



# ସଂରକ୍ଷିତ ଜଙ୍ଗଲରେ ଚାଲିଛି ଗଞ୍ଜେଇ ଚାଷ

- ଚେର ଲମ୍ବିଛି ଝାଡ଼ଖଣ୍ଡରୁ ଛତିଶଗଡ
- ଏକର ପିଛା ରୋଜଗାର ୧୫ରୁ ୨୦ ଲକ୍ଷ



ରାଉରକେଲା: କୋରାପୁଟ, କନ୍ଧମାଳ, ସମ୍ବଲପୁର ପରେ ସୁନ୍ଦରଗଡ଼ରେ ଚାଲିଛି ବେଆଇନ ଗଞ୍ଜେଇ ଚାଷ। ତା'ପୁଣି ଜିଲ୍ଲାର ଉପାନ୍ତ ବ୍ଲକ୍ ? କୋଇଡ଼ା, ବଣାଇ ଓ ଗୁରୁଣ୍ଡିଆର ସଂରକ୍ଷିତ ଜଙ୍ଗଲରେ।

ଏନେଇ ଅର୍ଥ ଯୋଗାଉଛନ୍ତି ଆନ୍ତଃରାଜ୍ୟ ନିଶା ମାଫିଆ। ରାତାରାତି ଲକ୍ଷପତି ହେବା ଲୋଭରେ ଚାଷ କରୁଛନ୍ତି ସ୍ଥାନୀୟ ଅଞ୍ଚଳରେ ବେକାର। ଧରାପଡ଼ିଯିବା ଭୟରେ ଘଞ୍ଚ ଜଙ୍ଗଲର ସରକାରୀ ଜମିକୁ ଟାର୍ଗେଟ୍ ? କରୁଛନ୍ତି।

ଏକର ପିଛା ଲଗାଯାଉଛି ହଜାରେ ଗଛ। ରୋଜଗାର ହେଉଛନ୍ତି ୧୫ରୁ ୨୦ ଲକ୍ଷ। ଅମଳବେଳେ ଅର୍ଥ ଯୋଗାଉଥିବା ଆନ୍ତଃରାଜ୍ୟ ବେପାରୀ ୩୦ ପ୍ରତିଶତ ଚାଷ କରୁଥିବା ବେକାର ଯୁବକଙ୍କୁ ଦେଇ ବାକି ନିଜେ ନେଉଛନ୍ତି। ନିଶାବେପାରୀମାନେ ହଜାରେ ଟଙ୍କାର ଗଞ୍ଜେଇକୁ ବାହାର ରାଜ୍ୟରେ ୧୦ ହଜାର ଟଙ୍କାରେ ବିକ୍ରିକରି ମାଲାମାଲ୍ ହେଉଛନ୍ତି। ଏହାର ଅମଳ ହେଉଛି ଡିସେମ୍ବରରୁ ମାର୍ଚ୍ଚ ମଧ୍ୟରେ।

ସୁନ୍ଦରଗଡ଼ର ବଣାଇ ବ୍ଲକ୍ ଅନ୍ତର୍ଗତ ଉଲସୁରା ସଂରକ୍ଷିତ ଜଙ୍ଗଲର ୫ରୁ ଅଧିକ ସ୍ଥାନ ଓ ଗୁରୁଣ୍ଡିଆର ୪ଟି ସ୍ଥାନରେ ଏକରଏକର ଗଞ୍ଜେଇଚାଷ ପୁଲିସ ଠାବକରି ନଷ୍ଟ କରିବାପରେ ନିଶାବେପାରୀଙ୍କ ଲିଙ୍କ ସାମ୍ନାକୁ ଆସିଛି।

ଗୁଇନ୍ଦା ସୂଚନା ପାଇଲେ ଅବକାରୀ ଓ ଜିଲ୍ଲା ପୁଲିସ ଚଢ଼ଉ କରୁଛି। ସୂଚନା ନ ପାଇଲେ ଆନ୍ତଃରାଜ୍ୟ ନିଶାବେପାରୀମାନେ ବେକାର ଯୁବକମାନଙ୍କୁ ନିଯୁକ୍ତି କରି ଲକ୍ଷଲକ୍ଷ ଟଙ୍କା ରୋଜଗାର କରୁଛନ୍ତି।

ବୁଧବାର ଗୁରୁଣ୍ଡିଆ ବ୍ଲକ୍ ଜର୍ଡା ସରଂକ୍ଷିତ ଜଙ୍ଗଲର ଗୌନ୍ତିଆପଡ଼ା, ଚିରୁଙ୍ଗପଡ଼ା, ଭୁକ୍ତାପଡ଼ା ଓ କିଲୋ ଗାଁ ନିକଟରେ ୩ ଏକର ସରକାରୀ ଜମିରେ ହୋଇଥିବା ଗଞ୍ଜେଇଚାଷକୁ ଅବକାରୀ ଓ ରାଉରକେଲା ଜିଲ୍ଲା ପୁଲିସ ମିଳିତଭାବେ ନଷ୍ଟ କରିଛନ୍ତି। ବଜାରରେ ଆନୁମାନିକ ମୂଲ୍ୟ ୩୦ ଲକ୍ଷରୁ ଅଧିକ ହେବ ବୋଲି କୁହାଯାଉଛି।

କେବଳ କୋଇଡ଼ା, ବଣାଇ ଓ ଗୁରୁଣ୍ଡିଆ ବ୍ଲକ୍ ? ନୁହେଁ, ଜିଲ୍ଲାର ଅନ୍ୟକିଛି ବ୍ଲକ୍ର ସଂରକ୍ଷିତ ଘଞ୍ଚଜଙ୍ଗଲରେ ଗଞ୍ଜେଇଚାଷ ହେଉଛି। ବଣାଇର ଟିକାୟତପାଲି ଥାନା ଅନ୍ତର୍ଗତ ଭାଲୁପାଣି ପଞ୍ଚାୟତ ବରଘାଟ ଗାଁ ଉଲସୁରା ସଂରକ୍ଷିତ ଜଙ୍ଗଲର ୧ ଏକର ଜମିରେ ହୋଇଥିବା ଗଞ୍ଜେଇଚାଷ ସପ୍ତାହେ ତଳେ ନଷ୍ଟ କରାଯାଇଛି।

ସେହିପରି ବଣାଇର ଝାଣ୍ଡିସାହି, ଅନ୍ନାସାହି, ରାଣ୍ଟସାହିରେ ମଧ ଦେଢ଼ ଏକର ଜମିରେ ହୋଇଥିବା ବେଆଇନ ଗଞ୍ଜେଇ ଚାଷକୁ ଅବକାରୀ ପୁଲିସ ନଷ୍ଟ କରିଥିଲା। ଦୁଇସପ୍ତାହ ମଧ୍ୟରେ ୩ଟି ସ୍ଥାନରେ ବେଆଇନ ଗଞ୍ଜେଇଚାଷ ଠାବହେବା ପରେ ଉଭୟ ଅବକାରୀ ଓ ଜିଲ୍ଲା ପୁଲିସର ଚିନ୍ତା ବଢ଼ିଛି। ସାଟେଲାଇଟ୍ ଓ ଗୁପ୍ତ ସୂଚନା ଆଧାରରେ ବେଆଇନ ଗଞ୍ଜେଇଚାଷ ହେଉଥିବା ଜଙ୍ଗଲରେ ପହଞ୍ଚିବାକୁ ଉଭୟ ଜିଲ୍ଲା ପୁଲିସ ଓ ଅବକାରୀ ଟିମ୍ ଅପରେସନ୍କୁ ଜୋରଦାର କରିଛନ୍ତି।

### ଲୁଙ୍ଗେଇ ସରକାରୀ ପ୍ରାଥମିକ ବିଦ୍ୟାଳୟ

# ପାଠ ପଢ଼ିବାକୁ ବାଜି ଲାଗିଛି ଜୀବନ

ରାଉରକେଲା: ପାଠ ପଢ଼ିବାକୁ ବାଜି ଲାଗିଛି ଜୀବନ। ମାସେ କି ଦୁଇ ମାସ ନୁହେଁ, ଦୁଇବର୍ଷ ଧରି ପିଲାମାନେ ଭଙ୍ଗାଦଦରା କୋଠାରେ ପାଠ ପଢୁଛନ୍ତି। ଗୋଟିଏ ଶ୍ରେଣୀରେ ଗୃହରେ ତିନି ଶ୍ରେଣୀର ପିଲାଙ୍କୁ ପାଠ ପଢ଼ାଯାଉଛି।

ଫଳରେ ଶିକ୍ଷକମାନଙ୍କୁ ପାଠ ପଢ଼ାଇବାକୁ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ପ୍ରଥମ ଶ୍ରେଣୀର ପିଲାଙ୍କୁ ପାଠ ପଢ଼ାଯାଉଥିଲେ, ଅନ୍ୟ ଶ୍ରେଣୀ ପିଲାମାନେ ଚୁପ୍ ହୋଇ ବସି ରହୁଛନ୍ତି। କେତେବେଳେ ଛାତର ସ୍ଲାବ୍ ଖସୁଛି ତ ଅନ୍ୟ କେତେବେଳେ ଅସରାଏ ବର୍ଷା ହେଲେ ଛାତରୁ ପାଣି ଗଳୁଛି। ସୌଭାଗ୍ୟବଶତଃ ଆଜି ପର୍ଯ୍ୟନ୍ତ କାହାରି କିଛି କ୍ଷୟକ୍ଷତି ହୋଇନି। ହେଲେ ବିଦ୍ୟାଳୟର ଛାତ, ପାଚେରୀ ଯେମିତି ବିପଦସଙ୍କୁଳ ସ୍ଥିତିରେ ରହିଛି, କେଉଁଶସି ମୁହୂର୍ତ୍ତରେ କିଛି ଅଘଟଣ ଘଟିବାପାରେ ବୋଲି ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ଅଭିଭାବକମାନେ ଥରେ ନୁହେଁ ଏକାଧିକବାର ଜିଲ୍ଲା ପ୍ରଶାସନ ଓ ଶିକ୍ଷାବିଭାଗକୁ ଅବଗତ କରାଇଥିଲେ ହେଁ କିଛି ସୁଫଳ ମିଳିନି। ଯାହାକୁ ନେଇ ଅଭିଭାବକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଆମ୍ ଆଦ୍‌ମୀ ପାର୍ଟିର ବିନୟ ତିୱାରୀଙ୍କ ନେତୃତ୍ୱରେ ପିଲାମାନଙ୍କ ଅଭିଭାବକ ବିଦ୍ୟାଳୟ ଆଗରେ ଧାରଣା ଦେଇଥିଲେ। ସପ୍ତାହ ମଧ୍ୟରେ ବିଦ୍ୟାଳୟକୁ ଅନ୍ୟତ୍ର ସ୍ଥାନାନ୍ତର ନ କଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଚେତାବନୀ ଦେଇଥିଲେ।



ଲୁଙ୍ଗେଇ ସରପଞ୍ଚ ଆପି ଟପ୍ପୋ, ଆପ୍‌ର ବଣାଇ ବିଧାନସଭା ଅଧ୍ୟକ୍ଷ ଯୋଗେନ୍ଦ୍ର ପାଲ ତିର୍କି, ପୁନମ୍ କଇଥା, ଟିକେଶ୍ୱର ଜେନା, ଛୋଟୁ ବଡ଼ାଇକ ପ୍ରମୁଖ ଶିକ୍ଷାବିଭାଗର ଏଭଳି ଖାମଖିଆଲି ମନୋଭାବକୁ ଦୃଢ଼ ନିନ୍ଦା କରିଛନ୍ତି। ଜାତୀୟ ରାଜପଥ ପାର୍ଶ୍ୱରେ ଏହି ବିଦ୍ୟାଳୟ ରହିଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୭୫ ପିଲା ଅଧ୍ୟୟନ କରୁଛନ୍ତି। ପ୍ରଧାନଶିକ୍ଷକ ସମେତ ମୋଟ ୬ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ଜାତୀୟ ରାଜପଥ ସମ୍ପ୍ରସାରଣବେଳେ ବିଦ୍ୟାଳୟ ଓ ପାଚେରୀର କିଛି ଅଂଶ ଭଙ୍ଗା ଯାଇଥିଲା।

## ଏଆଇଟିୟୁସି କୋରାପୁଟ ଜିଲା କମିଟିର ବିକ୍ଷୋଭ ପ୍ରଦର୍ଶନ

**ଜୟପୁର:** ଏଆଇଟିୟୁସିର ସବ ଭାରତୀୟ ଆନ୍ଦୋଳନର ଡାକରାରେ ଜାତୀୟ ରାଜପଥର ଜୟପୁର ଶ୍ରମିକ କର୍ମଚାରି ଭବନ ଠାରେ ଏଆଇଟିୟୁସି କୋରାପୁଟ ଜିଲା କମିଟି ତରଫରୁ ଆଜି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଆଜି ବିକ୍ଷୋଭରେ ଶ୍ରମିକ ନେତା ଯୁଧିଷ୍ଠିର ରାଉଳ, ରାମ କୃଷ୍ଣ ଦାସ, ଉତ୍ତମ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ । ଚାରୋଟି ଶ୍ରମ କୋଡ ବାତିଲ କରି ଶ୍ରମିକ ମାନଙ୍କ ଅଧିକାର ସୁରକ୍ଷିତ କର, ଆଉଟ ସୋସିଙ୍ଗ, ଠିକା ଶ୍ରମିକ ପ୍ରଥା ବନ୍ଦ କରି ସ୍ଥାୟୀ ନିଯୁକ୍ତି ଦିଅ , ଜାତୀୟ ଶ୍ରମ ସମ୍ମିଳନିରେ ବଞ୍ଚିବା ପାଇଁ ମଜୁରୀ ସ୍ଥିର କର, ପାଚିକା, ସାହାୟିକା, ଆଶା କର୍ମୀ, ଅଙ୍ଗନବାଡୀ ସମେତ ସବୁ ସେବା କ୍ଷେତ୍ରର କାର୍ଯ୍ୟକୁ ଶ୍ରମିକ ମାନ୍ୟତା ଦେବା, ଦର ଦାମ ବୃଦ୍ଧି, ବେକାରି ସମସ୍ୟା ସମାଧାନ ବଞ୍ଚିବା ପାଇଁ ଖାଦ୍ୟ ,ବସ୍ତ୍ର, ବାସଗୃହ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଆଦି ଦାବି ରହିଛି । ଆଜି ବିକ୍ଷୋଭରେ ଶ୍ରମିକ ନେତା ଯୁଧିଷ୍ଠିର ରାଉଳ, ରାମ କୃଷ୍ଣ ଦାସ, ଉତ୍ତମ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

## ଡିଶା ରାଜ୍ୟ ମହିଳା କମିଶନ୍‌ଙ୍କ ଦ୍ୱାରା ବ୍ରହ୍ମପୁରରେ ଶିବିର ଅଦାଲତ




**ଛତ୍ରପୁର (ମାନିସ):** ବ୍ରହ୍ମପୁରର ଉପ ଜିଲ୍ଲାପାଳ ସମ୍ମିଳନୀ କକ୍ଷ ଠାରେ ଓଡିଶା ରାଜ୍ୟ ମହିଳା କମିଶନ୍ ଙ୍କ ଦ୍ୱାରା ଏକ ଶିବିର ଅଦାଲତ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିର ଅଦାଲତରେ ଗଞ୍ଜାମ ଓ ଗଜପତି ଜିଲ୍ଲାର ୩୫ଗୋଟି ମୋକଦ୍ଦମା ଦାୟର ହୋଇଥିଲା । ତନ୍ମଧ୍ୟରୁ ଉଭୟ ପକ୍ଷ ୭ଗୋଟି, ଏକ ପକ୍ଷ ପିଟିସନ୍ ଦାୟର କରିଥିବା ୧୬ ଜଣ ଏବଂ ଅନ୍ୟ ପକ୍ଷର ୨ ଜଣ ଏହିପରି ମୋଟ୍ ୨୫ ପକ୍ଷ ଉପସ୍ଥିତ ଥିଲେ ।

ସେଥି ମଧ୍ୟରୁ ସୌହାର୍ଦ୍ଦ୍ୟପୂର୍ଣ୍ଣ ୪ ଗୋଟି ମୋକଦ୍ଦମା ସମାଧାନ କରାଯାଇଥିବା ବେଳେ, ୨ ଗୋଟି ମୋକଦ୍ଦମା ଆରକ୍ଷୀ ଅଧୀକ୍ଷକଙ୍କ ନିକଟକୁ, ୩ ଗୋଟି ମୋକଦ୍ଦମା ସୁରକ୍ଷା ଅଧିକାରୀଙ୍କୁ ପ୍ରେରଣ କରାଯାଇଥିଲା । ପରବର୍ତ୍ତୀ ଶୁଣାଣୀ ନିମନ୍ତେ ୧୨ ଜଣଙ୍କୁ ନୋଟିସ୍ ପ୍ରେରଣ କରାଯାଇଥିବା ବେଳେ ଅନିବାର୍ଯ୍ୟ କାରଣ ବଶତଃ ଗୋଟିଏ ମୋକଦ୍ଦମାକୁ ସ୍ଥଗିତ ରଖାଯାଇଥିଲା । ଅନ୍ୟଏକ ମୋକଦ୍ଦମାରେ କୌଣସି ପକ୍ଷ ସହଯୋଗ ନକରିବା ଯୋଗୁଁ ତାକୁ ମଧ ସ୍ଥଗିତ ରଖାଯାଇଥିଲା । ଦୁଇଗୋଟି ମୋକଦ୍ଦମାକୁ ନିର୍ଦ୍ଦିଷ୍ଟ ସ୍ଥାନକୁ ଯାଇ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏଥି ସହିତ ନୂତନ ଭାବେ ଆଉ ଗୋଟିଏ ମୋକଦ୍ଦମା ପଞ୍ଜିକୃତ କରାଯାଇଥିଲା । ଏହି ଶିବିର ଅଦାଲତରେ ମହିଳା କମିଶନ୍ ର ଅଧକ୍ଷା ଶ୍ରୀମତୀ ଶୋଭନା ମହାନ୍ତି, ସଭ୍ୟ ଶ୍ରୀମତୀ ମୁକ୍ତା ସାହୁ, ଶ୍ରୀମତୀ ବନ୍ଦନା ମହାନ୍ତି ପରାମର୍ଶଦାତା, ଶ୍ରୀମତୀ ପ୍ରିୟଦର୍ଶନୀ ଆଚାର୍ଯ୍ୟ ପରାମର୍ଶଦାତା, ଭାରପ୍ରାପ୍ତ ଉପ ଜିଲ୍ଲାପାଳ ଶ୍ରୀମତୀ ରୀନା ନାୟକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ବ୍ରହ୍ମପୁର କୈଳାଶ ଚନ୍ଦ୍ର ବୁରୁଦା ପ୍ରମୁଖ ଉପସ୍ଥିତ ଥିଲେ ।

# ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ପାଳିତ

**ବାଲେଶ୍ୱର(ମାନିସ):** ବାଲେଶ୍ୱର ଜିଲ୍ଲା ସିମୁଳିଆ ନିର୍ବାଚନ ମଣ୍ଡଳୀରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ସମାରୋହ ଅବସରରେ ଏକତା ପଦଯାତ୍ରା ଗାଁ ମର୍କୋଣ । ସ୍କୁଲ ଠାରୁ ଆରମ୍ଭ କରି ବଙ୍ଗର ଖଡିଗଡିଆଠାରେ ସମାପନ ହୋଇଥିଲା । ଏହି ଲୌହ ମାନବ ଙ୍କ ୧୫୦ ତମ ଜୟନ୍ତୀ ପାଳନ ପରିପ୍ରେକ୍ଷୀରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ଭଦ୍ରକ ସାଂସଦ ଶ୍ରୀଯୁକ୍ତ ଅଭିମନ୍ୟୁ ସେଠୀ, ମାନ୍ୟବର ସିମୁଳିଆ ବିଧାୟକ ଶ୍ରୀଯୁକ୍ତ ପଦ୍ମ ଲୋଚନ ପଣ୍ଡା, ବାଲେଶ୍ୱର ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଧାକର ନାୟକ, ସଦର ବାଲେଶ୍ୱର ଉପ ଜିଲ୍ଲାପାଳ ଶ୍ରୀ ମାଲବ୍ୟ, ଅନ୍ୟାନ୍ୟ ବରେଣ୍ୟ ସମ୍ମାନୀତ ଅତିଥି ମାନଙ୍କ ମଧ୍ୟରେ ସିମୁଳିଆ ବ୍ଲକର ଅଧକ୍ଷ ବାବାଜୀ ଚରଣ ମଲ୍ଲିକ,ଖଇରା ବ୍ଲକର ଅଧକ୍ଷା ଅଭିଲିପସା ସାହୁ, ବାହାନଗା ବ୍ଲକ ଅଧକ୍ଷ ବିଶ୍ୱନାଥ ମିଶ୍ର, ଜିଲ୍ଲା ପରିଷଦ ସଦସ୍ୟ ରମେଶ ଚନ୍ଦ୍ର ସାହୁ, ନାଗରିକ ମଞ୍ଚ ପ୍ରତିନିଧି ଈଶ୍ୱର ଚନ୍ଦ୍ର ବେହେରା,ସମାଜସେବୀ ଡ.ଅଶୁମାଧବ ପଣ୍ଡା, ସିମୁଳିଆ ବ୍ଲକର ଉପାଧକ୍ଷ। ହିମାଦ୍ରି ନନ୍ଦିନୀ ମହାପାତ୍ର ଏବଂ ସିଭିଲ ସୋସାଇଟି ସଦସ୍ୟ ପର୍ଶୁରାମ ଧଡା ପ୍ରମୁଖ ମଞ୍ଚାସିନ ଥିଲେ।

ଏକତା ପଦଯାତ୍ରା ଶୁଭାରମ୍ଭ ପୂର୍ବରୁ ମୁଖ୍ୟ ଅତିଥି ସମେତ ଅନ୍ୟାନ୍ୟ ବରେଣ୍ୟ ସମ୍ମାନୀତ ଅତିଥି ଗଣ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତୀରେ ଧୂପ,ଦୀପ ଓ ମାଲ୍ୟାର୍ପଣ ଏବଂ ଲୌହ ମାନବ ଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇଥିଲା ସମସ୍ତଙ୍କ ମନରେ ଜାତୀୟତା ବୋଧ ନିମନ୍ତେ ଜାତୀୟ ସଙ୍ଗୀତ ଏବଂ ବନ୍ଦେ ଉତ୍କଳଜନନୀ ବନ୍ଦନା ପରିବେଷଣ କରାଯାଇଥିଲା ।ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ଆଜିର ଏହି କାର୍ଯ୍ୟକ୍ରମ ସମ୍ପର୍କ ସମ୍ୟକ୍ ବକ୍ତବ୍ୟ ରଖିଥିଲେ। ପରେ ପରେ ସ୍ଥାନୀୟ ବିଧାୟକ ପଦ୍ମ ଲୋଚନ ପଣ୍ଡା ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଙ୍କ ଜୀବନୀ ଦର୍ଶନ ବ୍ୟାଖ୍ୟା କରିବା ସଙ୍ଗେ ସଙ୍ଗେ ସମଗ୍ର ଭାରତକୁ ଏକ ସୂତ୍ରରେ ବାନ୍ଧି ରଖିବା ପାଇଁ ଖଣ୍ଡ ବିଖଣ୍ଡିତ ଭାରତର କୋଣ ଅନୁକୋଣ ଗସ୍ତ କରି ୫୬୨ ଗଡ଼ଜାତ ରାଜ୍ୟ କୁ ମିଶ୍ରଣ କରିବାରେ ତାଙ୍କର ଭୂମିକା ଅବିସ୍ମରଣୀୟ ।ତେଣୁ ତାଙ୍କରି ସମ୍ମାନ ଶ୍ରଦ୍ଧା ପୂର୍ବକ ଏକତା ପଦଯାତ୍ରା ଆୟୋଜନ କରାଯାଉଅଛି ।ଏକ ଭାରତ,ଆତ୍ମ ନିର୍ଭର ଭାରତ ଏବଂ ଆସନ୍ତା ୨୦୩୬ ବିକଶିତ ଓଡ଼ିଶା,ବିକଶିତ ଭାରତ ନାରା ଉପରେ ଆଲୋକପାତ କରିଥିଲେ।

### ଏକତା ପଦଯାତ୍ରା ଅନୁଷ୍ଠିତ

ଆଜିର ଦିବସର ମୁଖ୍ୟ ଅତିଥି ମାନ୍ୟବର ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ କି ଆଜି ଆମେ ସମସ୍ତେ ସେଇ ମହାନ୍ ମନୀଷ ମାନଙ୍କ ତ୍ୟାଗପୂତ ଜୀବନ ସ୍ୱାଧୀନତା ସଂଗ୍ରାମର ସଂଘର୍ଷ ,ବଳିଦାନ ଉପରେ ଆଲୋକପାତ କରିଥିଲେ। ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଥିଲେ ଜଣେ ଅସାଧାରଣ ବ୍ୟକ୍ତିତ୍ୱ ଆଧାର ।ସେହି ମହାନ୍ ମନୀଷଙ୍କ ବଳିଷ୍ଠ ନେତୃତ୍ୱରେ ଭାରତ ନିଜର ପରିଚୟ ପାଇଛି ।ଆମେ ଆମ ମାତୃଭୂମି ଭାରତର ରାଷ୍ଟ୍ରୀୟ ସଂହତି ଏକତା ବଜାଇ ରଖିବାରେ ସମସ୍ତେ ଏକତା ସୂତ୍ରରେ ବାନ୍ଧି ହେବା ।ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର କରି ଆତ୍ମ ନିର୍ଭର ଶିଳ ଏବଂ ବିକଶିତ ଭାରତ, ବିକଶିତ ଓଡ଼ିଶା ସ୍ୱପ୍ନକୁ ସାକାର କରିବା ସେଥି ଉପସ୍ଥିତ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ପରେ ପରେ ବରେଣ୍ୟ ଅତିଥି ଗଣ ଏକ ପେଡ ମାକେ ନାମ ପେ ଅଭିଯାନ ରେ ଚାରା ରୋପଣ କରାଯାଇଥିଲା। ଚାରା ରୋପଣ ସମାପନ ମୁଖ୍ୟ ଅତିଥି ଭଦ୍ରକ ସଂସଦୀୟ କ୍ଷେତ୍ରର ସାଂସଦ ଅଭିମନ୍ୟୁ ସେଠୀ ସମେତ ସମସ୍ତ ଅତିଥି ବୃନ୍ଦ ଆଜିର ଏହି ପଦଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ।ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ପଦ୍ମ ଲୋଚନ ପଣ୍ଡା ନେତୃତ୍ୱରେ ପରିଚାଳିତ ପଦଯାତ୍ରାରେ ସହସ୍ରାଧିକ ଛାତ୍ର ଛାତ୍ରୀ ଯୁବ ବର୍ଗ ସାଧାରଣ ଜନତା ସାମିଲ ହୋଇ ଗାଁ ମାର୍କୋନା ନୋଡାଲ ସ୍କୁଲ୍ ଠାରୁ ବାହାରି ବାଙ୍ଗର ଖଡିଗଡିଆ ଗ୍ରା. ପ.ନିକଟ ପଡ଼ିଆରେ ସମ୍ମିଳିତ ହୋଇଥିଲେ ।ଏହି ଠାରେ ଏହି ପଦଯାତ୍ରା ସମାପନ କାର୍ଯ୍ୟକ୍ରମ ସ୍କୁଲରେ ଆୟୋଜିତ ସମାବେଶରେ ବରେଣ୍ୟ ମୁଖ୍ୟ ଅତିଥି ସମେତ ଅନ୍ୟାନ୍ୟ ବରେଣ୍ୟ ସମ୍ମାନୀତ ଅତିଥି ଗଣ ନିଜ ନିଜର ଅଭିଭାଷଣ ରଖିଥିଲେ। ଏହି ବିଶେଷ ମହତ୍ତ୍ୱ ବହନ କରୁଥିବା କାର୍ଯ୍ୟକ୍ରମକୁ ଜିଲ୍ଲା ପ୍ରଶାସନ, ସୋରୋ,ଖଇରା,ସିମୁଳିଆ ବ୍ଲକ୍ର ବିଭାଗୀୟ ଅଧିକାରୀ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୁଚାରୁରୂପେ ସମ୍ପାଦନା ହୋଇ ପାରିଥିବାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ମନସ୍ୱିନୀ ରାଉତ ମଞ୍ଚ ପରିଚାଳନା କରିଥିଲେ। ସର୍ବ ଶେଷରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ହୋଣ୍ଡା ବାଇକ୍‌ର ନୂତନ ଓ ଅତ୍ୟାଧୁନିକ ଶୋ ରୁମ ବିଗ୍ ୱିଙ୍ଗ ଉଦ୍‌ଘାଟିତ

**ବାଲେଶ୍ୱର(ମାନିସ):** ହୋଣ୍ଡା ହାଇ ଭର୍ସନ ବାଇକ ର ନୂତନ ଓ ଅତ୍ୟାଧୁନିକ ଶୋ ରୁମ ହୋଣ୍ଡା ବିଗ ୱିଙ୍ଗ ବୁଧୁବାର ପୂର୍ବାହ୍ନରେ ବାଲେଶ୍ୱର ରେମୁଣା ଗୋଲେଇ ସ୍ଥିତ ଆଇ ସି ଆଇ ସି ଆଇ ବ୍ୟାଙ୍କ ସମ୍ମୁଖରେ ଉଦଘାଟନ ହୋଇଯାଇଛି ।ଏହି ଅବସରରେ ବିଗ ୱିଙ୍ଗ ର ଜେନେରାଲ ମ୍ୟାନେଜର ସର୍ଭିସ୍ ସରବଜିତ ଚୌହାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶୋ ରୁମ କୁ ଫିତା କାଟି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ବିଗ୍ ୱିଙ୍ଗ ବାଲେଶ୍ୱର ଶୋ ରୁମ ର ନିର୍ଦ୍ଦେଶକ ସଞ୍ଜୟ କୁମାର ଦାସ,ହରି ଗ୍ରୁପ ର ନିର୍ଦ୍ଦେଶକ ସଂଗ୍ରାମ ଦାସ,ଜୋନାଲ ମ୍ୟାନେଜର ସେଲ ଅଜୟ ଶର୍ମା,ଜୋନଲ ମ୍ୟାନେଜର ସର୍ଭିସ୍ ସୁଖବିନ୍ଦର ସିଂ ପ୍ରମୁଖ ଉପସ୍ଥିତ ଥିଲେ ।ଏହି ଶୋ ରୁମ ରେ ହୋଣ୍ଡା ର ୩୦୦ ସି ସି ରୁ ନେଇ ୭୫୦ ସି ସି ପର୍ଯ୍ୟନ୍ତ ବାଇକ୍ ଉପଲବ୍ଧ ହେବ ।ଏହି ବିଗ୍ ୱିଙ୍ଗ ଶୋ ରୁମ ଓଡ଼ିଶାର ଚତୁର୍ଥ ଶୋ ରୋମ ବୋଲି ମୁଖ୍ୟ ଅତିଥି ସରବଜିତ୍ ଚୌହାନ ସୂଚନା ଦେଇଛନ୍ତି ।ଏହି ସବୁ ବାଇକ୍ ର ସର୍ଭିଶିଂ ପାଇଁ ଅତ୍ୟାଧୁନିକ ସ୍ମାର୍ଟ ୱାର୍କ ସପ୍ ରହିଛି ଏବଂ ଗ୍ରାହକଙ୍କ ର ମନୋରଞ୍ଜନ ପାଇଁ ଅତ୍ୟାଧୁନିକ ଗେମିଂ ଜୋନ ର ।ମଧ ସୁବିଧା ରହିଛି ।ଏହି ଠାରେ ମଧ ବାଇକ୍ ରାଇଡର ମାନଙ୍କର ସୁରକ୍ଷା ପାଇଁ ବିଭିନ୍ନ ପ୍ରକାର ସୁରକ୍ଷା ଉପକରଣ ଉପଲବ୍ଧ ରହିଛି ବୋଲି ସଞ୍ଜୟ କୁମାର ଦାସ ସୂଚନା ଦେଇଛନ୍ତି।

## ବାଲ୍ୟ ବିବାହ ମୁକ୍ତ ଭାରତ ଗଠନ ପାଇଁ ୧୦୦ ଦିନିଆ ଅଭିଯାନର ଶୁଭାରମ୍ଭ

**କନ୍ଧମାଳ:** ସ୍ଥାନୀୟ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀର ସମ୍ମିଳନୀ କକ୍ଷଠାରେ ବାଲ୍ୟ ବିବାହ ମୁକ୍ତ ଭାରତ ଗଠନ ନିମନ୍ତେ ୧୦୦ ଦିନିଆ ଅଭିଯାନର ଶୁଭାରମ୍ଭ କରାଯାଇଛି । ଏହା ୨୭ ନଭେମ୍ବର ୨୦୨୫ ଠାରୁ ୮ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ଚାଲିବ । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ, କନ୍ଧମାଳ ଶ୍ରୀ କୁଶଳ ଚନ୍ଦ୍ର ନାଏକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଡେପୁଟି ଆରକ୍ଷୀ ଅଧିକ୍ଷକ ଶ୍ରୀ ବିପିନ ବିହାରୀ ମେହେର, ମୁଖପାତ୍ର, ଶିଶୁ ମଙ୍ଗଳ ସମିତି ଶ୍ରୀ ରଜତ କୁମାର ଦିଗାଲ, ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀ ଶ୍ରୀ ଗଦାଧର ପତ୍ର ମଞ୍ଚାସୀନ ହୋଇ ବାଲ୍ୟ ବିବାହ ମୁକ୍ତ ଭାରତ ଗଠନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଶିଶୁ ସୁରକ୍ଷା, ଉଦ୍ଧାର ଓ ପୁନରୁଦ୍ଧାର, ବାଲ୍ୟବିବାହ ନିରାକରଣରେ ପୋଲିସ, ସମନ୍ୱିତ ଶିଶୁ ବିକାଶ ଯୋଜନା, ଆଶା ଓ ଅଙ୍ଗନବାଡିକର୍ମୀଙ୍କ ଭୂମିକା, ୧୦୦ ଦିନିଆ ଆକ୍ସନ ପ୍ଲାନ ଆଦି ଉପରେ ଆଲୋଚନା କରାଯାଇଥିଲା । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କର୍ଣ୍ଣ ସ୍ୱାଗତ ଓ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ଅଧିକାରୀ, ଆଶା, ଅଙ୍ଗନବାଡି କର୍ମୀ, ସ୍ୱେଚ୍ଛାସେବୀ ଆଦି ଉପସ୍ଥିତ ଥିଲେ ।

### ପୁରୀ ପୋଲିସର ଅପରେସନ ଚକ୍ର

# ୩ ମାସରେ ୧୪୨ ନାବାଳିକା ଏବଂ ଯୁବତୀ ଉଦ୍ଧାର

**ପୁରୀ:** ପୁରୀ ପୋଲିସ ଦ୍ୱାରା ଚାଳିତ ଅପରେସନ "ଚକ୍ର" ଅଭିଯାନରେ ଜିଲ୍ଲାରେ ହଜିଯାଇଥିବା ନାବାଳିକା ଓ ପ୍ରାପ୍ତ ବୟସ୍କଙ୍କ ଝିଅ ଉଦ୍ଧାରରେ ଏକ ସଫଳତା ମିଳିଛି। ପୁରୀ ପୁଲିସର ନିରନ୍ତର ଚେଷ୍ଟା, ସମସ୍ତ ଥାନା ଆଇ ଆଇ ସି /ଓ ଆଇ ସି ଙ୍କ ଦୃଢ଼ ପଦକ୍ଷେପ ଓ ସମ୍ପୃକ୍ତ ସମନ୍ୱୟରେ, ଏହି ବୃହତ ଅଭିଯାନକୁ ସଫଳତାରେ ପରିଣତ କରାଯାଇଛି। ଏସ୍ପି ପୁରୀ ପ୍ରତୀକ ସିଂ ସମଗ୍ର ପୁରୀ ଜିଲ୍ଲାରେ ଅପରେସନ ଚକ୍ର ଡ୍ରାଇଭ ଆରମ୍ଭ କରି ସମସ୍ତ ଥାନା ଅଧିକାରୀଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ ।ପ୍ରତ୍ୟେକ ହଜିଯାଇଥିବା ନାବାଳିକା ବା ପ୍ରାପ୍ତ ବୟସ୍କଙ୍କୁ ଶୀଘ୍ର ସମୟରେ ଉଦ୍ଧାର କରିବାପାଇଁ। ଅଭିଯୋଗକାରୀ ପରିବାରକୁ ସମ୍ପୂର୍ଣ୍ଣ ଆଶ୍ୱାସନ ଦେବା, ଯେ ପୋଲିସ ସେମାନଙ୍କ ପ୍ରିୟଜନଙ୍କୁ ଖୋଜିବା ପାଇଁ ସକ୍ରିୟ ଅଛି।



ଥାନାମାନଙ୍କୁ ମିସିଂ କେସ ଟ୍ରାକିଂ, ରେଡ଼, ଇଣ୍ଟରସେପ୍ସନ, ଟେକ୍ନିକାଲ ଆନାଲିସିସ ଓ ଇଣ୍ଟରସଟ୍ଟେ କୋଅର୍ଡିନେସନ ଜୋର ଦେବାକୁ ପରାମର୍ଶ ଦେଇଥିଲେ। ବୁଧବାରେ ୪ ଜଣଙ୍କୁ ଉଦ୍ଧାର କରାଯାଇଛି ଯେପରିକି, ବ୍ରହ୍ମଗିରି ଥାନା, ନିମାପଡା ଥାନା, କାକଟପୁର ଥାନା ଦ୍ୱାରା ୩ ନାବାଳିକା ଉଦ୍ଧାର ସହ ସତ୍ୟବାଦୀ ଥାନା ଜଣେ ପ୍ରାପ୍ତ ବୟସ୍କ ଝିଅଙ୍କୁ ଉଦ୍ଧାର କରାଯାଇଛି। ଏହା ସହ ଗତ ତିନି ମାସରେ ଅପରେସନ୍ ଚକ୍ର ଅଧୀନରେ ମୋଟ ୬୨ ନାବାଳିକା ଉଦ୍ଧାର ହୋଇଛନ୍ତି। ସେହିପରି ୮୦ ଜଣ ପ୍ରାପ୍ତ ବୟସ୍କ ଝିଅ ଙ୍କୁ ମିଶାଇ ମୋଟ ଉଦ୍ଧାର ସଂଖ୍ୟା ୧୪୨ ହୋଇଛି ।ପୁରୀ ପୋଲିସଙ୍କ ଏହି ବୃହତ ଅଭିଯାନ ଲୋକଙ୍କର ପ୍ରତି ଆସ୍ଥା, ପୋଲିସଙ୍କ ପ୍ରତି ଆଶ୍ରୟ ଏବଂ ସମୁଦାୟ ପୋଲିସ ସମ୍ପର୍କକୁ ଆହୁରି ମଜବୁତ କରିଛି।

# ବାଲେଶ୍ୱର ଲୋକ ମହୋତ୍ସବର ଅଷ୍ଟମ ସନ୍ଧ୍ୟା

**ବାଲେଶ୍ୱର(ମାନିସ):** ଆଇଟିଆଇ ପଡ଼ିଆରେ ଆୟୋଜିତ ବାଲେଶ୍ୱର ଲୋକ ମହୋତ୍ସବର ବୁଧବାର ଥିଲା ଅଷ୍ଟମ ସନ୍ଧ୍ୟା। ଏହି ଅବସରରେ ଉପସଭାପତି ସୌଭାଗ୍ୟ ମାନସ ନାୟକଙ୍କ ସଭାପତତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ ଯୋଗ ଦେଇଥିବାବେଳେ ରେମୁଣା ବ୍ଲକ ଅଧକ୍ଷ ରାଜେନ୍ଦ୍ର ରାଉତ୍, ଆରସିଏଫ ର ସ୍ୱାଧୀନ ନିର୍ଦ୍ଦେଶକ ସିପ୍ରା ବାଜପେୟୀ, ଏସବିଆଇ ମୁଖ୍ୟ ପରିଚାଳକ ସତ୍ୟସେସ ପଟ୍ଟନାୟକ ଉପସ୍ଥିତ ଥିଲେ। କାର୍ଯ୍ୟକାରି ସଭାପତି ଶ୍ରୀମାନ ଶ୍ରୀଚନ୍ଦନ ମଞ୍ଚ ଆହ୍ୱାନ କରିଥିବାବେଳେ, ଅନ୍ୟମାନଙ୍କ ମଧ୍ୟରେ ମଞ୍ଚରେ ଉପଦେଷ୍ଟା ପ୍ରକାଶ ନାୟକ, ସୂର୍ଯ୍ୟକାନ୍ତ କର, କୋଷାଧକ୍ଷ ନିଶିତ୍ ବାରିକ, କାର୍ଯ୍ୟକାରି ସଦସ୍ୟ ଜିତେନ୍ଦ୍ର ମହାଲିକ, ସମ୍ବିତ ବିଶ୍ୱାଳ, ଝଡେଶ୍ୱର୍ ଜେନା, ହ୍ରିତିକ ନାୟକ, ସଞ୍ଜୟ ଦାସ୍, ଗୁରୁପ୍ରସାଦ ମିଶ୍ର, ଅନୁଜ ଷଡ଼ଙ୍ଗୀ ମଞ୍ଚରେ ଉପସ୍ଥିତ ଥିଲେ। ଶେଷରେ ସଂପାଦକ ତାପସ ପାଣିଗ୍ରାହୀ ଧନ୍ୟବାଦ ଆପଣ କରିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱଜିତ ପରମାଣିକ, ଅସିତ ଦାସ, ସଞ୍ଜୟ ସାମନ୍ତ, ସିମନ ଦାସ



ମହାପାତ୍ରବିକାଶ ପାଢ଼ୀ ରାଜେଶ ମହାକୁଡ଼,ଜଗନ୍ନାଥ ପାଣିଗ୍ରାହୀ, ସିଲାବ ସତ୍ୟକମ୍, ସମ୍ୟ ରଞ୍ଜନ ଯାଦବ, ସତ୍ୟ ପ୍ରକାଶ ପତି ପ୍ରମୁଖ ମଞ୍ଚ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ଏହି ମହୋତ୍ସବରେ ରାଜ୍ୟ ଏବଂ ରାଜ୍ୟ ବାହାରୁ ବିଭିନ୍ନ ଅଞ୍ଚଳରୁ ବ୍ୟବସାୟୀମାନେ ଆସି ପାଖାପାଖି ୩୦୦ରୁ ଅଧିକ ଷ୍ଟଲ ଖୋଲିଛନ୍ତି ।ଏହା ସହିତ ମୀନାବଜାର, ରମଦୋଳି, ଜଳପରୀ ବିଶେଷ ଆକର୍ଷଣ ସାଜିଛି । ଓଡ଼ିଆ ଚଳଚ୍ଚିତ୍ର ଜଗତର ସ୍ୱନାମ ଧନ୍ୟ କଣ୍ଠଶିଳ୍ପୀ ନାଭ୍ୟା ଜାଇତି ଅଷ୍ଟମ ସଂଧାରେ ମଞ୍ଚରେ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଲୋକ ମହୋତ୍ସବ ଆସନ୍ତା ନଭେମ୍ବର ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି କମିଟି ପକ୍ଷରୁ ସୁଚନା ମିଳିଛି

## ଜିଲ୍ଲାସ୍ତରୀୟ ସମ୍ବିଧାନ ଦିବସ ପାଳିତ

**ପୁରୀ :** ସମ୍ବିଧାନ ହେଉଛି ଆମ ଦେଶର ସର୍ବୋଚ୍ଚ ଆଇନ ।ଯାହା ସରକାର ଓ ନାଗରିକଙ୍କ ଅଧିକାର ଏବଂ କର୍ତ୍ତବ୍ୟ ପାଇଁ ଢାଞ୍ଚା ସ୍ଥାପନ କରିଥାଏ ବୋଲି କହିଛନ୍ତି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ।ଆଜି ପୂର୍ବାହ୍ନରେ ଓସ୍ୱାନ ସମ୍ମିଳନୀ କକ୍ଷରେ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବିଧାନ ଦିବସ ପାଳିତ ହୋଇ ଥିଲା ।ଓସ୍ୱାନ ମୋଡରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ସମସ୍ତ ବ୍ଲକ ଓସ୍ୱାନ ହଲରେ ବିଡ଼ିଓ, ତହସିଲଦାର ଓ ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ ।ଏହି ଅବସରରେ ଜିଲ୍ଲାପାଳ ଆମ ସମ୍ବିଧାନ ର ପ୍ରସ୍ତୁତି,ଗରୀମା ଓ ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରି ଆମ ସମ୍ବିଧାନ ବିଶ୍ୱ ର ସବୁଠାରୁ ଦୀର୍ଘ ଲିଖିତ ଜାତୀୟ ସମ୍ବିଧାନ ବୋଲି କହିଥିଲେ ।ଆମ ସମ୍ବିଧାନ ଏକ ସାର୍ବଭୌମ, ସମାଜବାଦୀ, ଧର୍ମ ନିରପେକ୍ଷ ଏବଂ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ଆମକୁ ସ୍ୱୀକୃତି ଦେଇଛି ।୧୯୪୯ ମସିହା ୨୬ ନଭେମ୍ବରରେ ଏହା ଗୃହୀତ ହେବା ସହ ୧୯୫୦ ଜାନୁଆରୀ ୨୬ ରେ କାର୍ଯ୍ୟକାରୀ ହୋଇଥିଲା ବୋଲି ସେ କହିବା ସହ ସମସ୍ତଙ୍କୁ ସମ୍ବିଧାନ ଶପଥ ପାଠ କରାଇଥିଲେ।

ଏହି ଶପଥ ପାଠ କାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ,ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଡେପୁଟି କଲେକ୍ଟର ଆଦ୍ୟାଶା ରଥ, ପ୍ରିୟଦର୍ଶିନୀ ମଲ୍ଲିକ,ବିବେକାନନ୍ଦ ସାହୁ, ସହଦେବ ସାହୁ, ଅନୁସ୍ରବ ଗନ୍ତାୟତ, ରାଷ୍ଟ୍ରୀୟ ବିଜ୍ଞାନ କେନ୍ଦ୍ର ର ଡିଆଇଓ ବିଶ୍ୱନାଥ ପଣ୍ଡା,ଥିଲେ ।ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ,ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ତହସିଲଦାର, ବିଡ଼ିଓ, ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇ ଶପଥ ପାଠ କରିଥିଲେ।

# ଜିଲ୍ଲାସ୍ତରୀୟ ଖରିଫ ଧାନ ସଂଗ୍ରହ କମିଟି ବୈଠକ

**ପୁରୀ:** ପୁରୀ ଜିଲ୍ଲାରେ ଖରିଫ ଧାନ ସଂଗ୍ରହ ନିମନ୍ତେ ଆଜି ପୂର୍ବାହ୍ନ ରେ ସର୍କିଟ ହାଉସ ଠାରେ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା ।ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଏଥିରେ ଅଧ୍ୟକ୍ଷତା କରିବା ସହ ଚଳିତ ବର୍ଷ ଧାନ ସଂଗ୍ରହ ଯେପରି ଶୃଙ୍ଖଳିତ ଓ ଚାଷୀ ମାନଙ୍କ ପାଇଁ ସୁଗମ ହେବ ସେଥି ପ୍ରତି ଦାୟିତ୍ୱ ରେ ଥିବା ବିଭାଗ ଗୁଡିକ ଯତ୍ନ ବାନ ହେବାକୁ ପରାମର୍ଶ ଦେଇଥିଲେ ।ଧାନ ସଂଗ୍ରହ କ୍ଷେତ୍ରରେ କୌଣସି ଅବହେଳା କୁ ବରଦାସ୍ତ କରାଯିବ ନାହିଁ ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ସ୍ପଷ୍ଟ କରିଦେଇଥିଲେ। ଚଳିତ ବର୍ଷ ଜିଲ୍ଲାରେ ଆସନ୍ତା ଜାନୁଆରୀ ୧୫ ତାରିଖ ଠାରୁ ଧାନ କ୍ରୟ କରାଯିବା ନେଇ ବୈଠକରେ ସ୍ଥିରୀକୃତ ହୋଇଥିଲା।

ବୈଠକରେ କାକଟପୁର ବିଧାୟକ ତୁଷାର କାନ୍ତି ବେହେରା, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ଜିଲ୍ଲାର ଚାଷୀ ମାନେ ଯେପରି ଧାନ ବିକ୍ରି ସମୟରେ କୌଣସି ସମସ୍ୟା ର ସମ୍ମୁଖୀନ ନ ହୁଅନ୍ତି, ସୁଚାରୁ ରୂପେ ମଣ୍ଡି ରୁ ଧାନ ଉଠେ,ଚାଷୀ ମାନଙ୍କ ପାଇଁ ମଣ୍ଡି ରେ ମଧ୍ୟ ସମସ୍ତ ସୁବିଧା ରୁହେ ଏ ସବୁ ପ୍ରତି ସଂପୃକ୍ତ ବିଭାଗ ମାନେ ତତ୍ପରତା ର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ ।ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସଞ୍ଜୀବ କୁମାର ସାହୁ ସମସ୍ତଙ୍କୁ ସ୍ୱାଗତ କରି କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କୁ ଆଗେଇ ନେଇଥିଲେ। ଚାଷୀ ମାନଙ୍କ ସୁବିଧା ପାଇଁ ଜିଲ୍ଲାରେ ମଣ୍ଡିରେ ପର୍ଯ୍ୟାପ୍ତ ସୁବିଧା, ଶୀଘ୍ର ଧାନ ଉଠାଇବା ପାଇଁ ପଦକ୍ଷେପ ନିମନ୍ତେ ଜିଲ୍ଲାପାଳ ସମସ୍ତ ଉପସ୍ଥିତ ଥିବା ଅଧିକାରୀ ଓ ମିଲର ମାନଙ୍କୁ ପରାମର୍ଶ ଦେଇଥିଲେ। ସମସ୍ତ ମଣ୍ଡିରେ ଜଣେ ଲେଖାଏ ନୋଡାଲ ଅଧିକାରୀ ଓ ୪-୫ ଟି ମଣ୍ଡି ପାଇଁ ଜଣେ ଲେଖାଏ ସୁପରଭାଇଜିଙ୍ଗ ଅଧିକାରୀ ନିୟୋଜିତ ହେବେ ।ପ୍ରତି ସପ୍ତାହରେ ସେମାନେ ପ୍ରଶାସନ କୁ ରିପୋର୍ଟ ପ୍ରଦାନ କରିବେ।

### ଜାନୁଆରୀ ୧୫ରୁ ଖୋଲିବ ମଣ୍ଡି

### ଅବହେଳା ପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ : ଜିଲ୍ଲାପାଳ

ଧାନର ମାନ ସମ୍ପର୍କରେ ଚାଷୀ ମାନଙ୍କୁ ସଚେତନ କରିବା ପାଇଁ ୨୦୦ ଲେଖାଏଁ ଚାଷୀ ଙ୍କୁ ନେଇ ଗୃପ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ କରାଯିବ। ଚଳିତ ବର୍ଷ ଏଫ୍.ଏ.କ୍ୟୁ ମାନର ଧାନର କ୍ୱିଣ୍ଟାଲ ପିଛା ଦର ୨୩୬୯ ଟଙ୍କା ଓ ଗ୍ରେଡ ଏ ଧାନର ମୂଲ୍ୟ ୨୩୮୯ ଟଙ୍କା ଧାର୍ଯ୍ୟ ରହିଅଛି । ରାଜ୍ୟ ସରକାର ଘୋଷଣା କରିଥିବା ୭୩୧ ଟଙ୍କା ଇନପୁଟ ସହାୟତା ଚାଷୀ ପାଇବେ। ଧାନ ଦେବା ର ୨୪ ରୁ ୪୮ ଘଣ୍ଟା ମାଧ୍ୟମରେ ଚାଷୀ ଙ୍କୁ ଡିବିଟି ମାଧ୍ୟମରେ ପ୍ରାପ୍ୟ ପ୍ରଦାନ କରାଯିବ।

ଜିଲ୍ଲାର ଖରିଫ ଧାନ ନିମନ୍ତେ ୫୯୯୯୮ ଜଣ ଚାଷୀ ପଞ୍ଜିକରଣ କରିଛନ୍ତି। ଜିଲ୍ଲାରେ ୧୯୬ ଗୋଟି ଧାନ କ୍ରୟ କେନ୍ଦ୍ର ମାଧ୍ୟମରେ ଧାନ ସଂଗ୍ରହ ହେବ ।ଏଥିରେ ୧୯୨ ସମବାୟ ସଂସ୍ଥା ଦ୍ୱାରା ସ୍ଥିରୀକୃତ ହୋଇଥିବା ବେଳେ ୪ ଗୋଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଧାନ ସଂଗ୍ରହ କରିବେ। ଚଳିତ ବର୍ଷ ଜିଲ୍ଲାରେ ୧୨୦୪୦୦.୦୦୦ ମେଟ୍ରିକ ଟନ ଧାନ କ୍ରୟ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ ରହିଅଛି ।ଆର ଏମ ସି ପକ୍ଷରୁ ସମସ୍ତ ମଣ୍ଡି ଓ ଯନ୍ତ୍ରପାତି ଗୁଡିକ ର ଆବଶ୍ୟକୀୟ ମରାମତି, ସଂପୂର୍ଣ୍ଣ ସିସିଟିଭି ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ,ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି,ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଲୋକ ପ୍ରତିନିଧି ଙ୍କ ପ୍ରତିନିଧି, ଚାଷୀ ପ୍ରତିନିଧି, ମିଲର୍ସ ଓ ସେମାନଙ୍କ ପ୍ରତିନିଧି, ପ୍ୟାକ୍ସ କର୍ମଚାରୀ, ନିୟନ୍ତ୍ରିତ ବଜାର କମିଟି କର୍ମକର୍ତ୍ତା, ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ, ଯୋଗାଣ ବିଭାଗ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।ଶେଷରେ ଡିଆରସିଏସ ସୁନୀତା ପତି ଧନ୍ୟବାଦ ଅର୍ପଣ କରିଥିଲେ।

ମହିଳା ପ୍ରିମିୟର ଲିଗ୍ ଅକ୍ସନ

# ଦୀପ୍ତି ଶର୍ମା ସବୁଠାରୁ ମହଙ୍ଗା ଖେଳାଳି

**ନୂଆଦିଲ୍ଲୀ, ୨୭।୧୧:** ମହିଳା ପ୍ରିମିୟର ଲିଗ୍ ୨୦୨୬ ଲାଗି ମେଗା ନିଲାମ ହୋଇଛି । ପ୍ରଥମ ପର୍ଯ୍ୟାୟରେ ମାର୍କି ଖେଳାଳିମାନଙ୍କ ନିଲାମ ହୋଇଥିବା ଜଣାପଡ଼ିଛି । ଏହି ବର୍ଗରେ ମୋଟ ୮ ଜଣ ଖେଳାଳି ଥିଲେ । ସମସ୍ତଙ୍କୁ ନିଜ ନିଜର ଦଳ

## ଏଲିସା ହ୍ୱାଲି ଅନସୋଲ୍ଡ

ମିଳିଥିବା ବେଳେ ଆଲିସା ହିଲି ଅନସୋଲ୍ଡ ଅଛନ୍ତି । ଏହି ରାଉଣ୍ଡରେ ସବୁଠାରୁ ମହଙ୍ଗା ଖେଳାଳି ହୋଇଛନ୍ତି ଅଲରାଉଣ୍ଡର ଦୀପ୍ତି ଶର୍ମା । ତାଙ୍କୁ ୟୁପି ୱାରିୟର୍ସ ଆରଟିଏମ ବ୍ୟବହାର କରି ଦିପ୍ତୀ ଶର୍ମାଙ୍କୁ ଟିମରେ ସାମିଲ କରିଛି । ଦେଖନ୍ତୁ, କେଉଁ ଦଳ ୭ ଜଣ ମାର୍କି ଖେଳାଳିଙ୍କୁ କେତେ ମୂଲ୍ୟରେ କିଣିଛନ୍ତି ।

ୟୁପି ୱାରିୟର୍ସଙ୍କୁ ଫେରିବା ନେଇ ଖୁସି ପ୍ରକାଶ କରି ଦୀପ୍ତି ଶର୍ମା କହିଛନ୍ତି, 'ବହୁତ ଭଲ ଲାଗୁଛି । ମୁଁ ୟୁପିରୁ ଆସିଛି, ତେଣୁ ଏହି ଦଳ ସହିତ ମୋର ଏକ ଦୃଢ଼ ସମ୍ପର୍କ ଅଛି । ଏଠାକାର ପରିଚାଳନା ସଦସ୍ୟ ଏବଂ ସହାୟକ ବହୁତ ଭଲ । ମହିଳା ପ୍ରିମିୟର ଲିଗ୍ ମୋର ପ୍ରଦର୍ଶନକୁ ଉନ୍ନତ କରିବାରେ ମୋତେ ବହୁତ ସାହାଯ୍ୟ କରିଛି ।'

ଦୀପ୍ତି ଶର୍ମା ମହିଳା ପ୍ରିମିୟର ଲିଗ୍ ୨୦୨୬ ନିଲାମ ତାଲିକାରେ ଆଲିସା ହିଲିଙ୍କ ପଛରେ ତୃତୀୟ ସ୍ଥାନରେ ରହିଥିଲେ । ହିଲିଙ୍କୁ କୌଣସି ଦଳ ନନେବା ଏକ ଆଶ୍ଚର୍ଯ୍ୟଜନକ ଘଟଣା । କାରଣ ଆଲିସା ହିଲି ମହିଳା ବିଶ୍ୱକପରେ ଖୁବ ଭଲ ପ୍ରଦର୍ଶନ କରିଥିଲେ । ସେପଟେ ଦିପ୍ତୀଙ୍କୁ ନେବା ପାଇଁ ଦିଲ୍ଲୀ ପ୍ରଥମେ ଆଗ୍ରହ ଦେଖାଇ ଥିଲା । ପରେ ୟୁପି ୱାରିୟର୍ସ ତାଙ୍କ ଉପରେ ଆରଟିଏମ୍ (ଟ୍ରେଡ୍ ଟୁ ରିଟର୍ଣ୍ଣ) ବ୍ୟବହାର କରିଥିଲା । ଏହା ପରେ ଦିଲ୍ଲୀ ଏହାର ଚୂଡ଼ାନ୍ତ ମୂଲ୍ୟ ୩ କୋଟି ୨୦ ଲକ୍ଷ ଘୋଷଣା କରିଥିଲା । ୟୁପି ଆରଟିଏମ ବ୍ୟବହାର କରି ଦିପ୍ତୀଙ୍କୁ ଦଳରେ ସାମିଲ କରିଛି ।

ୟୁପି ୱାରିୟର୍ସ ମାର୍କି ରାଉଣ୍ଡରେ ତିନି ଜଣ ଖେଳାଳିଙ୍କୁ କିଣିଛି । ଯେଉଁଥିରେ ଦୀପ୍ତି ଶର୍ମା (୩.୨ କୋଟି ଟଙ୍କା), ସୋଫି ଏକ୍ଲେଷ୍ଟୋନ୍ (୮.୫ ନିୟୁତ ଟଙ୍କା) ଏବଂ ମେଗ୍ ଲାନିଙ୍ଗ୍ (୧.୯ କୋଟି ଟଙ୍କା) ସାମିଲ । ଏହି ରାଉଣ୍ଡରେ ଗୁଜରାଟ ଜାଏଣ୍ଟସ୍ ଦୁଇ ଜଣ ଖେଳାଳି (ସୋଫି ଡିଭାଇନ୍ ଏବଂ ରେଣୁକା ସିଂହ)ଙ୍କୁ ଦଳରେ ସାମିଲ କରିଛି ।




### ମାର୍କି ରାଉଣ୍ଡରେ ବିକ୍ରି ହୋଇଥିବା ଖେଳାଳି

ସୋଫି ଡିଭାଇନ୍ – ୨ କୋଟି (ଗୁଜୁରାଟ ଜାଏଣ୍ଟ୍ସ)
ଦୀପ୍ତି ଶର୍ମା – ୩.୨ କୋଟି (ୟୁପି ୱାରିୟର୍ସ)
ଏମେଲିଆ କେର – ୩କୋଟି (ମୁମ୍ବାଇ ଇଣ୍ଡିଆନ୍ସ)
ରେଣୁକା ସିଂ- ୬୦ଲକ୍ଷ (ଗୁଜୁରାଟ ଜିଆଣ୍ଟସ୍)
ସୋଫି ଏକ୍ଲେଷ୍ଟନ୍ – ୮୫ଲକ୍ଷ (ୟୁପି ୱାରିୟର୍ସ)
ମେଗ୍ ଲାନିଙ୍ଗ୍ – ୧.୯କୋଟି (ୟୁପି ୱାରିୟର୍ସ)
ଲୋରା ୱୋଲ୍ୱାର୍ଟ - ୧.୧ କୋଟି (ଦିଲ୍ଲୀ କ୍ୟାପିଟାଲ୍ସ)

## ୩୦ରେ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ

**ଧାମନଗର, ୨୭।୧୧ (ମାନିସ):** ରାଜ୍ୟ ବ୍ୟାଡ ମିଣ୍ଟନ ଆସୋସିଏସନ୍ ଦ୍ୱାରା ଅନୁମୋଦିତ ମା ଦୁର୍ଗା ଆସୋସିଏସନ୍ ଆନୁକୁଲ୍ୟରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ୨୦୨୫ ନଭେମ୍ବର ୩୦ ରେ ୭ମ ରାଜ୍ୟ ସ୍ତରୀୟ ବ୍ୟାଡ ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଧାମନଗର ବିଜୁ ପଟ୍ଟନାୟକ ବହୁମୁଖି ଇଣ୍ଡୋର ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହେବ । ଏହି ଅବସରରେ ମା ଦୁର୍ଗା




ଆସୋସିଏସନ୍ ର କର୍ମକର୍ତ୍ତା ମାନେ ଧାମନଗର ବିଜୁ ପଟ୍ଟନାୟକ ବହୁମୁଖି ଇଣ୍ଡୋର ଷ୍ଟାଡିୟମ ପରିସରରେ ଗୁରୁବାର ଅପରାହ୍ନ ୫ ସମୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଆସୋସିଏସନ୍ ର ସଭାପତି ସଞ୍ଜୟ କୁମାର ସାଇଁ ଅଧକ୍ଷତାରେ ସମ୍ପାଦକ ଅଜିତ କୁମାର ମହାପାତ୍ର, ଉପସଭାପତି ସତ୍ୟ ନାରାୟଣ ପ୍ରଧାନ, କାର୍ଯ୍ୟକାରୀ ସଭାପତି ବିବେକାନନ୍ଦ ଜେନା, ସଂଗଠନ ସମ୍ପାଦକ ସୁବ୍ରତ କୁମାର ସାହୁ, ସହକାରୀ ସଂପାଦକ ବିକାଶ ଗୁପ୍ତା, କୋଷାଧକ୍ଷ ଗୌରବ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ । ରାଜ୍ୟର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୨୦ ଟିମ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ । ଏହି ପ୍ରତିଯୋଗିତା ଅପରାହ୍ନ ୪ ଠାରୁ ଆରମ୍ଭ ହେବ । ଏଥିରେ ପ୍ରତି ଦଳରୁ ୨ ଜଣ ଲେଖାଏଁ ଭାଗ ନେବେ । ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଧାମନଗର ବିଧାୟକ ତଥା ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତ ରାଏ, ଜିଲ୍ଲା କ୍ରୀଡ଼ା ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ବ୍ୟକ୍ତି ଉପସ୍ଥିତ ରହିବା ନେଇ ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ନୀତିନ ସାହୁ, ଦୟାନିଧି ରାଉତ, ସ୍ମୃତି ରଞ୍ଜନ ବାରିକ ପ୍ରମୁଖ ଆସୋସିଏସନ୍ ର ସଦସ୍ୟ ଉପସ୍ଥିତ ଥିଲେ ।

# ଶୋଚନୀୟ ପରାଜୟ ପରେ କ୍ଷମା ମାଗିଲେ ପନ୍ତ

**ନୂଆଦିଲ୍ଲୀ, ୨୭।୧୧:** ଶୁଭମନ ଗିଲଙ୍କ ସ୍ଥାନରେ ଗୌହାଟୀ ଟେଷ୍ଟରେ ଭାରତ ପାଇଁ ଅଧିନାୟକତ୍ୱ କରିଥିବା ରିଷଭ ପନ୍ତ ଟିମ୍ ଇଣ୍ଡିଆର ଶୋଚନୀୟ ପରାଜୟ ଉପରେ ମୁହଁ ଖୋଲିଛନ୍ତି । ସେ କହିଛନ୍ତି ଯେ ଭାରତୀୟ ଖେଳାଳି ଏହି ମୁକାବିଲାରେ ଭଲ ଖେଳ ଖେଳି ନାହାନ୍ତି । ଉଲ୍ଲେଖଯୋଗ୍ୟ ଯେ ଦ.ଆଫ୍ରିକା ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଭାରତ ୪୦୮ ରନ୍ ?ର ବିଶାଳ ବ୍ୟବଧାନରେ ପରାଜିତ ହୋଇଥିଲା । ଏହା ପୂର୍ବରୁ ଭ୍ରମଣକାରୀ ଟିମ୍ ଘରୋଇ ଦଳକୁ ପ୍ରଥମ ମୁକାବିଲାରେ ୩୦ ରନ୍‌ରେ ପରାସ୍ତ କରିଥିଲା । ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତ ୦-୨ରେ ପରାଜିତ ହୋଇଛି ।

ଭାରତର ଏହି ଲଜ୍ଜାଜନକ ପରାଜୟ ଉପରେ ଗୁରୁବାର ଉଇକେଟ୍ କିପର୍ ବ୍ୟାଟର ରିଷଭ ପନ୍ତ ଦୁଃଖ ପ୍ରକାଶ କରିଛନ୍ତି । ସେ କହିଛନ୍ତି, 'ଏହାକୁ ଅସ୍ୱୀକାର କରାଯାଇ ପାରିବ ନାହିଁ ଯେ ଆମେ ଦୁଇ ସପ୍ତାହରେ ପର୍ଯ୍ୟାପ୍ତ ଭଲ କ୍ରିକେଟ୍ ଖେଳି ନାହୁଁ । ଗୋଟିଏ ଟିମ୍ ଓ ବ୍ୟକ୍ତି ଭାବେ, ଆମେ ସବୁବେଳେ ଉଚ୍ଚ ସ୍ତରର ପ୍ରଦର୍ଶନ କରିବାକୁ ଚାହାଁନ୍ତୁ ଓ କୋଟି କୋଟି ଭାରତୀୟଙ୍କ ଚେହେରାରେ ଖୁସି ଆଣିବାରୁ ଚାହିଁଛୁ । ଏଥର ଆମେ ଆଶାନୁରୂପ ପ୍ରଦର୍ଶନ କରିପାରିଲୁ ନାହିଁ, ଏଥିପାଇଁ ଆମେ କ୍ଷମା ଚାହୁଁଛୁ । କିନ୍ତୁ ଖେଳ ଆପଣଙ୍କୁ ଗୋଟିଏ ଟିମ୍ ଭାବେ ଓ ବ୍ୟକ୍ତିଗତ ଭାବେ ଶିଖିବା, ଗ୍ରହଣ କରିବା ଓ ଆଗକୁ ବଢ଼ିବା ଶିଖାଇଥାଏ । ପନ୍ତ ଲେଖିଛନ୍ତି, 'ଭାରତର ପ୍ରତିନିଧିତ୍ୱ କରିବା ଆମ ପାଇଁ ଜୀବନର ସବୁଠୁ ବଡ଼ ସମ୍ମାନ । ଆମେ ଜାଣିଛୁ ଯେ ଏହି ଟିମ୍ କ'ଣ କରିବା ପାଇଁ ସକ୍ଷମ ଓ ଆମେ କଠିନ ପରିଶ୍ରମ କରିବୁ, ପୁଣିଥରେ ସଂଗଠିତ ହେବୁ, ଫୋକସ କରିବୁ ଓ ରିସେଟ୍ କରି ଗୋଟିଏ ଟିମ୍ ଓ ବ୍ୟକ୍ତିତ୍ୱ ଭାବେ ପୂର୍ବଠାରୁ ବି ଉନ୍ନତ ଓ ମଜଭୁତ ହୋଇ ଫେରିବୁ ।'ଆପଣଙ୍କ ଅତୁଟ ସମର୍ଥନ ଓ ଭଲପାଇବା ପାଇଁ ଧନ୍ୟବାଦ ! ଜୟ ହିନ୍ଦ ।



# ୨୦୨୭ ବିଶ୍ୱକପ୍ ଯାଏଁ କୋଚ୍ ରହିବେ ଗମ୍ଭୀର: ବିସିସିଆଇ

**ନୂଆଦିଲ୍ଲୀ, ୨୭।୧୧:** ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜରେ ପରାଜୟ ପରେ ଗୌତମ ଗମ୍ଭୀରଙ୍କୁ ନେଇ ଅନେକ ସମାଲୋଚନା କରାଯାଉଥିଲା, କିନ୍ତୁ ବର୍ତ୍ତମାନ ବିସିସିଆଇ (ବିସିସିଆଇ) ସ୍ପଷ୍ଟ କରିଛି ଯେ ଗମ୍ଭୀର ଟିମ୍ ଇଣ୍ଡିଆର କୋଚ୍ ପଦରେ ବଜାୟ ରହିବେ । ସୂତ୍ର ଅନୁସାରେ, ତାଙ୍କର ଚୁକ୍ତି ୨୦୨୭ ବିଶ୍ୱକପ୍ ପର୍ଯ୍ୟନ୍ତ ରହିବ । ବିସିସିଆଇ ଖେଳାଳି ଏବଂ କୋଚଙ୍କ ଉପରେ ନିଜର ଭରସା କାଏମ ରଖିବ । ତେବେ ରିପୋର୍ଟ ଅନୁଯାୟୀ, ଦଳର ଖରାପ ପ୍ରଦର୍ଶନକୁ ନେଇ ବୋର୍ଡ ଶୀଘ୍ର ଆଲୋଚନା କରିବ ଏବଂ କୋଚ୍‌ଙ୍କ ସହ ଏକ ବୈଠକ କରି ଦଳର ପ୍ରଦର୍ଶନରେ ସୁଧାର ଆଣିବାକୁ ଜରୁରୀ ନିଷ୍ପତ୍ତି ନିଆଯିବ ।

ଭାରତ କ୍ରମାଗତ ଭାବେ ଦ୍ୱିତୀୟ ଘରୋଇ ଟେଷ୍ଟ ସିରିଜ୍ ହାରିବା ପରେ ଗମ୍ଭୀରଙ୍କ ଭବିଷ୍ୟତ ନେଇ ଚର୍ଚ୍ଚା ଜୋର ଧରିଥିଲା । କିଛି ରିପୋର୍ଟରେ ଦାବି କରାଯାଇଥିଲା ଯେ ଭିଭିଏସ୍ ଲକ୍ଷ୍ମଣ ତାଙ୍କ ସ୍ଥାନ ନେଇପାରନ୍ତି । କିନ୍ତୁ ବିସିସିଆଇ କହିଛି, 'ଆମେ ବର୍ତ୍ତମାନ ଗୌତମ ଗମ୍ଭୀରଙ୍କୁ ବଦଳାଇବା କଥା ଭାବୁନାହୁଁ, ସେ ଦଳକୁ ପୁନର୍ଗଠନ କରୁଛନ୍ତି । ତାଙ୍କ ଚୁକ୍ତି ୨୦୨୭ ବିଶ୍ୱକପ୍ ପର୍ଯ୍ୟନ୍ତ ରହିଛି ।'

ସୂଚନାଯୋଗ୍ୟ ଯେ, ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତ ୨-୦ରେ ସିରିଜ୍ ହାରିଛି । କୋଲକାତାରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ଭାରତ ମାତ୍ର ୧୨୪ ରନ୍‌ର ପିଛା କରି ୩୦ ରନ୍‌ରେ ହାରିଥିଲା । ଗୁଆହାଟିରେ ୫୪୯ ରନ୍‌ର ବିସାଳ ବିଜୟ ଲକ୍ଷ୍ୟ ପିଛା କରି ମାତ୍ର ୧୪୦ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା ଟିମ୍ ଇଣ୍ଡିଆ । ୨୫ ବର୍ଷ ପରେ ଭାରତରେ ଟେସ୍ ସିରିଜ୍ ଜିତିଛି ଦକ୍ଷିଣ ଆଫ୍ରିକା ଦଳ । ଯାହା ପରେ ଗମ୍ଭୀରଙ୍କ କୋଚିଂକୁ ନେଇ ପ୍ରଶ୍ନ ଉଠିଥିଲା । ଗମ୍ଭୀର ଖୋଦ୍ କହିଥିଲେ ମୋ ଭବିଷ୍ୟତ ନିଷ୍ପତ୍ତି ବିସିସିଆଇ ନେବ ।

ଗମ୍ଭୀରଙ୍କ ପାଇଁ ବାହାରିଲେ ଗାଭାସ୍କର

# କହିଲେ- 'ଆଗରୁ ସବୁ କେଉଁଠି ଥିଲ ?




*ଗାଭାସ୍କର କହିଛନ୍ତି ଯେ, ଗମ୍ଭୀରଙ୍କ ନେତୃତ୍ୱରେ ଭାରତ ଚାମ୍ପିଅନ୍ସ ଟ୍ରଫି ଜିତିଛି । ଏସିଆ କପରେ ଦମଦାର ବିଜୟ ହାସଲ କରିଛି । ଏଥିପାଇଁ ତାଙ୍କୁ କେହି ପ୍ରଶଂସା କରୁ ନାହାଁନ୍ତି ।*

**ନୂଆଦିଲ୍ଲୀ, ୨୭।୧୧:** ଦକ୍ଷିଣ ଆଫ୍ରିକା ବିପକ୍ଷରେ ୨-୦ରେ ଟେଷ୍ଟ ସିରିଜ ହାରିଛି ଭାରତ । ଗୌହାଟୀରେ ଖେଳାଯାଇଥିବା ମୁକାବିଲାରେ ଟିମ୍ ଇଣ୍ଡିଆ ୪୦୮ ରନରେ ଲଜ୍ଜାଜନକ ପରାସ୍ତ ହୋଇଛି । ଯାହା ଇତିହାସରେ କେବେ ହୋଇନଥିଲା । ଦଳର ପରାଜୟ ପରେ କୋଚ୍ ଗୌତମ ଗମ୍ଭୀରଙ୍କୁ ସମସ୍ତେ ଟାର୍ଗେଟ୍ କରୁଛନ୍ତି । ଭାରତୀୟ ଫ୍ୟାନ୍ସମାନେ ସୋସିଆଲ ମିଡିଆରେ କୋଚଙ୍କୁ ଟାର୍ଗେଟ୍ କରି ପୋଷ୍ଟ କରୁଛନ୍ତି । ଏପଟେ କିନ୍ତୁ ଗମ୍ଭୀରଙ୍କ ପାଇଁ ବାହାରିଛନ୍ତି ପୂର୍ବତନ କ୍ରିକେଟର ସୁନିଲ ଗାଭାସ୍କର ।

ଗାଭାସ୍କର କହିଛନ୍ତି ଯେ, ଗମ୍ଭୀରଙ୍କ ନେତୃତ୍ୱରେ ଭାରତ ଚାମ୍ପିଅନ୍ସ ଟ୍ରଫି ଜିତିଛି । ଏସିଆ କପରେ ଦମଦାର ବିଜୟ ହାସଲ କରିଛି । ଏଥିପାଇଁ ତାଙ୍କୁ କେହି ପ୍ରଶଂସା କରୁ ନାହାଁନ୍ତି । କେବଳ ଘରୋଇ ମାଟିରେ ଟେଷ୍ଟ ସିରିଜ୍ ପରାଜୟ ପାଇଁ ଗମ୍ଭୀରଙ୍କୁ ଦାୟୀ କରାଯିବା ଠିକ୍ ନୁହେଁ ।

ସେ ଆହୁରି କହିଛନ୍ତି ଯେ, ଗୌତମ ଜଣେ କୋଚ୍ । ଯିଏକି ଦଳକୁ ପ୍ରସ୍ତୁତ କରିଥାନ୍ତି । ଗମ୍ଭୀରଙ୍କ ପାଖରେ ଅଭିଜ୍ଞତା ରହିଛି । ଯେତେବେଳେ ଭାରତ ଚାମ୍ପିଅନ ହେଉଥିଲା ସେତେବେଳେ ଫ୍ୟାନ୍ସମାନେ କେଉଁଠି ଥିଲେ ବୋଲି ଗାଭାସ୍କର ପ୍ରଶ୍ନ କରିଛନ୍ତି । ଗମ୍ଭୀର କୋଚ୍ ହୋଇ ରହିବାରେ କିଛି ଅସୁବିଧା ନାହିଁ । ସେ ତିନୋଟି ଫର୍ମାଟରେ କୋଚ୍ ଦାୟିତ୍ୱ ତୁଲାଇବେ । ଇଂଲଣ୍ଡ ଟିମ୍ ସେମିତି ଚାଲିଛି । ଦଳ ଭଲ ପ୍ରଦର୍ଶନ ମଧ୍ୟ କରୁଛି । ତେଣୁ ଗମ୍ଭୀରଙ୍କୁ ହଟାଇବା ଠିକ୍ ନୁହେଁ ।

ସୂଚନାଯୋଗ୍ୟ, ଗମ୍ଭୀର ଭାରତୀୟ ଦଳର କୋଚ୍ ହେଲା ପରେ ଟେଷ୍ଟରେ ଦଳର ପ୍ରଦର୍ଶନ ଅତି ଖରାପ ରହିଛି । ଦଳ ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ଏବଂ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଶୋଚନୀୟ ପରାସ୍ତ ହୋଇଛି । ଯାହାକୁ ନେଇ ଅନେକ କ୍ରିକେଟରଙ୍କ ସହ ଫ୍ୟାନ୍ସମାନେ ପ୍ରଶ୍ନ କରିଛନ୍ତି । ତାଙ୍କୁ ହଟାଇବା ପାଇଁ ମଧ୍ୟ ସୋସିଆଲ ମିଡିଆରେ ଦାବି ହେଉଛି ।

ମୁହଁ ଖୋଲିଲେ ମିଷ୍ଟ୍ରି ଗର୍ଲ

# ମନ୍ଧାନାଙ୍କୁ ଧୋକା ଦେଇ ନାହାନ୍ତି ମୁଚ୍ଛଲ

*ଇନଷ୍ଟାଗ୍ରାମରେ ଶେୟାର କରାଯାଇଥିବା ଏକ ନୋଟରେ ମେରୀ ଡି'କୋଷ୍ଟା ଲେଖିଛନ୍ତି, 'ପ୍ରଥମ ଚାଟ ଏପ୍ରିଲ ୨୯ ରୁ ମେ ୩୦, ୨୦୨୫ ମଧ୍ୟରେ ହୋଇଥିଲା, ଅର୍ଥାତ୍ ଆମର କେବଳ ଗୋଟିଏ ମାସ ପାଇଁ ଯୋଗାଯୋଗ ଥିଲା । ମୁଁ ସ୍ପଷ୍ଟ କରିବାକୁ ଚାହୁଁଛି ଯେ ମୁଁ ତାଙ୍କୁ କେବେ ଦେଖିନାହିଁ କିମ୍ବା ତାଙ୍କ ସହିତ କେବେ କୌଣସି ପ୍ରକାରେ ଜଡିତ ନଥିଲା ।*

**ନୂଆଦିଲ୍ଲୀ, ୨୭।୧୧:** ଭାରତୀୟ ମହିଳା କ୍ରିକେଟ ଦଳର ଉପ-ଅଧିନାୟିକା ତଥା ଷ୍ଟାର କ୍ରିକେଟର ସ୍ମୃତି ମନ୍ଧାନା ଏବଂ ସଂଗୀତ ନିର୍ଦ୍ଦେଶକ ପଲାଶ ମୁଚ୍ଛଲଙ୍କ ବିବାହ ସ୍ଥଗିତ ହେବା ପରେ, ଅନେକ କଳ୍ପନାଜଳ୍ପନା ଆରମ୍ଭ ହୋଇଛି ।

ପଲାଶ ମୁଚ୍ଛଲଙ୍କ ବିରୁଦ୍ଧରେ ସୋସିଆଲ ମିଡିଆରେ ସ୍ମୃତି ମନ୍ଧାନାଙ୍କୁ ଠକିଥିବା ଅଭିଯୋଗ ମଧ୍ୟ କରାଯାଉଛି । ଏହି ସମ୍ପୂର୍ଣ୍ଣ କାହାଣୀ ସ୍ମୃତି ମନ୍ଧାନା ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରୁ ବିବାହ ସମ୍ପର୍କିତ ପୋଷ୍ଟ ଡିଲିଟ କରିବା ସହିତ ଆରମ୍ଭ ହୋଇଥିଲା । ପଲାଶ ମୁଚ୍ଛଲଙ୍କ ମ୍ୟାରୀ ଡି'କୋଷ୍ଟା ନାମକ ଜଣେ ରହସ୍ୟମୟ ମହିଳାଙ୍କ ସହ ଚାଟ ଲିକ ହୋଇଯାଇଥିଲା, ଯାହା ଫଳରେ ପଲାଶ ସ୍ମୃତିଙ୍କୁ ଠକିଥିବାର ଅନୁମାନ କରାଯାଉଥିଲା । ମେରୀ ଡି'କୋଷ୍ଟା ଏବେ ତାଙ୍କର ନୀରବତା ଭାଙ୍ଗିଛନ୍ତି, ପ୍ରକାଶ କରିଛନ୍ତି ଯେ ସେ କେବେ ପଲାଶଙ୍କୁ ଭେଟି ନଥିଲେ ।

ପ୍ରକୃତରେ, ସ୍ମୃତି ମନ୍ଧାନା ଏବଂ ପଲାଶ ମୁଚ୍ଛଲଙ୍କ ବିବାହ (ସ୍ମୃତି ମନ୍ଧାନା-ପଲାଶ ମୁଚ୍ଛଲଙ୍କ ବିବାହ ସ୍ଥଗିତ) ୨୩ ନଭେମ୍ବର, ୨୦୨୫ ରେ ହେବାର ଥିଲା, କିନ୍ତୁ କ୍ରିକେଟରଙ୍କ ବାପା ସାମାନ୍ୟ ହୃଦଘାତର ଶିକାର ହୋଇଥିଲେ, ଯାହା ଫଳରେ ବିବାହ ସ୍ଥଗିତ ରଖିବାକୁ ବାଧ ହୋଇଥିଲା । ସ୍ଥଗିତ ହେବା ପରେ, ବିଭିନ୍ନ ରିପୋର୍ଟ ପ୍ରକାଶ ପାଇବା ଆରମ୍ଭ ହୋଇଥିଲା । କେତେକ ଦାବି କରିଥିଲେ ଯେ ଦୁହେଁ ଭାଙ୍ଗି ପଡ଼ିଛନ୍ତି, ଯେତେବେଳେ ଅନ୍ୟମାନେ ଦାବି କରିଥିଲେ ଯେ ପଲାଶ ସ୍ମୃତିଙ୍କୁ ଠକିଛନ୍ତି । ଏହି ସମୟରେ, ଜଣେ ରହସ୍ୟମୟ ମହିଳାଙ୍କ ସହିତ ଜଡିତ ଏକ ଚାଟ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା । ମେରୀ ଡି'କୋଷ୍ଟା ଏବଂ ପଲାଶ ନାମକ ଜଣେ ୟୁଜର୍ସଙ୍କ ମଧ୍ୟରେ ହୋଇଥିବା କଥିତ ଚାଟ ପ୍ରକାଶ ପାଇଥିଲା, ଯାହା ବିଶ୍ୱାସଘାତକତାର ଅନୁମାନକୁ ଆହୁରି ଖୋରାକ ଯୋଗାଇଥିଲା ।

ପଲାଶ ଏବଂ ଜଣେ କୋରିଓଗ୍ରାଫରଙ୍କ ମଧ୍ୟରେ ହୋଇଥିବା ଅଭିଯୋଗ ହୋଇଥିବା କଥା କୁହାଯାଉଛି । ତଥାପି, ଏହି ଭାଇରାଲ ଚାଟ ନିଶ୍ଚିତ ହୋଇନାହିଁ । ପରିବାରର କେହି ଏହି ଚାଟ ଉପରେ ପ୍ରତିକ୍ରିୟା ଦେଇ ନଥିଲେ, ବରଂ ପଲାଶଙ୍କ ଚାଟ ସାମ୍ନାକୁ ଆସିଥିବା ରହସ୍ୟମୟ ମହିଳା ପ୍ରତିକ୍ରିୟା ଦେଇଥିଲେ ।

ମେରୀ ତାଙ୍କ ଆକାଉଣ୍ଟରୁ ସମସ୍ତ ପୋଷ୍ଟ ଡିଲିଟ କରି ଲେଖିଥିଲେ, 'କଥା ହେଉଛି, ମୁଁ ତାଙ୍କୁ କେବେ ଭେଟି ନଥିଲି ।' ଇନଷ୍ଟାଗ୍ରାମରେ ଶେୟାର କରାଯାଇଥିବା ଏକ ନୋଟରେ ମେରୀ ଡି'କୋଷ୍ଟା ଲେଖିଛନ୍ତି, 'ପ୍ରଥମ ଚାଟ ଏପ୍ରିଲ ୨୯ ରୁ ମେ ୩୦, ୨୦୨୫ ମଧ୍ୟରେ ହୋଇଥିଲା, ଅର୍ଥାତ୍ ଆମର କେବଳ ଗୋଟିଏ ମାସ ପାଇଁ ଯୋଗାଯୋଗ ଥିଲା । ମୁଁ ସ୍ପଷ୍ଟ କରିବାକୁ ଚାହୁଁଛି ଯେ ମୁଁ ତାଙ୍କୁ କେବେ ଦେଖିନାହିଁ କିମ୍ବା ତାଙ୍କ ସହିତ କେବେ କୌଣସି ପ୍ରକାରେ ଜଡିତ ନଥିଲା । ଲୋକମାନେ ପଚାରୁଛନ୍ତି, ତୁମେ ଏବେ ଏହା ବିଷୟରେ କାହିଁକି କହୁଛ ?' ସତ୍ୟ ହେଉଛି ମୁଁ ପ୍ରକୃତରେ ଜୁଲାଇରେ ତାଙ୍କୁ ପ୍ରକାଶ କରିଥିଲି, କିନ୍ତୁ ସେତେବେଳେ କେହି ଜାଣି ନଥିଲେ ଯେ ସେ କିଏ, ତେଣୁ ଏହା ଅଣଦେଖା ହୋଇଗଲା ।



■ କୁମାରବସ୍ତ ଲୋକନାଥଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ମୁକୁନ୍ଦପ୍ରସାଦ ଓ ମଞ୍ଚେଶ୍ୱର ବିଜୟୀ

**ଖୋର୍ଦ୍ଧା, ୨୭।୧୧:** ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ଖେଳପଡିଆ ଠାରେ ରାଇଜିଙ୍ଗଷ୍ଟାର କ୍ରିକେଟ କ୍ଲବ, କୁମାରବସ୍ତ ଆନୁକୂଲ୍ୟରେ ଲୋକନାଥଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟ ର ପ୍ରଥମ ମ୍ୟାଚରେ ମୁକୁଣ୍ଡପ୍ରସାଦ ଦଳ ସୁଆଙ୍ଗ ଦଳ କୁ ୩ ୱିକେଟରେ ପରାସ୍ତ କରିଛି । ସୁଆଙ୍ଗ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭର ରେ ୧୨୩ ରନ୍ ସଂଗ୍ରହ କରି ଅଲ ଆଉଟ୍ ହେଇ ଯାଇଥିଲା । ମୁକୁନ୍ଦପ୍ରସାଦ ର ଅସଲମ୍ ଖାନ ୫ ଟି ୱିକେଟ ଦଖଲ କରିଥିଲେ । ଜବାବ ରେ ମୁକୁନ୍ଦପ୍ରସାଦ ଦଳ ୧୫ ଓଭର ରେ ଆବଶ୍ୟକ ୧୨୫ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା ।ଶ୍ରେଷ୍ଠ ଖେଳାଳି ଅସଲମ୍ ଖାନ ଙ୍କୁ ସମାଜସେବୀ ରବୀନ୍ଦ୍ର ପ୍ରଧାନ ପୁରସ୍କୃତ କରିଥିଲେ । ଦ୍ୱିତୀୟ ମ୍ୟାଚ (ନନ ଆଧାର) ଟସ୍ ରେ ବିଜୟ ଲାଭ କରି ମଞ୍ଚେଶ୍ୱର ଦଳ ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତି ନେଇଥିଲା ।ପ୍ରଥମେ ବ୍ୟାଟିଂ କରି ମଞ୍ଚେଶ୍ୱର୍ ଦଳ ନିର୍ଦ୍ଧାରିତ ୨୦ ଓଭର ରୁ ୭ ୱିକେଟ ହରାଇ ୧୮୯ ରନ ସଂଗ୍ରହ କରିଥିଲେ ।ଦଳ ପକ୍ଷରୁ ଅରବିନ୍ଦ ସିଂହ ୪୬ ରନ୍ ସଂଗ୍ରହ କରିଥିଲେ । ଜବାବରେ ଅଟ୍ରି ଦଳ ନିର୍ଦ୍ଧାରିତ ୧୫ ଓଭର ରେ ସମସ୍ତ ୱିକେଟ ହରାଇ ୧୨୭ ରନ୍ ରେ ସିମିତ ରହିଥିଲା ।ମଞ୍ଚେଶ୍ୱର୍ ଦଳ ମ୍ୟାଚ୍ କୁ ୭୨ ରନ୍ ରେ ଜିତିନେଇଥିଲା ।ଦଳ ପକ୍ଷରୁ ବିବେକ ସାହୁ ୩ ଟି ୱିକେଟ ନେଇ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇ ସମାଜସେବୀ ପ୍ରିତିରଞ୍ଜନ ବିଜୟସିଂ ଙ୍କ ଠୁ ପୁରସ୍କାର ଗ୍ରହଣ କରିଥିଲେ । ଖେଳଟିକୁ ପରିଚାଳନା କରୁଥିଲେ ସାନୁଜ ବିଶ୍ୱାଳ, ତୁଷାର କାନ୍ତ ସୁନ୍ଦରାୟ ଓ ରୀୟାଜତ ଅଲି । ସ୍କୋରର ଦାୟିତ୍ୱରେ ପ୍ରକାଶ ସାହୁ,ଅଭିଜିତ ସାମନ୍ତରାୟ,ସୂର୍ଯ୍ୟ ପ୍ରତାପ ଗଜେନ୍ଦ୍ର ଓ ତାରାପ୍ରସାଦ ରାଉତରାୟ ରହିଥିଲେ । ଭାଷ୍ୟକାର ଭାବେ ଅବ୍ୟକ୍ତ ହରିହର ଖାଡ଼ଙ୍ଗା,ପ୍ରଶାନ୍ତ ନାଟୁଆ ଓ ଅମୀୟ ପ୍ରଧାନ କାର୍ଯ୍ୟ କରିଥିଲେ । କାଜଲ ବଳିୟାର ସିଂ ମ୍ୟାଚ ରେଫରୀ ଦାୟିତ୍ୱ ତୁଲାଇଥିଲେ । ଆସନ୍ତାକାଲି ତଥା ଗୁରୁବାର ପ୍ରଥମ ମ୍ୟାଚ୍ ଯାଆଁଳା ବନାମ ଯଦୁପୁର ଏବଂ ଦ୍ୱିତୀୟ ମ୍ୟାଚ ମେଣ୍ଢାଶାଳ ବନାମ କୁମାରବସ୍ତ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ଦୁର୍ଯ୍ୟୋଧନ ସୁଚନା ଜଣାଇଛନ୍ତି ।



# ଡବ୍ଲ୍ୟୁଟିସି ପଏଣ୍ଟ ଟେବୁଲରେ ପାକିସ୍ତାନଠାରୁ ବି ପଛରେ ଭାରତ

**ନୂଆଦିଲ୍ଲୀ, ୨୭।୧୧:** ଘରୋଇ ମାଟି ଭାରତୀୟ କ୍ରିକେଟ ପାଇଁ ଅଭେଦ୍ୟ ଦୁର୍ଗ ବୋଲି ବିବେଚନା କରାଯାଉଥିଲା, କିନ୍ତୁ ବର୍ତ୍ତମାନ ସେହି ଦୁର୍ଗରେ ଫାଟ ପଡ଼ିଛି । ୬୬ ବର୍ଷ ପରେ ପ୍ରଥମ ଥର ପାଇଁ ଭାରତ ସାତଟି ଘରୋଇ ଟେଷ୍ଟ ମ୍ୟାଚ୍ରୁ ୫ଟିରେ ହାରିଛି । ଏହି ପରାଜୟ କେବଳ ସ୍କୋର ବୋର୍ଡରେ ସୀମିତ ନୁହେଁ, ବରଂ ଦଶନ୍ଧି ଧରି ଟିମ୍ ଇଣ୍ଡିଆକୁ ବିଶ୍ୱ ସ୍ତରରେ ସମ୍ମାନ ଦେଇଥିବା ଆତ୍ମବିଶ୍ୱାସର କ୍ଷୟ । ବୁଧବାର ଦ୍ୱିତୀୟ ଏବଂ ଶେଷ ଟେଷ୍ଟରେ ଦକ୍ଷିଣ ଆଫ୍ରିକା ଭାରତକୁ ୪୦୮ ରନରେ ପରାସ୍ତ କରିଛି, ଯାହା ଭାରତୀୟ କ୍ରିକେଟ ଇତିହାସରେ ସବୁଠାରୁ ବଡ଼ ପରାଜୟ । ଏହା ସହିତ, ଦକ୍ଷିଣ ଆଫ୍ରିକା ୨-୦ରେ ସିରିଜ ଜିତିଛି, ଯାହା ୨୫ ବର୍ଷ ମଧ୍ୟରେ ଭାରତରେ ପ୍ରଥମ ଟେଷ୍ଟ ସିରିଜ ବିଜୟ । ତେବେ ଏହି ପରାଜୟ ପରେ ବି ରୋହିତଙ୍କୁ ହେଡ୍ କୋଚ୍ ପଦବୀରୁ ବାହାର କରାଯିବନି । ସେ ୨୦୨୭ ପର୍ଯ୍ୟନ୍ତ ଏହି ପଦବୀରେ ରହିବେ ବୋଲି ଭାରତୀୟ କ୍ରିକେଟ କନଟ୍ରୋଲ ବୋ ବା ବିସିସିଆଇର ଜଣେ ବରିଷ୍ଠ ଅଧିକାରୀ ସ୍ପଷ୍ଟ କରିଛନ୍ତି ।

ଭାରତୀୟ କ୍ରିକେଟ୍ ଯେଉଁ ପରିସ୍ଥିତି ଦେଇ ଗତି କରୁଛି ତାହା ବିଷୟରେ ଆଶଙ୍କା ଏବେ ବାସ୍ତବତାରେ ପରିଣତ ହୋଇଛି । ଯେଉଁ ପିଚ୍ ରେ ଭାରତୀୟ ସ୍ପିନରମାନେ ବର୍ଷ ବର୍ଷ ଧରି ଯାଦୁ କରି ଆସିଛନ୍ତି, ସେଠାରେ ଦକ୍ଷିଣ ଆଫ୍ରିକାର ବୋଲରମାନେ ବିପର୍ଯ୍ୟୟ ଘଟାଇଛନ୍ତି । ଏହା ହେଉଛି ଭାରତ, ଯାହାର ବ୍ୟାଟିଂ ପରମ୍ପରା ବିଶ୍ୱକୁ ସ୍ପିନ୍ କିପରି ଖେଳିବା ଦରକାର ଶିଖାଇଛି, କିନ୍ତୁ ଏଥର, ନିଜ ଘରେ

### ଗମ୍ଭୀରଙ୍କ କୋଚିଂରେ ଟିମ୍ ଇଣ୍ଡିଆ ଉପରେ ସଙ୍କଟ

କାହାଣୀ ଓଲଟା ହୋଇଯାଇଛି । ଏହି ଲଜ୍ଜାଜନକ ପରାଜୟକୁ କେବଳ ଏକ ପରାଜୟ କହିବା ଠିକ୍ ହେବ ନାହିଁ । ଏହା ଆତ୍ମସମର୍ପଣ ଥିଲା । ଫିଲ୍ଡରେ ପ୍ଲାନିଂ, ଟେକ୍ନୋଲୋଜି ଏବଂ ଆତ୍ମବିଶ୍ୱାସର ଅଭାବ । ପ୍ରତ୍ୟେକ ଦିଗ ଟିମ୍‌ର ଦୁର୍ବଳତାକୁ ସ୍ପଷ୍ଟ ଭାବରେ ଦେଖାଉଛି । ଟିମ୍‌ର ମେରୁଦଣ୍ଡ ହଠାତ ଦୁର୍ବଳ ହୋଇପଡିଥିଲା, ଯାହାଫଳରେ ଘରୋଇ ଦୁର୍ଗ ଭୁଶୁଡି ପଡିଥିଲା । ବିରାଟ କୋହଲି, ରୋହିତ ଶର୍ମା ଏବଂ ଚେତେଶ୍ୱର ପୂଜାରାଙ୍କ ପରି ଖେଳାଳି ଯିବା ଦଳ ଲଜ୍ଜାଜନକ ପରାଜୟର ସମ୍ମୁଖୀନ ହୋଇଥିଲା । ଅଭିଜ୍ଞ ଖେଳାଳିଙ୍କ ମାର୍ଗଦର୍ଶନ ବିନା ଯୁବ ଖେଳାଳିମାନେ ସଂଘର୍ଷ କରିଥିଲେ ଏବଂ ପ୍ରତିପକ୍ଷ ଦଳ ଏହି ଦୁର୍ବଳତାର ଲାଭ ଉଠାଇଥିଲେ ।

ଏହି ପରାଜୟ ଗୌତମ ଗମ୍ଭୀରଙ୍କ କାର୍ଯ୍ୟକାଳରେ ସଙ୍କଟକୁ ଆହୁରି ଘନିଷ୍ଠ କରିଥାଏ । ଭାରତ ଏବେ ଘରୋଇ ସ୍ତରରେ ଲଗାତାର ଦୁଇଟି କ୍ଲିନ୍ ସୁଇପ୍ ପାଇଛି ୨୦୨୪ ରେ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ୦-୩ ଏବଂ ବର୍ତ୍ତମାନ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୦-୨ ରେ ପରାଜୟ । ଛଅ ଦଶନ୍ଧି ମଧ୍ୟରେ ଏହା ପ୍ରଥମ ଥର ଯେ ଭାରତ ଘରୋଇ ସ୍ତରରେ ଏହାର ସାତଟି ଟେଷ୍ଟ ମଧ୍ୟରୁ ପାଞ୍ଚଟିରେ ହାରିଛି । ଏହା କେବଳ ଖରାପ ଫର୍ମକୁ ନୁହେଁ, ବରଂ ଆତ୍ମବିଶ୍ୱାସ ଏବଂ ମାନସିକ ଶକ୍ତିର ଗଭୀର ସଙ୍କଟକୁ ଇଙ୍ଗିତ କରେ । ଭାରତୀୟ କ୍ରିକେଟ୍ ପ୍ରଶଂସକଙ୍କ ପାଇଁ, ଏହା କେବଳ ଚିନ୍ତା ଏବଂ ହତାଶାର ସମୟ ନୁହେଁ, ବରଂ ଚେତାବନୀ ଏବଂ ପରିବର୍ତ୍ତନ ପାଇଁ ଆହ୍ୱାନର ସମୟ । ରଣନୀତି, କୌଶଳ ଏବଂ ଆତ୍ମବିଶ୍ୱାସ ବ୍ୟବହାର କରି ଅଭିଜ୍ଞତା ଏବଂ ଯୁବଶକ୍ତିକୁ ସନ୍ତୁଳିତ କରି ଦଳକୁ ଘରୋଇ ଏବଂ ଅନ୍ତର୍ଜାତୀୟ ସ୍ତରରେ ନିଜର ପ୍ରାଧାନ୍ୟ ପୁନଃସ୍ଥାପିତ କରିବାକୁ ପଡିବ । ଏହାପରେ ଭାରତର ଘରୋଇ ଦୁର୍ଗ ପୁଣି ଥରେ ଅଭେଦ୍ୟ ହେବ । ଗମ୍ଭୀର କୋଚିଂରେ ଭାରତ ଏପର୍ଯ୍ୟନ୍ତ ୧୯ଟି ଟେଷ୍ଟ ମ୍ୟାଚ୍ ଖେଳିଛି । ଯେଉଁଥିରୁ ୭ଟି ଜିତିଥିବା ବେଳେ ୧୦ଟି ହାରିଛି ଏବଂ ୨ଟି ଡ୍ର' ରହିଛି । ବିଜୟର ପ୍ରତିଶତ କେବଳ ମାତ୍ର ୩୬.୮୨% ରହିଛି, ଯାହାକି ସ୍ପଷ୍ଟ କରୁଛି ଯେ, ଟିମ୍ ସଠିକ୍ ଦିଗ ପାଇବାରେ ବିଫଳ ହୋଇଛି । କେବଳ ସେତିକି ନୁହେଁ ଖେଳାଳିଙ୍କ ବ୍ୟକ୍ତିଗତ କ୍ଷମତା ଏବଂ ଟିମ୍‌ର ପ୍ରଦର୍ଶନ ପର୍ଯ୍ୟାପ୍ତ ନୁହେଁ । ପିଚ୍‌ର ସ୍ଥିତି, ରଣନୀତିର ଅଭାବନ ଓ ମାନସିକ ଚାପ ଘରୋଇ ଦୁର୍ଗକୁ ଦୁର୍ବଳ କରିଦେଇଛି । ଗମ୍ଭୀରଙ୍କ କୋଚିଂ ରେକର୍ଡ ହ୍ୱାଇଟ୍ ବଲ୍ ଓ ରେଡ୍ ବଲ୍ ଉଭୟରେ ଭିନ୍ନ ରହିଛି । ହ୍ୱାଇଟ୍ ବଲ୍ କ୍ରିକେଟରେ ଗମ୍ଭୀରଙ୍କ କୋଚିଂ ପ୍ରଭାବଶାଳୀ ରହିଛି । କିନ୍ତୁ ଟେଷ୍ଟରେ ତାଙ୍କ ପ୍ରଦର୍ଶନ ଖରାପ ରହିଛି । ତେବେ ଏହି ପରାଜୟ ପରେ ବି ରୋହିତଙ୍କୁ ହେଡ୍ କୋଚ୍ ପଦବୀରୁ ବାହାର କରାଯିବନି । ସେ ୨୦୨୭ ପର୍ଯ୍ୟନ୍ତ ଏହି ପଦବୀରେ ରହିବେ ବୋଲି ଭାରତୀୟ କ୍ରିକେଟ କନଟ୍ରୋଲ ବୋଡ ବା ବିସିସିଆଇର ଜଣେ ବରିଷ୍ଠ ଅଧିକାରୀ ସ୍ପଷ୍ଟ କରିଛନ୍ତି ।



Edited, Printed & Published by Salila Kar on behalf of Matrubhasa Prachar Samittee, Printed at Nijukti Khabar Prakashan, TS3/193, Mancheswar Industrial Estate, Bhubaneswar-751010 and Published from Sarthak Palace, Plot No - 1570/1571, Sector - 6, CDA, Bidanasi, Cuttack - 753014

Ph : 0671-2506673, 0671-2503911
Fax - 0671-2503244

ସମ୍ପାଦିକା : ସଲୀଳା କର
Editor : Salila Kar